ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ............

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବାଲେଶ୍ୱର ■ ରବିବାର ୨୧ ଜାନୁଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 21 JANUARY 2024
Vol.No. 35 ■ No.21 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

## ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଇଁ ଭବ୍ୟ ପ୍ରସ୍ତୁତି

### ଯୋଗଦେବେ ୫୪ଟି ଦେଶର ଶହେ ପ୍ରତିନିଧି



ଅଯୋଧ୍ୟା, ୨୦/୧ : ଏବେ ରାମମୟ ଅଯୋଧ୍ୟା ନଗରୀ। ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଇଁ ଜୋରସୋରରେ ପ୍ରସ୍ତୁତି ଚାଲିଛି । ପୁରା ଅଯୋଧ୍ୟା ନଗରୀ ନୂଆ ରୂପରେ ସଜେଇ ହେଉଛି । ଯେପରି ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ସୁରୁଖୁରୁରେ ଓ ଭବ୍ୟ ଆକାରରେ ସମାପନ ହେବ, ଏଥିପାଇଁ ସବୁ ଦିଗ ପ୍ରତି ନଜର ରଖାଯାଉଛି । ପ୍ରାଣପ୍ରତିଷ୍ଠା ଦିବସରେ ସାମିଲ ହେବାକୁ ଥିବା ଅତିଥିମାନଙ୍କ ତାଲିକା ନିର୍ଦ୍ଧାରିତ କରାଯାଇ ସାରିଛି । ଦେଶବିଦେଶରୁ ଅତିଥିମାନେ ଏଥିରେ ସାମିଲ ହେବେ । ବିଶ୍ୱର ବହୁ ଦେଶରୁ ହାଇପ୍ରୋଫାଇଲ ଅତିଥି ଏହି ଉତ୍ସବରେ ଉପସ୍ଥିତ ରହି ଇତିହାସର ସାକ୍ଷୀ ପାଲଟିବେ । ୫୪ଟି ଦେଶରୁ ୧୦୦ ଜଣ ହାଇପ୍ରୋଫାଇଲ ବିଦେଶୀ ଅତିଥି ଯୋଗଦେବାକୁ ସହମତି ଦେଇସାରିଛନ୍ତି । ଆମେରିକା, ବ୍ରିଟେନ, ଅଷ୍ଟ୍ରେଲିଆ, ମରିସସ୍ ଓ ଆଫ୍ରିକାର କିଛି ଦେଶର ପ୍ରତିନିଧି ଏଥିରେ ସାମିଲ ହେବେ । ବହୁ ବିଦେଶୀ ଅତିଥି ଆସୁଥିଲେ ବି ଦକ୍ଷିଣ କୋରିଆର ଅତିଥିଙ୍କ ଉପରେ ବିଶେଷ ନଜର ରହିଛି । କିମ୍-ଚୁଲ-ସୁ ପ୍ରାଣ ପ୍ରତିଷ୍ଠା ଉତ୍ସବରେ ଯୋଗଦେବେ । ▶▶ପୃଷ୍ଠା ୭

## ଗଣମାଧ୍ୟମକୁ ପରାମର୍ଶ: ରାମ ମନ୍ଦିର ସହ ଜଡିତ ମିଥ୍ୟା ଖବର ପ୍ରସାରଣଠୁ ଦୂରେଇ ରୁହନ୍ତୁ

ନୂଆଦିଲ୍ଲୀ, ୨୦/୧ : କିପରି ଶାନ୍ତିଶୃଙ୍ଖଳରେ ରାମ ଲଲାଙ୍କ ପ୍ରତିମା ସ୍ଥାପନ ହେବ, ସେଥିପାଇଁ ଆଗୁଆ ସତର୍କ କରାଇଲା କେନ୍ଦ୍ର। ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ନେଇ ଯାଞ୍ଚ କରି ଖବର ପ୍ରସାରଣ କରିବାକୁ ଗଣମାଧ୍ୟମକୁ ପରାମର୍ଶ ଦେଇଛି କେନ୍ଦ୍ର ସୂଚନା ଓ ପ୍ରସାରଣ ବିଭାଗ। ଏଥିପାଇଁ ଖବରକାଗଜ, ବେସରକାରୀ ସାଟେଲାଇଟ୍ ଟିଭି ଚ୍ୟାନେଲ, ଡିଜିଟାଲ୍ ମିଡିଆ ଏବଂ ସୋଶାଲ ମିଡିଆ ପ୍ଲାଟଫର୍ମକୁ ଏକ ପରାମର୍ଶ ଜାରି କରିଛି ବିଭାଗ। ଏଥିରେ ରାମ ମନ୍ଦିର ସହ ଜଡିତ ସମସ୍ତ ଖବରକୁ ଯାଞ୍ଚ କରି ପ୍ରସାରଣ କରିବାକୁ ପରାମର୍ଶ ଦିଆଯାଇଛି। ଯେପରି କୌଣସି ପ୍ରକାର ମିଥ୍ୟା ଏବଂ ବିଭ୍ରାନ୍ତକର ବିଷୟବସ୍ତୁ ପ୍ରକାଶନ ଏବଂ ପ୍ରସାରଣ ନହୁଏ ସେଥିପ୍ରତି ସତର୍କ ରହିବାକୁ କହିଛି। ▶▶ପୃଷ୍ଠା ୭

## ଡ୍ରଗସ୍ କଣ୍ଟ୍ରୋଲରଙ୍କ ଚେତାବନୀ: ବିନା ପ୍ରେସକ୍ରିପସନରେ ଆଣ୍ଟିବାୟୋଟିକ୍ ବିକ୍ରି କଲେ ରଦ୍ଦ ହେବ ଲାଇସେନ୍ସ



ଭୁବନେଶ୍ୱର, ୨୦/୧ (ନି.ପ୍ର): ଆଣ୍ଟିବାୟୋଟିକ୍‌ର ଅତ୍ୟଧିକ ବ୍ୟବହାର ରୋକିବାକୁ କେନ୍ଦ୍ର ସରକାର ନୂଆ ଗାଇଡଲାଇନ୍ ଆଣିବା ପରେ ଆକ୍ସନ ମୁଡକୁ ଆସି ଯାଇଛନ୍ତି ରାଜ୍ୟ ସରକାର। ଏଣିକି ବିନା ପ୍ରେସକ୍ରିପସନରେ ଆଣ୍ଟିବାୟୋଟିକ୍ ବିକ୍ରି କରି ଧରା ପଡ଼ିଲେ ମେଡିସିନ ଦୋକାନୀଙ୍କ ଲାଇସେନ୍ସ ରଦ୍ଦ ହେବ। ଏପରି କଡ଼ା ଚେତାବନୀ ଦେଇଛନ୍ତି ଡ୍ରଗସ୍ କଣ୍ଟ୍ରୋଲର ଅଶୋକ କୁମାର ପାତ୍ର। ଏଣିକି ଡାକ୍ତରମାନେ ଔଷଧ ଲେଖିବା ବେଳେ ଆଣ୍ଟିବାୟୋଟିକ୍ ଦେଲେ, କେଉଁ କାରଣ ପାଇଁ ସେମାନେ ଆଣ୍ଟିବାୟୋଟିକ୍ ଲେଖୁଛନ୍ତି, ତାହା ପ୍ରେସକ୍ରିପ୍ସନରେ ଉଲ୍ଲେଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଡ୍ରଗ୍ସ କଣ୍ଟ୍ରୋଲର କହିଛନ୍ତି, ବିନା ପ୍ରେସକ୍ରିପସନରେ କେହି ଆଣ୍ଟିବାୟୋଟିକ୍ ବିକ୍ରି କରି ପାରିବେନି। ଯଦି ବିକୁଥିବା ନେଇ ଧରାପଡ଼ନ୍ତି, ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ପଠାଯିବ। ଏପରିକି ଦରକାର ପଡ଼ିଲେ, ଲାଇସେନ୍ସ ସସପେଣ୍ଡ ଓ ରଦ୍ଦ ବି କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଦୋକାନୀମାନେ ଏଥିରେ ଖିଲାପ କଲେ ସେମାନଙ୍କୁ ପ୍ରଥମେ କାରଣ ଦର୍ଶାଅ ନୋଟିସ ଜାରି ହେଉଛି ଓ ପରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ହେଉଛି। ଆବଶ୍ୟକ ପଡିଲେ, ଲାଇସେନ୍ସ ବାତିଲ ହୋଇପାରିବ। କିଛି ଔଷଧ ବିନା ପ୍ରେସକିପସନ୍‌ରେ ଦେଇ ହେବ। ଡିଆଇ ଏ ସବୁର ତଦାରଖ କରୁଛନ୍ତି ବୋଲି କହିଛନ୍ତି ଡ୍ରଗସ୍ କଣ୍ଟ୍ରୋଲର ଅଶୋକ କୁମାର ପାତ୍ର। ଏହି ପ୍ରସଙ୍ଗରେ ମତ ରଖି ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର କହିଛନ୍ତି ଏ ନେଇ ପୂର୍ବରୁ ନିୟମ ରହିଛି। ତେବେ ଆଣ୍ଟିବାୟୋଟିକ୍ସର ▶▶ପୃଷ୍ଠା ୭

## ଲାଞ୍ଚ ନେଇ ଫସିଗଲେ ଆରଆଇ



ଭଦ୍ରକ, ୨୦/୧ (ନି.ପ୍ର): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଭଦ୍ରକ ଜିଲ୍ଲା ବନ୍ତ ତହସିଲର କେନ୍ଦୁଆପଦା ରାଜସ୍ୱ ନିରୀକ୍ଷକ (ଆରଆଇ) ଶରତ କୁମାର ଜେନା। ସେ ଆଜି ଜଣେ ବ୍ୟକ୍ତିଙ୍କ ଠାରୁ ୯ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଧରିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଥିଲା। ଖାନାବାଡ଼ି ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କ ଚାଷ ଜମିକୁ ଘରବାଡ଼ି ପଟ୍ଟାରେ ପରିବର୍ତ୍ତନ କରିବା ପାଇଁ କେନ୍ଦୁଆପଦା ଆରଆଇ ଅଫିସରେ ଆବେଦନ କରିଥିଲେ। କିନ୍ତୁ ଆରଆଇ ଶରତ କୁମାର ଜେନା ତାଙ୍କୁ ୯ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଉକ୍ତ ବ୍ୟକ୍ତି ଜଣଙ୍କ ଏ ସଂପର୍କରେ ଭିଜିଲାନ୍ସକୁ ଜଣାଇଥିଲେ। ଏହା ପରେ ଯୋଜନା ମୁତାବକ ଆଜି ସେ ଆରଆଇ ଶରତ କୁମାର ଜେନାଙ୍କୁ ୯ ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ଶରତ କୁମାର ଜେନା ଲାଞ୍ଚ ନେବା ବେଳେ ପୂର୍ବରୁ ଜଗି ରହିଥିବା ଭଦ୍ରକ ଓ ବାଲେଶ୍ୱର ଭିଜିଲାନ୍ସର ଏକ ଟିମ୍ ତାଙ୍କୁ ଧରିଥିଲା। ଲାଞ୍ଚ ନେଇ ଧରାପଡ଼ିବା ପରେ ଆରଆଇ ଶରତ କୁମାର ଜେନାଙ୍କ କାର୍ଯ୍ୟାଳୟ ଓ ଘର ସମେତ ୩ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ କରାଯାଉଛି।

## ବିଜେଡ଼ି ମହିଳା ଭୋଟ୍ ବ୍ୟାଙ୍କ ଭାଙ୍ଗିବାକୁ ବିଜେପିର ବଡ଼ ପ୍ଲାନ୍




ଭୁବନେଶ୍ୱର, ୨୦/୧ (ନି.ପ୍ର): ବିଜେପି ଫୋକସ୍‌ରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ। ବିଜେଡିର ମହିଳା ଭୋଟ୍ ବ୍ୟାଙ୍କ ଭାଙ୍ଗିବେ ବିଜେପିର ଶକ୍ତି ସାଥୀ। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ବିଜେପିର ଶକ୍ତି ବନ୍ଦନ କର୍ମଶାଳାରେ କ୍ଲାସ୍ ନେଇଛନ୍ତି କେନ୍ଦ୍ରମନ୍ତ୍ରୀ ସାଧ୍ୱୀ ନିରଞ୍ଜନା ଜ୍ୟୋତି ଓ ଧର୍ମେନ୍ଦ୍ର ପ୍ରଧାନ। ଆଉ ଦେଇଛନ୍ତି ଗୁରୁମନ୍ତ୍ର। ରାଜ୍ୟରେ କେମିତି ବଢ଼ିବ ମହିଳା ଭୋଟ୍ ୭୦୦ରୁ ଅଧିକ ଶକ୍ତିସାଥୀଙ୍କୁ ମନ୍ତ୍ର ଦେଲେ ରାଜ୍ୟ ସଭାପତି ମନମୋହନ ସାମଲ, ସାଂସଦ ଅପରାଜିତା ଷଡଙ୍ଗୀ। ଏସଏଚଜି ରାଜ୍ୟର ନୁହେଁ, କେନ୍ଦ୍ରର। ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ବିନା ସୁଧରେ ଋଣ ଶ୍ରେୟ ରାଜ୍ୟର ନୁହେଁ କେନ୍ଦ୍ରର। କାହିଁକି ନା ମୋଟ୍ ସୁଧରୁ ୭ ପ୍ରତିଶତ କେନ୍ଦ୍ର ଦେଉଥିବା ବେଳେ ରାଜ୍ୟ ଦେଉଛି ମାତ୍ର ୪ ପ୍ରତିଶତ। ଏହାବ୍ୟତୀତ ସ୍ୱୟଂ ସହାୟିକାଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲକ୍ଷପତି ଦିଦି, ନମୋ ଡ୍ରୋନ୍ ଦିଦି ଯୋଜନା ମଧ୍ୟ ରହିଛି। ସେହିପରି ଏମବିକେ, ସିଆରପି ଭଳି କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ପାଇଁ ଯୋଜନା ଅନୁଯାୟୀ ସହାୟତା ଦେଉଛନ୍ତି କେନ୍ଦ୍ର ସରକାର। ମହିଳା ସଶକ୍ତୀକରଣ ଲାଗି ସଂସଦରେ ମହିଳା ସଂରକ୍ଷଣ ବିଲ୍ ପାରିତଠାରୁ ଆରମ୍ଭ କରି ▶▶ପୃଷ୍ଠା ୭


## ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିଲେ ୩ ନକ୍ସଲ

ଭୁବନେଶ୍ୱର, ୨୦/୧ (ନି.ପ୍ର): ସୁରକ୍ଷାକର୍ମୀଙ୍କୁ ମିଳିଛି ବଡ଼ ସଫଳତା। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାର ବେଲମଗୁଟା ଜଙ୍ଗଲରେ ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିଛନ୍ତି ୩ ନକ୍ସଲ। ମୃତ ୩ ନକ୍ସଲଙ୍କ ମଧ୍ୟରେ ଦୁଇ ମହିଳା ଥିବା ସୂଚନା ରହିଛି। ବେଲମଗୁଟା ଜଙ୍ଗଲରେ କିଛି ନକ୍ସଲ ଲୁଚି ରହିଥିବା ଖବର ମିଳିଥିଲା। ପରେ ଡିଆରଜି ଓ ସିଆରପିଏଫ ଯବାନ ମିଳିତ ଅପରେସନ ଆରମ୍ଭ କରିଥିଲେ। ▶▶ପୃଷ୍ଠା ୭

## ବାଘ ଛାଲ ଜବତ: ଜଣେ ଗିରଫ

ବୌଦ୍ଧ, ୨୦/୧ (ନି.ପ୍ର): ବୌଦ୍ଧ ଜିଲ୍ଲା ପୁରୁଣା କଟକ ଥାନା ରାଣୀପଥ ଗାଁ ନିକଟରେ ଏସ୍‌ଟିଏଫ୍ ଟିମ୍ ଆଜି ଚଢ଼ାଉ କରି ଗୋଟିଏ କଲରାପତରିଆ ବାଘର ଛାଲ ଜବତ କରିଛି। ଏହା ସହିତ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତଙ୍କ ନାଁ ଗୌତମ ବେହେରା (୫୫)। ତାଙ୍କ ଘର କନ୍ଧମାଳ ଜିଲ୍ଲା ଫୁଲବାଣୀ ସଦର ଥାନା ଅନ୍ତର୍ଗତ ସୁରୁଦୁକୁମ୍ପାର ନୂଆସାହିରେ। ଗୌତମ ବାଘ ଛାଲ ରଖିଥିବା ଓ ତାକୁ ବିକ୍ରି ପାଇଁ ଯୋଜନା କରୁଥିବା ନେଇ କୌଣସି ସୂତ୍ରରୁ ଖବର ପାଇବା ପରେ ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରିଥିଲା।

## ଚିର ନିଦ୍ରାରେ ଜୟ ନାରାୟଣ: ବିଭିନ୍ନ ମହଲରେ ଶୋକ



ଲଙ୍ଗଳେଶ୍ୱର, ୨୦/୧ (ନି.ପ୍ର): ପୂର୍ବତନ ବିଧାୟକ ତଥା ନବ ଯୁଗର ସୂତ୍ରଧର ବିଚକ୍ଷଣ ରାଜ ନେତା ଜୟ ନାରାୟଣ ମହାନ୍ତି ଆଜି ଚିର ନିଦ୍ରା ରେ ନିଦ୍ରିତ । ଭୋର ୫ ଟା ୩୦ ମିନିଟ ସମୟରେ ଭୁବନେଶ୍ୱର ସ୍ଥିତ ଏମ୍ସ ହସ୍ପିଟାଲରେ ଚିକିତ୍ସା ଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇ ଯାଇଛି। ସେ ଦୀର୍ଘ ଦିନ ଧରି ରକ୍ତ ଶର୍କରା , କିଡ୍ନୀ ସଂକ୍ରମଣ, ଉଚ୍ଚ ରକ୍ତଚାପ ଆଦି ଜଟିଳ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା। ସେ ଦୁଇ ଥର ବିଧାୟକ ଓ କେତେ ଥର ଦଳୀୟ ଉଚ୍ଚ ପଦ ପଦବୀରେ ଥିଲେ ।ତାଙ୍କ ସମୟରେ ବାଲିଆପାଳ ର ସର୍ବ ବିଧ ଉନ୍ନତି ସାଧିତ ହୋଇ ଥିଲା। ସେ ଥିଲେ ଅବିଭକ୍ତ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ର ନେତା। ବାଲିଆପାଳ କ୍ରୀଡା କଲେଜ , ଜଗନ୍ନାଥ ମନ୍ଦିର , ଡଗରା ବେଳାଭୂମି , ଇନ୍ଦିରା ଶିଶୁ ଉଦ୍ୟାନ ,ସୁବର୍ଣ୍ଣରେଖା ନଦୀରେ ସେତୁ, ଜଳେଶ୍ୱର ଡ଼ି.ଆଇ .ଅଫିସ ,ଟାଉନ ହଲ , ଶ୍ରୀ ଜଗନ୍ନାଥ ମହିଳା କଲେଜ ଆଦି କେତେ କେତେ ଅନୁଷ୍ଠାନ ର ନିର୍ମାତା ।ମୃତ୍ୟୁ ଶଯ୍ୟା ନିକଟରେ ଦୁଇ ପୁଅ ସତ୍ୟକମ , ଦିବ୍ୟ କାମ ,ପରିବାର , ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ। ▶▶ପୃଷ୍ଠା ୭

## ହେମନ୍ତ ସୋରେନ୍‌ଙ୍କ ଘରେ ପଶିଲା ଇଡି: ରାସ୍ତାକୁ ଓହ୍ଲାଇଲେ ଲୋକେ





ନୂଆଦିଲ୍ଲୀ, ୨୦/୧ : ବହୁ ଚର୍ଚ୍ଚିତ ଜମି ଦୁର୍ନୀତି ମାମଲାରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କୁ ଆଜି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଜେରା କରିବ। ଏଥିପାଇଁ ଇଡିର ଏକ ଟିମ୍ ଆଜି ତାଙ୍କ ରାଞ୍ଚି ସ୍ଥିତ ବାସଭବନରେ ପହଞ୍ଚିଛି। ସାତ ଥର ସମନ କରିବା ପରେ ମଧ୍ୟ ହେମନ୍ତ ସୋରେନ୍ ଇଡିରେ ହାଜର ହୋଇନଥିବାରୁ ଆଜି ଖୋଦ୍ ଇଡିର ଅଧିକାରୀମାନେ ତାଙ୍କ ଘରକୁ ଯାଇଛନ୍ତି। ତାଙ୍କୁ ତାଙ୍କ ଘରେ ହିଁ ଆଜି ଇଡି ଜେରା କରୁଛି। ସେମାନଙ୍କ ଟିମ୍‌ରେ ଦିଲ୍ଲୀର ୩ଜଣ ତଦନ୍ତକାରୀ ଅଧିକାରୀ ବି ସାମିଲ ହୋଇଛନ୍ତି। ହେମନ୍ତ ସୋରେନ୍‌ଙ୍କୁ ଇଡି ଜେରା କରୁଥିବା ବେଳେ ଝାଡଖଣ୍ଡରେ ହାଇ ଭୋଲଟେଜ ଡ୍ରାମା ଆରମ୍ଭ ହୋଇଯାଇଛି। ଲୋକେ ଏହାକୁ ବିରୋଧ କରି ରାସ୍ତାକୁ ଓହ୍ଲାଇଛନ୍ତି। ସେପଟେ ହେମନ୍ତ ସୋରେନ୍‌ଙ୍କ ଘର ଆଖପାଖରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସୋରେନ୍‌ଙ୍କ ବାସଭବନ ସମେତ ରାଞ୍ଚିର ଇଡି କାର୍ଯ୍ୟାଳୟ ସମ୍ମୁଖରେ ୧୦୦୦ରୁ ଅଧିକ ପୁଲିସ କର୍ମୀ ମୁତୟନ ହୋଇଛନ୍ତି। ଏପରିକି ଲୋକଙ୍କ ଗହଳି ଆଶଙ୍କା କରି ବ୍ୟାରିକେଡ ମଧ୍ୟ ଲଗାଯାଇଛି। ତଦନ୍ତ ଶେଷ ନହେବା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ନିକଟରେ ଗାଡି ଚଳାଚଳ ଉପରେ ପ୍ରତିବନ୍ଧକ ଲଗାଯାଇଥିବା ରାଞ୍ଚିର ବରିଷ୍ଠ ପୁଲିସ ଅଧିକ୍ଷକ ଚନ୍ଦନ କୁମାର ସିହ୍ନା କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଜେରାକୁ ବିରୋଧ କରି ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚାର କର୍ମୀମାନେ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବଡ ସଂଖ୍ୟାରେ ଦଳର ଆଦିବାସୀ ସମର୍ଥକମାନେ ହାତରେ ଧନୁ ତୀର ଧରି ରାସ୍ତାକୁ ଓହ୍ଲାଇଛନ୍ତି। ଅନ୍ୟପଟେ ଜେଏମ୍‌ଏମ୍‌ର କର୍ମୀମାନେ ମୁହଁ ହେମନ୍ତ ସୋରେନ୍‌ଙ୍କ ମାସ୍କ ପିନ୍ଧି ପ୍ରତିବାଦ କରିଛନ୍ତି। ଗୋଟିଏ ପଟେ ରାସ୍ତା ଉପରକୁ ଦଳର କର୍ମୀମାନେ ଓହ୍ଲାଇ ପ୍ରତିବାଦ କରୁଥିବାବେଳେ ଅନ୍ୟପଟେ ଜେଏମ୍‌ଏମ୍‌ର ନେତା ଭାବୁକ ହୋଇପଡିଛନ୍ତି। ଜେରା ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଘରେ ପହଞ୍ଚି ବିଧାୟକ ଇରଫାନ୍ ଅନ୍‌ସାରୀ ହେମନ୍ତ ସୋରେନ୍‌ଙ୍କୁ ଆଲିଙ୍ଗନ କରି କାନ୍ଦି ପକାଇଛନ୍ତି। ଅପରପକ୍ଷେ ସୋରେନ, ମୋର ଅପେକ୍ଷା ▶▶ପୃଷ୍ଠା ୭

## ବନ୍ଦ ହେବ ଅନୁପ୍ରବେଶ: ମିଆଁମାର ସୀମାରେ ଲାଗିବ ତାରବାଡ଼



ନୂଆଦିଲ୍ଲୀ, ୨୦/୧ : ବନ୍ଦ ହେବ ଅନୁପ୍ରବେଶ। ଆଉ ମିଆଁମାରରୁ ଭାରତକୁ ଆସିପାରିବେନି ଅନୁପ୍ରବେଶକାରୀ। ଭାରତ-ମିଆଁମାର ସୀମାରେ ଲାଗିବ ତାରବାଡ଼। ଆଜି ଏଭଳି କିଛି ଘୋଷଣା କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ଦୁଇ ଦେଶ ମଧ୍ୟରେ ସହଜ ଗମନାଗମନକୁ ରୋକିବା ପାଇଁ ଏହି ପଦକ୍ଷେପ ନିଆଯିବ। ଖବର ଅନୁଯାୟୀ, ଗତ ତିନି ମାସ ମଧ୍ୟରେ ପ୍ରାୟ ୬୦୦ ମିଆଁମାର ସୈନିକ ସୀମା ଡେଇଁ ଭାରତକୁ ଆସିଛନ୍ତି। ପଶ୍ଚିମ ମିଆଁମାର ଆରାକାନ ଆର୍ମି ନାମକ ଏକ ଗୋଷ୍ଠୀ ସୈନିକମାନଙ୍କ ଶିବିରକୁ କବ୍‌?ଜା କରିବା ପରେ ସେମାନେ ମିଜୋରାମର ଲଙ୍ଗଟଲାଇ ଜିଲାରେ ଆଶ୍ରୟ ନେଇଛନ୍ତି। ଏବେ ସୀମାରେ ତାରବାଡ଼ ଲଗାଇ ଭାରତ ଦୁଇ ଦେଶ ମଧ୍ୟରେ ଥିବା ମୁକ୍ତ ଯାତାୟାତ ବ୍ୟବସ୍ଥାକୁ ସମାପ୍ତ କରିବ। ଏଥିସହ ସୀମା ଅଞ୍ଚଳରେ ରହୁଥିବା ଲୋକଙ୍କୁ ଅନ୍ୟ ଦେଶରେ ପ୍ରବେଶ କରିବା ପାଇଁ ଭିସା ବାଧ୍ୟତାମୂଳକ ହେବ। ୨୦୧୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ଦ୍ୱାରା ମାଗଣା ଯାତାୟାତ ବ୍ୟବସ୍ଥା (ଏଫଏମଆର) କାର୍ଯ୍ୟକାରୀ କରାଯାଇଥିଲା। ଏହା ଅଧୀନରେ ଲୋକଙ୍କୁ କୌଣସି ଅସୁବିଧା ବିନା ଦୁଇ ଦେଶ ମଧ୍ୟରେ ୧୬ କିଲୋମିଟର ପର୍ଯ୍ୟନ୍ତ ଯିବାକୁ ଅନୁମତି ଦିଆଯାଇଥିଲା। ଏବେ ଏହି ବ୍ୟବସ୍ଥା ସମାପ୍ତ ହେବା ପରେ ସୀମାରେ ରହୁଥିବା ଲୋକଙ୍କୁ ଯାତ୍ରା ପାଇଁ ଭିସା ଆବଶ୍ୟକ ହେବ। ସରକାର ବେଆଇନ ଇମିଗ୍ରେଶନ ବନ୍ଦ କରିବା ସହ ଉତ୍ତର ପୂର୍ବ ଭାରତରେ ଡ୍ରଗ୍ସ ଏବଂ ଅନୁପ୍ରବେଶ ବନ୍ଦ କରିବାକୁ ଚାହୁଁଛନ୍ତି। ଉଲ୍ଲେଖଯୋଗ୍ୟ, ▶▶ପୃଷ୍ଠା ୭

# ନୂଆ- ଓ ରେ ଓଡ଼ିଆ ଭାଷା ସମ୍ବନ୍ଧୀୟ ଆଲୋଚନା ଚକ୍ର ଅନୁଷ୍ଠିତ




ନୀଳଗିରି, ୨୦/୧ (ନି.ପ୍ର): ଚିନ୍ତାବିନା ଭାଷାର ପରିକଳ୍ପନା କରାଯାଇ ପାରେନାହିଁ । ଭାଷା ଭାବ ବିନିମୟର ସୁସ୍ଥ, ସୁନ୍ଦର ଓ ସୁବର୍ଣ୍ଣ ସଂଯୋଗସେତୁ । ଭାଷା ବ୍ୟବହୃତ ହେବା ପୂର୍ବରୁ ଚିନ୍ତା ଆସେ । ଚିନ୍ତାକୁ ଭାଷା ମାଧ୍ୟମରେ ଅନ୍ୟ ନିକଟରେ ପ୍ରକାଶ କରେ ମଣିଷ । ଭାଷା ମାନବିକ ଚିନ୍ତାଧାରାର ସମ୍ବାହକ । ଭାଷାର ବ୍ୟବହାରିକ ଗୁଣ କ୍ଷୀଣ ହେଲେ ଭାଷା ମରିଯାଏ । ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଆୟୋଜିତ ନୂଆ ଓଡିଶା କାର୍ଯ୍ୟକ୍ରମରେ ଅନୁଷ୍ଠିତ ଓଡ଼ିଆ ଭାଷାର ଅତୀତ ବର୍ତ୍ତମାନ ଓ ଭବିଷ୍ୟତ ଶୀର୍ଷକ ଆଲୋଚନା ଚକ୍ରରେ ମହାବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ମଞ୍ଜୁଶ୍ରୀ ପଣ୍ଡା ପୌରୋହିତ୍ୟ କରିଥିବାବେଳେ ବିଷୟ ବିଶେଷଜ୍ଞ ଭାବରେ ଜନଜାତିର ଗବେଷକ ଲେଖକ ତଥା ଫକୀରମୋହନ ବିଶ୍ୱବିଦ୍ୟାଳୟର ଭାଷା ଓ ସାହିତ୍ୟ ବିଭାଗର ପ୍ରମୁଖ ପ୍ରଫେସର ଡ଼ ଦେବାଶିଷ ପାତ୍ର ଯୋଗଦେଇ ଭାଷାର ବ୍ୟବହାରିକ ଗୁଣ କ୍ରିୟା ଓ ପ୍ରତିକ୍ରିୟା ସମ୍ପର୍କିତ ଏକ ସୁ-ବିସ୍ତୃତ ତତ୍ତ୍ୱପୂର୍ଣ୍ଣ ଅଭିବ୍ୟକ୍ତି ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଅଧାପକ ଡ଼ ପ୍ରଦୀପ୍ତ କୁମାର ମିଶ୍ର ମଞ୍ଚ ଆହ୍ୱାନ, ଅତିଥି ପରିଚୟ ଓ ବେଦପାଠ କରିଥିବାବେଳେ ଛାତ୍ରୀ ସୁଶ୍ରୀ ସାଇପ୍ରଭା ସ, ସୁଶ୍ରୀ ହେମଲତା ବେହେରା, ସୁଶ୍ରୀ ଦୀପାଞ୍ଜଳି ବାରିକ, ସୁଶ୍ରୀ ସମ୍ବେଦିତା ବାରିକ ଓ ସୁଶ୍ରୀ ସସ୍ମିତା ପ୍ରଧାନଙ୍କ ଦ୍ୱାରା ନିବନ୍ଧ ଉପସ୍ଥାପନା ହୋଇଥିବାବେଳେ ଶେଷରେ ବିଭାଗର ପ୍ରମୁଖ ଡ଼ ଶିବାନୀ ଡଗର ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ମଞ୍ଚରେ ଅନ୍ୟ ମାନଙ୍କ ମଧ୍ୟରେ ସଂଯୋଜକ ଡ଼ ହରିପଦ ଦାଶ, ବରିଷ୍ଠ ପ୍ରାଧାପକ ପ୍ରଫେସର ମମତା ବରାଳ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିବାବେଳେ ସମସ୍ତ ଛାତ୍ରୀ ଓ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ! ଛାତ୍ରୀ ମାନଙ୍କ ଦ୍ୱାରା ଉପସ୍ଥାପିତ ନିବନ୍ଧ ଅତିଥି ମାନଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା ।

# କୃଷ୍ଣଚନ୍ଦ୍ରପୁର ହାୟାର ସେକେଣ୍ଡରୀ ସ୍କୁଲରେ ‘ନୂଆ ଓ’ କାର୍ଯ୍ୟକ୍ରମ ଅନୁଷ୍ଠିତ



ବେତନଟୀ, ୨୦/୧ (ନି.ପ୍ର): କୃଷ୍ଣଚନ୍ଦ୍ରପୁରସ୍ଥିତ ହାୟାର ସେକେଣ୍ଡାରୀ ସ୍କୁଲରେ ‘ନୂଆ ଓ’ କାର୍ଯ୍ୟକ୍ରମ ଅନ୍ତର୍ଗତ ଓଡିଆ ଭାଷା ସାହିତ୍ୟକୁ ନେଇ ବିଭିନ୍ନ ପ୍ରକାଶ ପ୍ରତିଯୋଗିତା କାର୍ଯ୍ୟକ୍ରମ ଗୁରୁବାର ଆୟୋଜିତ ହୋଇଯାଇଛି । ଅଧକ୍ଷା ଡ. ମନ୍ଦାକିନୀ ସାହୁଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ବିଶିଷ୍ଟ ପ୍ରାବନ୍ଧିକ, ଗାଳ୍ପିକ ତଥା କବି ଡ. ନୀଳକଣ୍ଠ ମିଶ୍ର, ‘ମକରମଣ୍ଡା’ ସମ୍ପାଦକ ତଥା ପ୍ରାକ୍ତନ ଭାରତୀୟ ଖାଦ୍ୟନିଗମର ପ୍ରାବନ୍ଧିକ ପଦ୍ମନାଭ ସାହୁ, ଜଗନ୍ନାଥ ସଂସ୍କୃତି ଗବେଷକ ତଥା ‘ପ୍ରତିଶୃତି’ପତ୍ରିକା ସମ୍ପାଦକ ଭାଗବତ ପଣ୍ଡା, କଇଁଫୁଲ ଏବଂ ବଳଙ୍ଗପୁଅ ସମ୍ପାଦକ ପର୍ଶୁରାମ ସାହୁ, ପ୍ରାକ୍ତନ ଅଧକ୍ଷା ସୁଶାନ୍ତ ପ୍ରଧାନ ପ୍ରମୁଖ ଅତିଥିଅଧାକାରୀଗଣ ମଞ୍ଚାସୀନ ରହିଥିଲେ । ଇଂରାଜୀ ବିଭାଗର ଅଧାପକ ତଥା କାର୍ଯ୍ୟକ୍ରମର ନୋଡାଲ ଅଧକାରୀ ଶେଖାଓ୍ୱତ ଅଲ୍ଲୀ ସଂଯୋଜନା ଏବଂ ପରିଚାଳନା ଦାୟୀତ୍ୱ ତୁଲାଇଥିବା ବେଳେ ଶୀର୍ଷକ ‘ ଶ୍ରୀଜଗନ୍ନାଥସଂସ୍କୃତି’ ଉପରେ ସାରଗର୍ଭକ ଆଲୋଚନା କରାଯାଇଥିଲା । ଏହାପରେ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ ଓଡିଆ ଭାଷାସାହିତ୍ୟ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଏଥିରେ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିବାବେଳେ ପରିଚାଳନାରେ ସମସ୍ତ ଅଧାପକ/ଅଧାପିକା, ଅଣଶିକ୍ଷା କର୍ମଚାରୀ ସକ୍ରିୟ ଦାୟୀତ୍ୱ ସମ୍ପାଦନ କରିଥିଲେ ଶେଷରେ ଅଧାପକ ଅଭୟ କୁମାର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଦାମୋଦର ସଂସ୍କୃତ ଡ଼ିଗ୍ରୀ ମହାବିଦ୍ୟାଳୟରେ କୁଇଜ୍, ଓଡ଼ିଆ ହସ୍ତାକ୍ଷର ଓ ଓଡ଼ିଆ ସ୍ଲୋଗାନ ପ୍ରତିଯୋଗିତା




ଭଦ୍ରକ, ୨୦/୧ (ନି.ପ୍ର): ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ଡ଼ିଗ୍ରୀ ମହାବିଦ୍ୟାଳୟରେ ନୂଆ ଓ ବିଶ୍ୱ ସାହିତ୍ୟ ସମ୍ମିଳନୀ ଆନୁକୂଲ୍ୟରେ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତାରେ ଶ୍ରୀଜଗନ୍ନାଥ, ଭୂଗୋଳ, ଇତିହାସ, ସଂସ୍କୃତି, କଳା, ଭାସ୍କର୍ଯ୍ୟ, ସାହିତ୍ୟ, କ୍ରୀଡା, ରାଜନୀତି, ପର୍ଯ୍ୟଟନ ଉପରେ କୁଇଜ୍, ଓଡ଼ିଆ ହସ୍ତାକ୍ଷର ଲିଖନ ଓ ଓଡ଼ିଆ ସ୍ଲୋଗାନ ପ୍ରଭୃତି ପ୍ରତିଯୋଗିତାର ସଭା ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ନିତ୍ୟାନନ୍ଦ ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଇଂରାଜୀ ଭାଷାବିତ୍ ଚିତ୍ତରଂଜନ ଦାସ ଓ ମୁଖ୍ୟ ବକ୍ତା ଭାବେ ରାଧାକାନ୍ତ ବେହେରା ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ଼. ନିଳୀମା ପଣ୍ଡା ଯୋଗଦେଇ ଓଡ଼ିଆ ଭାଷାର ଦିଗନ୍ତ ବିସ୍ତାରି ସଂସ୍କୃତି ଓ ଶ୍ରୀଜଗନ୍ନାଥ ଚେତନାର ବୈଭବ ସମ୍ପର୍କରେ ଆଲୋକପାତ କରିଥିଲେ । ସଭାର ପ୍ରାରମ୍ଭରେ ଆଦିକନ୍ଦ ପଣ୍ଡା ବେଦପାଠ ଓ ଅକ୍ଷୟ କୁମାର ପାଣିଗ୍ରାହୀ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ନୋଡ଼ାଲ ଅଫିସର ଅଧାପକ ଶୁକଦେବ ପଣ୍ଡା ସଭାର ଆଭିମୁଖ୍ୟ ଏବଂ ଛାତ୍ରଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରିଥିଲେ । ଉକ୍ତ ସଭାକୁ ମଧୁସୂଦନ ଦାସ, ଗୌରାଙ୍ଗ ଦାସ, ମଞ୍ଜୁଲତା ମହାପାତ୍ର, ରଘୁନାଥ ନାୟକ ପ୍ରଭୃତି ପରିଚାଳନା କରିଥିଲେ ।

# ‘ଘରଚଟିଆ’ ଓ ‘ଲୁଣିପାଣି’ ପାଇଁ ସୋନ ପୋଖରୀ ପରିଚିତ

ଉଦଳା, ୨୦/୧ (ନି.ପ୍ର): ଉଦଳା ବ୍ଲକର ଦୁଗୁଧା ପଂଚାୟତ ଅନ୍ତର୍ଗତ ସୋନପୋଖରୀ ଗ୍ରାମର ଏକ ସ୍ୱତନ୍ତ୍ର ପରିଚୟ ‘ଘରଚଟିଆ’ ଓ ‘ଲୁଣିପାଣି’ ପାଇଁ ସୃଷ୍ଟି ହୋଇଛି । ଏହିଗ୍ରାମରେ ଅନେକ ଗୁଡ଼ିଏ ନଡ଼ା ଛପର ଘର ଥିବାରୁ ଘରଚଟିଆ ମାନେ ବସା ବାନ୍ଧି ରହୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ଉପଯୁକ୍ତ ପରିବେଶ ଅଭାବରୁ ଘରଚଟିଆଙ୍କ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଥିବା ବେଳେ ଏଠାରେ ଘରଚଟିଆଙ୍କୁ ଦେଖି ପରିବେଶ ପ୍ରେମୀ ମାନେ ଖୁବ୍ ଆନନ୍ଦ ଅନୁଭବ କରୁଛନ୍ତି । ସେହିପରି ଏହି ଗ୍ରାମର ଗୋଟିଏ ଅଂଶରେ ମାଟି ତଳୁ ‘ଲୁଣିପାଣି’ ବାହାରୁଛି । ସେଥିପାଇଁ ଏଠାରେ ଥିବା କୂପ, ନଳକୂପର ଜଳ ଲୋକେ ପାନୀୟ ରୂପେ ଆଦୌ ବ୍ୟବହାର କରିପାରୁ ନାହାଁନ୍ତି । ଆଶ୍ଚର୍ଯ୍ୟ ଜନକ ଭାବରେ ଲୁଣି ମାଟିରେ ଯେଉଁ ସବୁ ଗଛ - ନଡ଼ିଆ, ଝାଉଁ ଇତ୍ୟାଦି ଦେଖାଯାଏ ତାହା ଏହି ମାଟିରେ ବେଶ ଭଲ ଭାବରେ ବଢୁଛି ଓ ଫଳ ମଧ୍ୟ ଦେଉଛି । ଏହିସବୁକାରଣରୁ ‘ସୋନ ପୋଖରୀ’ ଗ୍ରାମ ତାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଆଜି ଜାନୁଆରୀ ୨୦ ତାରିଖ ଶନିବାର ଦିନ ଜନଜାଗୃତି ମଂଚର ସଦସ୍ୟ ମାନେ ଏହି ଗ୍ରାମରେ ଆମ ଅଧିକାର ଯାତ୍ରା ନାମରେ ବୈଠକ ଟିଏ ଆୟୋଜନ କରିଥିଲେ । ଏତିକି ବେଳେ ଗ୍ରାମବାସୀ ମାନେ ଆବାସ ଯୋଜନାରେ ଘର, ଲୁଣିପାଣି ମିଳୁଥିବା ଅଂଶରେ ପାନୀୟ ଜଳ ବ୍ୟବସ୍ଥା ଓ ଜବ୍ କାର୍ଡ଼ରେ କାମ ପାଇବା ପାଇଁ ଦାବି ଜଣାଇଥିଲେ । ଆଜିର ଏହି ବୈଠକର ନେତୃତ୍ୱ ରୂପାଏ ବାସ୍କେ ନେଇଥିବା ବେଳେ ରାମଚନ୍ଦ୍ର ସିଂ , ସୁବ୍ରତ କୁମାର ମହାନ୍ତି, ଭାରତି ରାଓ, ରବିନ୍ଦ୍ର ଖଣ୍ଡେଇ, ସସ୍ମିତା ମଢ଼େଇ ଓ ମଂଜୁଲତା ବାରିକ ସହଯୋଗ କରିଥିଲେ । ଓ୍ୱାର୍ଡ଼ ମେମ୍ବର ରମାକାନ୍ତ ବେହେରା ମଧ ବୈଠକରେ ଉପସ୍ଥିତ ଥିଲେ । ଉଦଳା ବ୍ଲକରେ କାର୍ଯ୍ୟରତ କୃଷି ଅଧିକାରୀ ମାନେ ମଧ ଏହି ବୈଠକରେ ଉପସ୍ଥିତ ରହି ସରକାରଙ୍କ ତରଫରୁ ମିଳୁଥିବା ସାହାଯ୍ୟ ସଂପର୍କରେ ଅବଗତ କରାଇଥିଲେ ।

# ଜିଲ୍ଲାସ୍ତରୀୟ ନୂଆ- ଓ ଫେଷ୍ଟ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୨୦/୧ (ନି.ପ୍ର): ଜିଲ୍ଲାସ୍ତରୀୟ “ନୂଆ ଓ’- ଯୁବ ଓଡ଼ିଶା ନବୀନ ଓଡ଼ିଶା” ଫେଷ୍ଟ ଚଳିତମାସ ୨୮ ତାରିଖରେ ବାରୋ ପଡ଼ିଆରେ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ରାଜେନ୍ଦ୍ର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମଗ୍ର ଜିଲ୍ଲାର ୮୨ଟି କଲେଜରୁ ପ୍ରାୟ ୧୦ ହଜାର ଛାତ୍ରଛାତ୍ରୀ ଏଥିରେ ଯୋଗ ଦେବେ। ପ୍ରତ୍ୟେକ କଲେଜ ସାମସ୍ ପୋର୍ଟାଲ୍‌ରେ ଛାତ୍ରଛାତ୍ରୀ ମାନଙ୍କର ନାମକୁ ପଞ୍ଜିକୃତ କରାଇବେ। ଉତ୍ସବ ସ୍ଥଳରେ ଛାତ୍ରଛାତ୍ରୀ ମାନେ ନିଜ ନିଜର ନାମକୁ ସକାଳ ୮ଘଟିକା ଠାରୁ ୯.୩୦ ମିନିଟ୍ ମଧ୍ୟରେ ପଂଜୀକରଣ କରାଇ ପାରିବେ କିମ୍ବା ପ୍ରତ୍ୟେକ କଲେଜ୍‌କୁ ପୂର୍ବରୁ ପ୍ରଦାନ କରାଯାଇଥିବା ଆଟେଣ୍ଡାନ୍ସ ସିଟ୍‌ରେ ମଧ୍ୟ ଦସ୍ତଖତ କରାଇ ନିଜର ନାମକୁ ପଂଜିକୃତ କରାଇ ପାରିବେ। ପ୍ରତ୍ୟେକ କଲେଜ୍‌ର ଅଧ୍ୟକ୍ଷମାନେ ନିଜନିଜର ପଂଜିକୃତ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଆଇ-କାର୍ଡ଼ ଏବଂ ଟି-ସାର୍ଟ ପ୍ରଦାନ କରିବେ। ଆଇକାର୍ଡ଼ ଓ ଟି-ସାର୍ଟ ବିନା କୌଣସି ଛାତ୍ରଛାତ୍ରୀ ଉତ୍ସବସ୍ଥଳକୁ ପ୍ରବେଶ କରିପାରିବେ ନାହିଁ। କଲେଜ୍‌ର ଛାତ୍ରଛାତ୍ରୀ ମାନଙ୍କୁ ନବାଆଣିବା ପାଇଁ ବସ୍‌ର ବ୍ୟବସ୍ଥା କରିବାକୁ ଆଂଚଳିକ ପରିବହନ ଅଧିକାରୀଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ପ୍ରତ୍ୟେକ ବସ୍‌ରେ ସଂପୃକ୍ତ କଲେଜ୍‌ର ଜଣେ ଅଧ୍ୟାପକ ଏବଂ ସଂପୃକ୍ତ ବ୍ଲକ୍‌ର ପଦାଧିକାରୀଙ୍କୁ ନୋଡାଲ ଅଫିସର୍ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି। ନୂଆ ଓ’ ଫେଷ୍ଟ ସକାଳ ୯ଘଟିକାରୁ ଅପରାହ୍ଣ ୩.୩୦ ପର୍ଯ୍ୟନ୍ତ ଚାଲୁରହିବ। ଜିଲ୍ଲାସ୍ତରୀୟ ସାଂସ୍କୃତିକ ଏବଂ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଯୁବଶକ୍ତିଙ୍କୁ ଏହି ଉତ୍ସବରେ ପୁରସ୍କୃତ କରାଯିବ। ଯୁବଶକ୍ତି ନିଜନିଜର ଅନ୍ତର୍ନିହିତ ପ୍ରତିଭାକୁ ପ୍ରଦର୍ଶନ କରିବା ପାଇଁ ଏକ ବିଶେଷ ସୁଯୋଗ ପାଇବେ। ଉତ୍ସବ ସ୍ଥଳରେ ରେଜିଷ୍ଟ୍ରେସନ ଠାରୁ ଆରମ୍ଭ କରି ଉତ୍ସବ ଶେଷ ହେବା ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନ ନିମନ୍ତେ ଭିନ୍ନଭିନ୍ନ କମିଟି ଗଠନ କରାଯାଇଛି। ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀ ପୀତାମ୍ବର ସାମଲ, ଉପ ଜିଲ୍ଲାପାଳ ଶ୍ରୀ ରବିନ୍ଦ୍ର କୁମାର ପ୍ରଧାନ, ସିଡିଏମ୍‌ଓ ଡକ୍ଟର ଅନୀତା ପଟ୍ଟନାୟକ, ଆର୍‌ଟିଓ ଧୀରେନ୍ଦ୍ର କୁମାର ନାୟକ, ସମସ୍ତ ବ୍ଲକ୍‌ର ବିଡିଓ, ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ କଲେଜ୍‌ର ନୋଡାଲ ଅଧକ୍ଷ, ଲାଇନ୍ ଡିପାର୍ଟମେଂଟ୍‌ର ପଦାଧିକାରୀ ପ୍ରମୁଖ ଯୋଗ ଦେଇ ବିଭିନ୍ନ ଗଠନମୂଳକ ପ୍ରସ୍ତାବ ଦେଇଥିଲେ।

# କୃଷି ବିଜ୍ଞାନ କେନ୍ଦ୍ରରେ ସଂପ୍ରସାରଣ ଅଧିକାରୀମାନଙ୍କୁ ତାଲିମ

କେନ୍ଦ୍ରାପଡ଼ା, ୨୦/୧ (ନି.ପ୍ର): କେନ୍ଦ୍ରାପଡା କୃଷି ବିଜ୍ଞାନ କେନ୍ଦ୍ରରେ “ନୂତନ ପିଢିର କୀଟନାଶକଙ୍କ ବ୍ୟବହାର” ସଂପର୍କିତ ଏକ ସଂପ୍ରସାରଣ ଅଧିକାରୀମାନଙ୍କୁ ତାଲିମ ଦିଆଯାଇଛି। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ଼ଃ ଅରବିନ୍ଦ ଦାସଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା କୃଷି ବିଭାଗ, ଉଦ୍ୟାନ ବିଭାଗ ତଥା ନାବାର୍ଡ ତରଫରୁ ମନୋନିତ ହୋଇ ୩୦ରୁ ଉର୍ଦ୍ଧ୍ୱ କୃଷି ସଂପ୍ରସାରଣ ଅଧିକାରୀ ମାନେ ଯୋଗ ଦେଇ ତାଲିମ ଗ୍ରହଣ କରିଥିଲେ। ଆୟୋଜିତ ଏହି ତାଲିମ କେନ୍ଦ୍ରରେ ଫସଲ ସୁରକ୍ଷା ବୈଜ୍ଞାନିକ ଡ଼ଃ ଗାୟତ୍ରୀ ସାହୁ ନୂତନ ପିଢିର ବିଭିନ୍ନ କୀଟନାଶକ ର ବିଭିନ୍ନ ଫସଲରେ ପ୍ରୟୋଗ ସଂପର୍କରେ ସବିଶେଷ ଆଲୋଚନା କରିବା ସହିତ ଚିରା ଚରିତ କୀଟନାଶକ ବ୍ୟବହାର କ୍ଷତିକାରକ ଦିଗ ଉପରେ ଗୁରୁତ୍ୱ ଦିଆଯାଇ ଥିଲା । ଏହା ସହିତ କ୍ଷେତ୍ର ବିଜ୍ଞାନୀ ଡ଼ଃ ତାପସ ରଞ୍ଜନ ସାହୁ ପରିବର୍ତ୍ତିତ ଜଳବାୟୁରେ କିପରି ନୂତନ କୃଷି ପଦ୍ଧତିକୁ ଆପଣାଇ ବିଶେଷ ଲାଭାନିତ୍ୱ ହୋଇପାରିବା ସେ ବିଷୟରେ ମଧ ସବିଶେଷ ଆଲୋଚନା କରିଥିଲେ।

# ମହୁଲିଆରେ ୨୭ ତମ ଟୁସୁ ମହୋତ୍ସବ ଓ ଝୁମର ନୃତ୍ୟ: ମଜାରେ ଝୁମି ଝୁମି ନାଚିଲେ ଦର୍ଶକ



ବେତନଟୀ, ୨୦/୧ (ନି.ପ୍ର): ୪ ବେତନଟୀ ବ୍ଲକର ମହୁଲିଆ ବନ୍ଧ ନିକଟରେ ୨୭ତମ ଟୁସୁ ମହୋତ୍ସବ ଓ ଝୁମର ନୃତ୍ୟ ଗୀତ ର ଆସର ନିର୍ମଳ ଟୁସୁ ମେଳା ମହୁଲିଆର ସଭାପତି ଉମାକାନ୍ତ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହାକୁ ଆନୁଷ୍ଠାନିକ ଭାବରେ ଉଦଘାଟନକରିଥିଲେ ପ୍ରକାଶ କର ମହାପାତ୍ର । ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ ସ୍ଥାନୀୟ ବିଧାୟକ ସନାତନ ବିଜୁଳି,ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ପାନମଣି ମୁର୍ମୁ, ବିକାଶ ମଞ୍ଚର ଆବାହକ ହରିଶ ଚନ୍ଦ୍ର ମହାନ୍ତ, ବେତନଟୀ ବ୍ଲକ ସାମ୍ବାଦିକ ସଂଘର କାର୍ଯକାରୀ ସଭାପତି ସର୍ବେଶ୍ୱର ମହାନ୍ତ, ମୁଖ୍ୟ ବକ୍ତା ଭାବରେ କୁଡୁମି ମହାନ୍ତ ମହାସଭାର ସାଧାରଣ ସମ୍ପାଦକ ତଥା ଓଡିଶା ଝୁମର ଏକାଡେମୀର ସମ୍ପାଦକ ଏଡଭୋକେଟ ବସନ୍ତ କୁମାର ମହାନ୍ତ, ଓ ବି ସି ମଞ୍ଚ ର ସଭାପତି ଏଡଭୋକେଟ ଅବନୀ କୁମାର ମହାନ୍ତ,ଶିକ୍ଷକ ନେତା ଦୀପକ କୁମାର ପାତ୍ର । ସତୀ ଶିରୋମଣି ଟୁସୁ ଦେବୀ ନାରୀ ଜାତିର ଆଦର୍ଶ ଗର୍ବ ଏବଂ ଗୌରବ ବୋଲି ବକ୍ତାମାନେ ପ୍ରକାଶ କରି ଟୁସୁର ଜୀବନୀ ଉପରେ ଅଧିକ ଗବେଷଣା ହେବା ଆବଶ୍ୟକ ବୋଲି କହିଥିଲେ । ସନ୍ଧ୍ୟାରେ ହରିପୁର,ଆଦର୍ଶ ସ୍କୁଲ ଗରୁଡ଼ବସା ଏବଂ ମହୁଲିଆ ସ୍କୁଲର ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଦର୍ଶକମାନଙ୍କୁ ବିମୋହିତ କରିଥିଲେ । ସଭା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଶିକ୍ଷକ ଡ଼କ୍ଟର ରମାକାନ୍ତ ମହାନ୍ତ । ବୈଶିଙ୍ଗା ନିକଟସ୍ଥ ଖଇରୀବଣୀ, ଦୁର୍ଗାପୁର। ଏଥିରେ ଦୈତାରୀ ମହାନ୍ତ,ଶ୍ରୀକାନ୍ତ ମହାନ୍ତ, ଉଦିତ ମହାନ୍ତ, ରତିକାନ୍ତ ମହାନ୍ତ, ଈଶ୍ୱର ମହାନ୍ତ,ବାପି ସିଂ,ରୁହ୍ୟା ସିଂ କାଳିଆ ମହାନ୍ତ,ଭକ୍ତହରି ମୁର୍ମୁ ପ୍ରମୁଖ ସହଯୋଗ କରିଥିଲେ।

# ସେଲ ଆରଏସପିର ଇନ୍ଦିରା ଗାନ୍ଧୀ ପାର୍କରେ ନବୀକୃତ ଭାଲୁ ଏନକ୍ଲୋଜର ଉଦ୍‌ଘାଟିତ



ରାଉରକେଲା, ୨୦/୧ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ଇନ୍ଦିରା ଗାନ୍ଧୀ ପାର୍କରେ ନବୀକୃତ ଭାଲୁ ଖୁଆଡକୁ ଆରଏସପି ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ପି କେ ସାହୁ ଜାନୁଆରୀ ୧୫ ତାରିଖରେ ଉଦଘାଟନ କରିଥିଲେ। ଏହି ଅବସରରେ ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ ଶ୍ରୀ ପି କେ ସ୍ୱାଇଁ, କାର୍ମିକ ଓ ପ୍ରଶାସନ ବିଭାଗର ସିଜିଏମ ଶ୍ରୀ ବିରେନ୍ଦ୍ର କୁଲୁ, ସହର ଇଞ୍ଜିନିୟରିଂ ବିଭାଗର ଜିଏମ ଇନ ଚାର୍ଜ ଶ୍ରୀ ବି କେ ଜୋଜୋ, ସହର ସେବା ବିଭାଗର ଜିଏମ ଶ୍ରୀ ପି କେ ଦାସ, ଉଦ୍ୟାନ କୃଷି ବିଭାଗର ଡ଼ିଜିଏମ ତଥା ଜେଡଡିପି ଇନ ଚାର୍ଜ, ଡକ୍ଟର ଅଭିଜିତ୍ ବିଶ୍ୱାସ ଏବଂ ଆରଏସପିର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଉକ୍ତ ଅତ୍ୟାଧୁନିକ ଭାଲୁ ଏନକ୍ଲୋଜର ଏହାର ଆକର୍ଷଣୀୟ ନୂତନ ବାସିନ୍ଦା ରାଜା ଓ ପଦ୍ମାଙ୍କ ପାଇଁ ଏକ ପ୍ରାକୃତିକ ତଥା ଆରାମଦାୟକ ବାସସ୍ଥାନ ପ୍ରଦାନ କରିବ। ଏହି ୮ ବର୍ଷୀୟ ପୁରୁଷ ଭାଲୁ ‘ରାଜା’ ଏବଂ ୭ ବର୍ଷୀୟା ଏହାର ସାଥି ଭାଲୁ ‘ପଦ୍ମା’କୁ ଯଥାକ୍ରମେ କର୍ଣ୍ଣାଟକ ମଇସୁରୁର ଶ୍ରୀ ଚାମରାଜେନ୍ଦ୍ର ପ୍ରାଣୀ ଉଦ୍ୟାନ, ଏବଂ ଚିତ୍ରଦୁର୍ଗାର ଆଡୁମଲେଶ୍ୱରା ମିନି ପ୍ରାଣୀ ଉଦ୍ୟାନରୁ ଯତ୍ନର ସହ ପରିବହନ କରାଯାଇଥିଲା। ସେମାନଙ୍କୁ ୨୨୦୦ କିଲୋମିଟରରୁ ଅଧିକ ରାସ୍ତା ପରିବହନ ପୂର୍ବକ ଆଇଜି ପାର୍କକୁ ଅଣାଯାଇଥିଲା ଏବଂ ସେମାନଙ୍କ କଲ୍ୟାଣ ପାଇଁ ସର୍ବାଧିକ ଧ୍ୟାନ ଦିଆଯାଇଥିଲା। ଭାଲୁ ଏନକ୍ଲୋଜରରେ ସେମାନଙ୍କ ବୁଲିବା, ଏବଂ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହେବା ପାଇଁ ପର୍ଯ୍ୟାପ୍ତ ସ୍ଥାନ ରହିଛି। ଭାଲୁମାନଙ୍କର ଶାରୀରିକ ଏବଂ ମାନସିକ ସୁସ୍ଥତାକୁ ସୁନିଶ୍ଚିତ କରି ପ୍ରାକୃତିକ ବୈଶିଷ୍ଟ୍ୟ, ପ୍ରଶସ୍ତ ଖେଳ କ୍ଷେତ୍ର ଏବଂ ଆରାମଦାୟକ ବିଶ୍ରାମ ସ୍ଥାନ ସହିତ ଆଧୁନିକ ସୁବିଧାଗୁଡ଼ିକ ସହିତ ଏହି ଏନକ୍ଲୋଜର ସଜ୍ଜିତ ରହିଛି।

# ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ୧୧୩ତମ ଜନ୍ମୋତ୍ସବ

କେନ୍ଦ୍ରାପଡ଼ା, ୨୦/୧ (ନି.ପ୍ର): କେନ୍ଦ୍ରାପଡ଼ା ସହର ଉପକଣ୍ଠ ଗରାପୁରସ୍ଥିତ ହନୁମାନଜୀଉଙ୍କ ମନ୍ଦିର ପରିସରରେ ବାବା ଶ୍ରୀ ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କର ୧୧୩ତମ ଜନ୍ମୋତ୍ସବ ଆଜି ପାଳିତ ହୋଇଯାଇଛି। ଏହି ଅବସରରେ ଶନିବାର ପ୍ରାତଃ ୪ ଘଟିକା ସମୟରେ ସାମୁହିକ ପ୍ରାର୍ଥନା କରାଯିବା ପରେ ମଙ୍ଗଳ ଆଳତୀ, ନଗର ସଂକୀର୍ତ୍ତନ କରାଯାଇଥିଲା। ସକାଳ ୯ ଘଟିକା ସମୟରେ ବାବାଙ୍କର ପୂଜା, ଆଳତୀ, ପ୍ରାର୍ଥନା ଓ ସ୍ମୃତିଚାରଣ କରାଯିବା ପରେ ଭକ୍ତମାନଙ୍କ ଦ୍ୱାରା ଭଜନ, ଜଣାଣ ଓ କୀର୍ତ୍ତନ କରାଯାଇଥିଲା। ଆଶ୍ରମର ସଭାପତି ବାବା ଚେତନାନନ୍ଦ ଦାସ ଓ ଶ୍ରଦ୍ଧାନନ୍ଦ ଦାସ ବାବାଙ୍କ ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁମାନେ ଯୋଗଦେଇ ଆଶୀର୍ବାଦ ଭିକ୍ଷା କରିଥିଲେ।

# ସକ୍ଷମ ପକ୍ଷରୁ ଶ୍ରୀରାମ ପାଦପୀଠ ଦର୍ଶନ ଓ ପୀଠ ପରିସର ସଫେଇ

ସମ୍ବଲପୁର, ୨୦/୧ (ନି.ପ୍ର): ସମ୍ବଲପୁରର ଜୀବନଧାରା ମହାନଦୀ ଗର୍ଭସ୍ଥିତ ଅବହେଳିତ ଐତିହାସିକ ପୀଠ ଶ୍ରୀରାମ ପାଦପୀଠର ସୁରକ୍ଷା ତଥା ବିକାଶ ଦିଗରେ କାର୍ଯ୍ୟ ହେବାର ଆବଶ୍ୟକତା ରହିଛି ବୋଲି ଆଜି ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସକ୍ଷମ ଦାବି ଉପସ୍ଥାପନା କରିଛି। ସମ୍ବଲପୁର ସହରର ଦୁର୍ଗାପାଲି ତଥା ଗୁଡ଼େଶ୍ୱର ବାବା ମନ୍ଦିର ପାର୍ଶ୍ୱରୁ ମହାନଦୀ ଗର୍ଭରେ ପ୍ରାୟ ୭ଶହ ମିଟର ଦୂର ଏକ ବିଶାଳ ପଥର ଟାପୁରେ ରହିଛି ପବିତ୍ର ଶ୍ରୀରାମ ପାଦ ପୀଠ। ଏହି ପୀଠକୁ ଯିବାକୁ ହେଲେ ଡ଼ଙ୍ଗାରେ ପ୍ରାୟ ୨ଶହ ମିଟର ଯିବାକୁ ପଡ଼ିଥାଏ। ବିଶେଷ ଭାବରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ଦିନ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଏହି ଧାର୍ମିକ ପୀଠକୁ ଦର୍ଶନ ପାଇଁ ଯାଇଥାନ୍ତି।

ଏହି ପୀଠକୁ ଯିବାପାଇଁ ବିଶେଷ ସାଧନ ନଥିବା କାରଣରୁ ସାଧାରଣ ଦିନରେ ଶ୍ରଦ୍ଧାଳୁଙ୍କ ଆଗମନ ପ୍ରାୟତଃ ହ୍ରାସ ପାଇଯାଏ। ତେବେ ପୀଠରେ ଦୈନନ୍ଦିନ ପୂଜାର୍ଚ୍ଚନା ସମ୍ପାଦନା କରିବା ପାଇଁ ଦୁର୍ଗାପାଲିର ପାଣ୍ଡେ ପରିବାର କର୍ତ୍ତବ୍ୟ କରିଆସୁଛନ୍ତି। ପ୍ରଭୁ ଶ୍ରୀରାମ ଚଉଦ ବର୍ଷ ବନବାସ କାଳରେ ଏହି ସ୍ଥାନରେ ପାଦ ଦେଇଥିବା ନେଇ ବହୁ ପୌରାଣିକ ମତବାଦ ମଧ ରହିଛି। ଏବେ ବି ଏହି ସ୍ଥାନରେ ପ୍ରଭୁ ଶ୍ରୀରାମଙ୍କ ଦୁଇ ପାଦଚିହ୍ନ ଥିବା ସହ ପ୍ରାଚୀନ ଶିଳାଲିପି ଥିବା ମଧ୍ୟ ଦେଖାଯାଏ। ମାତ୍ର ଦୁଃଖର ବିଷୟ, ଆଜିଯାଏ ଏହି ପୀଠର ବୈଶିଷ୍ଟ ସମ୍ପର୍କରେ ଅଧୟନ କରିବା ପାଇଁ ପ୍ରଶାସନ ପକ୍ଷରୁ କୌଣସି ଗୁରୁତ୍ୱ ଦିଆଯାଇନାହିଁ। ସରକାରଙ୍କ ପକ୍ଷରୁ ବହୁ ପୂରାତନ ତଥା ଜରାଜୀର୍ଣ୍ଣ ମନ୍ଦିର ପୁନରୁଦ୍ଧାର ହେଉଥିବାବେଳେ ଏତେ ପ୍ରାମାଣିକ ତଥ୍ୟ ଥିବା ଶ୍ରୀରାମ ପାଦ ପୀଠ ଏବେ ବି ଦେବୋତର ବିଭାଗ, ରାଜ୍ୟ ପର୍ଯ୍ୟଟନ ବିଭାଗ ତଥା ସରକାରଙ୍କ ଦ୍ୱାରା ଅବହେଳିତ ହୋଇପଡ଼ିରହିଛି। ଆଜିର ଦିନରେ ଅଯୋଧାରେ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଆୟୋଜିତ ହେଉଥିବାବେଳେ ଏବେ ଶ୍ରୀରାମ ପାଦ ପୀଠର ଗୁରୁତ୍ୱ ମଧ ବିଶେଷ ଭାବେ ବଢ଼ିଯାଇଛି। ପବିତ୍ର ଶ୍ରୀରାମ ପାଦ ପୀଠକୁ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ କରିବା ସହ ଶ୍ରଦ୍ଧାଳୁଙ୍କ ଗମନାଗମନ ସୁବିଧା ପାଇଁ ସ୍ୱତନ୍ତ୍ର ରାସ୍ତାର ବ୍ୟବସ୍ଥା ଦିଗରେ କାର୍ଯ୍ୟ କରିବାକୁ ସାମାଜିକ ଅନୁଷ୍ଠାନ ସକ୍ଷମ ଜିଲ୍ଲା ପ୍ରଶାସନ ପାଖରେ ଦାବି କରିଛି। ଆସନ୍ତା ୨୨ ଜାନୁଆରୀ ଦିନ ପବିତ୍ର ଶ୍ରୀରାମ ପାଦ ପୀଠରେ ହୋମଯଜ୍ଞ ସହ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ଥିବାବେଳେ, ଆଜି ସୂର୍ଯ୍ୟ ପାଣିଗ୍ରାହୀ, ସରୋଜ ସାହୁ, ରଞ୍ଜିତ ରଥ ଓ ରାଜକୁମାର ପାଣ୍ଡେ ପ୍ରମୁଖ ଏହି ପୀଠକୁ ଯାଇ ଦର୍ଶନ କରିବା ସହ ପୀଠ ପରିସରକୁ ସମ୍ପୂର୍ଣ୍ଣ ସଫେଇ କରାଇଥିଲେ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୧ ଜାନୁଆରୀ ୨୦୨୪
email :
rabibarachayan2015@gmail.com




## ଧାରାବାହିକ ଉପନ୍ୟାସ



# ବୈଦେହୀ

ଡ.ଭାଗବତ ବେହେରା



**‘ବୈଦେହୀ’ ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର ‘ବୈଦେହୀ’ ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର ‘ବୈଦେହୀ’ ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ଭାଗ-୩୫

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ତାଙ୍କୁ ଦେଖି ମୋର ବେନି ଶାଶୁ କୋଳକରି ବାହୁନି ବାହୁନି କହିଥିଲେ, ରାମରେ ତୁ କ’ଣ ସତରେ ଅଯୋଧ୍ୟା ଛାଡ଼ି ଚାଲିଯିବୁ । ବନବାସ ଦୁଃଖକୁ ତୁ କେମିତି ସହିବୁରେ ପୁଅ । କ’ଣ ନକଲା ମହାରାଣୀ କୈକେୟୀ। ତା’ ପୁଅକୁ ଯଦି ରାଜା କରାଇବାର ଇଚ୍ଛାଥିଲା, ତାହେଲେ ସେ ମହାରାଜଙ୍କୁ କହି ତାହା କରାଇ ପାରିଥାନ୍ତା। କ’ଣ ପାଇଁ ତୋତେ ଏତେ ଦଣ୍ଡଦେଲା ସେ ? କ’ଣ ପାଇଁ ମୋ ପୁଅକୁ ମୋ ଠାରୁ ଛଡ଼ାଇ ନେଲା ? ରାଜମାତା ହେବାର ଇଚ୍ଛା ସେ ମୋ ନିକଟରେ ବ୍ୟକ୍ତ କରିଥିଲେ, ମୁଁ ହସିହସି ତାହା ତାକୁ ସମର୍ପଣ କରିଦେଇଥା’ନ୍ତି। ତାହା ନକରି ସେ ମାୟାବିନୀ ଏତେ କୂଟକପଟ ଛଳନା କଲା କ’ଣ ପାଇଁ ?

ମାତା କୌଶଲ୍ୟାଙ୍କୁ ବୁଝାଇ ମୋ ସ୍ୱାମୀ କହିଥିଲେ, “ମା ! ତୁମେ ମାତା କୈକେୟୀଙ୍କୁ ଦୋଷ ଦେଉଛ କାହିଁକି ? ସେ ପରା ମୋତେ ସବୁଠୁ ବେଶି ଭଲପାଆନ୍ତି। ତାଙ୍କ ସ୍ନେହ ଆଦରର ତୁଳନା ନାହିଁ ମା’। ସେ ଭଳି ମା’ କୋଟି ଜନ୍ମର ପୁଣ୍ୟରୁ ପ୍ରାପ୍ତି ହୋଇଥାନ୍ତି । ଶେଷ ନିଃଶ୍ୱାସ ତ୍ୟାଗ କଲା ପର୍ଯ୍ୟନ୍ତ ରାମ କ’ଣ ମାତା କୈକେୟୀଙ୍କ ସ୍ନେହ, ପ୍ରେମକୁ ଭୁଲିପାରିବ ? ସେ ଯାହା କରିଛନ୍ତି ମୋର ମଂଗଳ ପାଇଁ। ମୋର ବନଗମନ ପଛରେ କିଛି ମହତ ଉଦ୍ଦେଶ୍ୟ ଥାଇପାରେ ମା’। ସେ କଥାକୁ ଆମେ ଜାଣିପାରୁ ନାହୁଁ । ଅଥବା ମୋର ପୂର୍ବଜନ୍ମର ପ୍ରାରବ୍ଧ କର୍ମ ମୋତେ ଭୋଗିବାକୁ ଅଛି, ଯାହା ଏହି ବନବାସରେ ସମାପ୍ତ ହେବ। ତୁ ଯେତେ ବୁଝାଇଲେ ଏ ମନ ବୁଝିବ ନାହିଁରେ ପୁଅ। ଚଉଦବର୍ଷ ସମୟ କିଛି କମ୍ ନୁହେଁ । ଚଉଦବର୍ଷ ବଣରେ କଟାଇ ତୁ ଅଯୋଧ୍ୟା ଫେରିବା ପୂର୍ବରୁ ଆମେ ଆଉ ଏ ଜଗତରେ ନଥିବୁରେ ପୁଅ । ଏ ଜନ୍ମରେ ତୋ ତୁଣ୍ଡରୁ ମା’ ଡାକ ଶୁଣିବା ଆଉ ମୋ ଭାଗ୍ୟରେ ନାହିଁ ।

ଦୁଇମାଆଙ୍କ ଚକ୍ଷୁରୁ ଅଶ୍ରୁ ପୋଛି ଦେଇ ମୋ ସ୍ୱାମୀ କହିଥିଲେ, ଚଉଦବର୍ଷ ଚଉଦଦିନ ପରି ଲାଗିବ ମା’। ରହୁଁରହୁଁ ଏ ଅଯୋଧ୍ୟାରେ ଚଉଦଟି ବର୍ଷା, ବସନ୍ତ, ବୈଶାଖ, ଶରତ, ହେମନ୍ତ ଆସି ତାଙ୍କ ଖେଳା ଲୀଳା ଶେଷ କରି ଚାଲି ଯାଇଥିବେ। ଅଯୋଧ୍ୟାର ଶିଶୁ ସବୁ କିଶୋର, କିଶୋର ସବୁ ଯୁବକ ଆଉ ଯୁବକ ମାନେ ପ୍ରୌଢ଼ ହୋଇ ଯାଇଥିବେ। ତୁମ ପୁତ୍ର ରାମ ସେହି ପ୍ରୌଢ଼ତ୍ୱକୁ ମୁଣ୍ଡାଇ ଆସି ଅଯୋଧ୍ୟାରେ ପହଞ୍ଚିଯିବ ମାଆ।

ତୁ ଯାହା କହିଲୁ ସତରେ ପୁଅ । ଅନେକ କିଛି ପରିବର୍ତ୍ତନ ହୋଇ ଯାଇଥିବ ଅଯୋଧ୍ୟାର । ଯୁବକ ପ୍ରୌଢ଼ ହୋଇଥିବେ ପ୍ରୌଢ଼ ବୃଦ୍ଧ ଆଉ ବୃଦ୍ଧ ମାନେ ସ୍ୱର୍ଗଯାତ୍ରୀ । ତୁ ଫେରି ଆମ ମୁହଁ ଦେଖିପାରିବୁ ନାହିଁକି ଆମେ ତୋ ମୁହଁ । କେବଳ ତୋ ହାତରୁ ପିଣ୍ଡ ମୁଠାକୁ, ଆମେ ଅନାଇ ରହିଥିବୁ ।

ମା’.... କାନ୍ଦି ଉଠିଥିଲେ ମୋ ସ୍ୱାମୀ । ଏମିତି କୁହନାହିଁ ମା’। ବିଦାୟ ବେଳରେ ତୁମେମାନେ ଏମିତି ହେଲେ, ମୁଁ ଅଯୋଧ୍ୟାରୁ ବିଦାୟ ନେବି କେମିତି । ତୁମେ କାନ୍ଦିଲେ ସୀତା ମୋର କାନ୍ଦିବ। ସୀତା କାନ୍ଦିଲେ ମୁଁ କ’ଣ ଅଯୋଧ୍ୟା ଛାଡ଼ି ପାରିବି.... ଏହାକହି ମୋ ସ୍ୱାମୀ। ମା’ଙ୍କ ପାଖରୁ ଆସି ମୋ ପାଖରେ ପହଞ୍ଚି ଯାଇଥିଲେ । ଗୋଟାଏ ପଥର ଖମ୍ୱକୁ ଆଉଜି ପଥର ପରି ଛିଡ଼ା ହୋଇ ରହିଥାଏ ମୁଁ । ମୋ ପାଖକୁ ଆସି ସ୍ୱାମୀ ମୋର ମୋ ଆଖିରୁ ବହି ଯାଉଥିବା ଅଶ୍ରୁଧାରାକୁ ପୋଛିଦେଇ, ମୋ କପାଳରେ ହସ୍ତରଖି କହିଥିଲେ, ସୀତେ ! ତୁମେ ଏମିତି କାନ୍ଦୁଛ କାହିଁକି ? ତୁମେ ଏପରି ଅଶ୍ରୁବର୍ଜନ କଲେ ମୁଁ ଅଯୋଧ୍ୟାରୁ ପାଦ କାଢ଼ିବି କେମିତି ? ଶୋକ ସମ୍ୱରଣ କର ପ୍ରିୟେ । ହସହସ ବଦନରେ ତୁମେ ମୋତେ ବିଦାୟ ଦିଅ ।

ତାଙ୍କ କଥା ମୁଁ ଶୁଣି ଯାଉଥାଏ । ପାଟିରୁ ଶବ୍ଦଟିଏ ମଧ୍ୟ ସ୍ଫୁରୁ ନଥାଏ । ମୋ ନୟନର ଅଶ୍ରୁ ଦେଉଥାଏ ମୋ ସ୍ୱାମୀଙ୍କ ପ୍ରଶ୍ନର ଉତ୍ତର ।

ମୋତେ କୋଳକୁ ଟାଣିନେଇ, ମୋ ମସ୍ତକରେ ବୋକ ଦେଇ ସେ କହିଥିଲେ, “ସୀତେ ତୁମ ଭଳି ପ୍ରାଜ୍ଞୀ, ସ୍ୱାଧୀ ରମଣୀ ଯଦି ଏମିତି ଧୈର୍ଯ୍ୟ ହରାଇବେ, ତାହେଲେ ମୁଁ କେମିତି ଏଠାରୁ ବିଦାୟ ନେବି ? ଅଶ୍ରୁର ଝରଣା ଝରାଅ ନାହିଁ ଦେବୀ। ମୋତେ ବନବାସୀ ରୂପରେ ସଜାଇ ଦିଅ।”

ନିଜକୁ ଆଉ ସମ୍ଭାଳି ପାରି ନଥିଲି ମୁଁ । ପ୍ରଭୁ ପ୍ରଭୁ କହି କାନ୍ଦିକାନ୍ଦି ଲୋଟି ପଡ଼ିଥିଲି ତାଙ୍କ ଛାତିରେ।

ତାଙ୍କର କୋମଳ ହସ୍ତରେ ମୋର ମୁଖକୁ ତୋଳିଧରି ସେ କହିଥିଲେ, ଦେବୀ ନିୟତିର କ୍ରୁର ପରିହାସ, ଆଜି ମୋତେ ବନଚାରୀ କରାଉଛି । ନିୟତିର ନିୟମକୁ ଲଂଘନ କରିବ କିଏ ? ତୁମେ ଧୈର୍ଯ୍ୟ ଧର ଦେବୀ । ତୁମେ ଏମିତି ହେଲେ ମୋ ପିତା ମାତାଙ୍କ ଚକ୍ଷୁରୁ ଅଶ୍ରୁ ପୋଛିବ କିଏ ?

ତାଙ୍କ କଥା ଶୁଣି ମୁଁ କହିଥିଲି, ସ୍ୱାମୀ ଆପଣ ମୋର ପ୍ରଭୁ । ଇହକାଳ ପରକାଳର ଦେବତା । ଆପଣଙ୍କ ସୁଖ ମୋର ସୁଖ । ଆପଣଙ୍କ ଦୁଃଖ ମୋର ଦୁଃଖ । ଆପଣ ପିତୃ ସତ୍ୟ ପାଳି ବନଯାତ୍ରା କଲାବେଳେ ଆପଣଙ୍କୁ ଛାଡ଼ି ମୁଁ ଅଯୋଧ୍ୟାର ରାଜସୁଖ ଭୋଗ କରିବି କେମିତି ? ଆପଣ ବନଚାରୀ ହେଲେ ମୁଁ ହେବି ବନଚାରିଣୀ। ଆପଣ ସନ୍ନ୍ୟାସୀ ହେଲେ ମୁଁ ସନ୍ନ୍ୟାସିନୀ । ଆପଣ ବୃକ୍ଷର ବଳ୍କଳ ପିନ୍ଧିଲେ ମୁଁ ମଧ ବୃକ୍ଷର ବଳ୍କଳ ପିନ୍ଧିବି । ଆପଣ ଅରଣ୍ୟରେ ଥାଇ ଫଳମୂଳ ଖାଇ ଦିନ ବିତାଇଲେ ମୁଁ ମଧ ଆପଣଙ୍କ ସହିତ ଥାଇ ସେହି ଭୋଜନ ଭୁଞ୍ଜି ମହା ଆନନ୍ଦରେ କାଳ ବିତାଇବି। ମୁଁ ଆପଣଙ୍କ ଧର୍ମପତ୍ନୀ । ଧର୍ମରେ କର୍ମରେ ସବୁଥିରେ ମୁଁ ଆପଣଙ୍କର ସହଧର୍ମିଣୀ, ସହକର୍ମିଣୀ, ସହମର୍ମିଣୀ । ବିନା ରାମରେ ସୀତାର ଗତି କାହିଁ ? ଆପଣ ହିଁ ତ କହିଥିଲେ ସୀତା ରାମର ଆଉ ରାମ ସୀତାର । ଆଜି ସେହି ବ୍ୟକ୍ତି ଆପଣ କେମିତି କହୁଛନ୍ତି ମୋତେ ଅଯୋଧ୍ୟାପୁରୀରେ ଛାଡ଼ିଦେଇ ଏକା ବନଯାତ୍ରା କରିବେ । ତାହା ହୋଇପାରିବ ନାହିଁ ପ୍ରଭୁ । ଆପଣଙ୍କ ସହିତ ସୀତା ମଧ ବନବାସିନୀ ହେବ।

ସୀତେ ! ଚମକି ଉଠିଥିଲେ ମୋ ସ୍ୱାମୀ । ତୁମେ ଏ କ’ଣ କହୁଛ ? ତୁମେ ମୋ ସହିତ ବନଯାତ୍ରା କରିବ ? ଏହା କଦାପି ସମ୍ଭବ ନୁହେଁ ଦେବୀ । ବିପଦ ସଂକୁଳ ଅରଣ୍ୟାନୀ, ବ୍ୟାଘ୍ର, ଭଲ୍ଲୁକାଦି ହିଂସ୍ର ଜୀବଙ୍କର ବାସଭୂମି, ତା ଛଡ଼ା ରାକ୍ଷସମାନେ ସଦା ବନରେ ବିହାର କରନ୍ତି । ସେ ସ୍ଥାନକୁ ତୁମକୁ ନେବା ଆଦୌ ଉଚିତ ହେବନାହିଁ ଦେବୀ । କଣ୍ଟକିତ ଅରଣ୍ୟ ପଥ । କେତେବେଳେ ମୁଁ କେଉଁଠି ରହିବି ତାର ଠିକ୍ ଠିକଣା ନଥିବ । କେତେବେଳେ ବୃକ୍ଷମୂଳରେ ତ କେତେବେଳେ ଗିରିଗୁହାରେ । ସେ ଜୀବନ ଅତ୍ୟନ୍ତ ଦୁର୍ବିସହ ଦେବୀ । ତୁମେ କାହିଁକି ଜାଣିଶୁଣି ବିପଦକୁ ଆହ୍ୱାନ କରିବ ।

ତାଙ୍କୁ କଥା ପୂର୍ଣ୍ଣ କରିବାକୁ ନଦେଇ ମୁଁ କହିଥିଲି ସ୍ୱାମୀ, ଆପଣ ଠିକ୍ ଭାବରେ ଜାଣିଛନ୍ତି ଜଣେ ସଧବା ନାରୀର ଗତି କ’ଣ ? ସ୍ୱାମୀ ତାର ଧ୍ୟାନ, ସ୍ୱାମୀ ତାର ମନ, ପ୍ରାଣ । ବିବାହ ବେଦୀରେ ହସ୍ତଗଣ୍ଠି ପଡ଼ିବା ବେଳେ ମୁଁ ମୋର ତନୁ, ମନ, ପ୍ରାଣ ସବୁ ଆପଣଙ୍କୁ ଅର୍ପଣ କରିସାରିଛି । ଆପଣ ଗଲେ ଆପଣଙ୍କ ସହିତ ମୋ ମନ, ପ୍ରାଣ, ଆତ୍ମା ଯେତେବେଳେ ଚାଲିଯିବ, ସେତେବେଳେ ଏ ଶରୀରଟା ଅଯୋଧ୍ୟାରେ ପଡ଼ିରହିବ କାହିଁକି ? ଆପଣ କ’ଣ ଚାହାଁନ୍ତି ଆପଣ ଅଯୋଧ୍ୟାରୁ ଗୋଡ଼କାଢ଼ିବା ମାତ୍ରେ ମୋ ପ୍ରାଣ ପକ୍ଷୀ ଉଡ଼ିଯାଉ ବୋଲି ।

ସୀତେ ! ମୋ ପାଟିରେ ହାତଦେଇ ମୋ ସ୍ୱାମୀ କହିଥିଲେ, ତୁମେ ଏ କ’ଣ କହୁଛ ସୀତେ । ମୋତେ ଛାଡ଼ି ତୁମେ ଚାଲିଗଲେ.....

ଆପଣ ଯେତେବେଳେ ମୋତେ ଛାଡ଼ି ଚାଲିଯିବାକୁ ଚାହାଁନ୍ତି ମୁଁ ଆପଣଙ୍କୁ ଛାଡ଼ି ଚାଲି ନଯିବି କାହିଁକି ?

(କ୍ରମଶଃ)

❤ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

## ପ୍ରସଙ୍ଗ (୫)

# ଅସହିଷ୍ଣୁତା

ସୃଷ୍ଟିଧର ପରିଡା



ରାମବାବୁ ଜଣେ ଅବସରପ୍ରାପ୍ତ ଶିକ୍ଷକ। ଆମ ଘର ପାଖରେ ତାଙ୍କ ଘର ଥିବା କାରଣରୁ ଏବଂ ଜେଲ ହତା ଭିତରେ ମର୍ଣ୍ଣିଂଓ୍ୱାକ୍ କରିବା ଅବସରରେ ତାଙ୍କ ସହ ପରିଚୟ । ଆମ ଘରକୁ ଥରେ ଆସିଥିବା ବେଳେ ବହିଥିବା ଦେଖି ପ୍ରତ୍ୟେକ ଦିନ ସଂଧ୍ୟାବେଳେ ସେ ଦୁଇ ଘଂଟା ପାଇଁ ଆମ ଘରକୁ ଆସନ୍ତି। ଆମ ଘର ଲାଇବ୍ରେରୀରେ ବସି ଥିବା ବହି ପଢ଼ନ୍ତି । ବେଳେବେଳେ କଥା ପ୍ରସଙ୍ଗରେ ସେ କହନ୍ତି, ଜାଣିଛନ୍ତି ପରିଡ଼ା ବାବୁ, ଏ ବୟସରେ ଏ ବହିମାନେ ମୋତେ ମୋର ସାଥୀ ପରି ଲାଗୁଛନ୍ତି। ଏମାନେ ମୋତେ ଜୀବନ ଦେଇଛନ୍ତି। ଧୀରେ ଧୀରେ ରାମବାବୁଙ୍କ ସହିତ ଖୁବ୍ ବନ୍ଧୁତା ହୋଇଯିବାପରେ ଦିନେ ସେ ତାଙ୍କର ଜୀବନ କାହାଣୀ ମୋତେ କହିଥିଲେ । ଜାଣିଛ ଅବିନାଶ, ତାଙ୍କର ଗୋଟିଏ ପୁଅ ଆଉ ଗୋଟିଏ ଝିଅ । ପତ୍ନୀ ଚାଲିଗଲା ପରେ ବହୁ କଷ୍ଟକରି ତାଙ୍କୁ ମଣିଷ କରିଛନ୍ତି ସେ। ଏବେ ପୁଅଟି ଆମେରିକାରେ ଓ ଝିଅଟି ବାଙ୍ଗାଲୋରରେ। ଅବସର ନେଲାପରେ ପୁଅ ତାଙ୍କୁ ବାରମ୍ବାର କହିଛି ଆପଣ ବାଲେଶ୍ୱର ଓ ଗାଁର ଜମିକୁ ବିକିଦେଇ ମୋ ପାଖକୁ ପଳାଇ ଆସନ୍ତୁ । ଏକା କାହିଁକି ବାଲେଶ୍ୱରରେ ରହିବେ। ଥରଟେ ସେ ମୋ ପୁଅ ପାଖକୁ ଗଲେ। କିନ୍ତୁ କିଛିଦିନ ତା ସହିତ ଆମେରିକାରେ ରହିବାପରେ ତାଙ୍କୁ ସେଠିକାର ଚାଲିଚଳନ ଓ ଏକୁଟିଆ ଜୀବନ ଆଉ ପୁଅ ବୋହୂଙ୍କର ଆଚରଣରେ ତାଙ୍କୁ ଭଲ ଲାଗିଲାନି। ମନେମନେ ସିଦ୍ଧାନ୍ତ ନେଇଥିଲି ଜୀବନର ଅବଶିଷ୍ଟ ସମୟ ନିଜ ବାଲେଶ୍ୱର ଘରେ ନହେଲେ ଗାଁ ଘରେ ରହି ଜୀବନ ବିତାଇବେ। କାରଣ ସ୍ମୃତିରେ ଗାଁ ତ ସମସ୍ତଙ୍କ ପାଇଁ ଭାରି ସୁନ୍ଦର । କେତେ ସୁନ୍ଦର ଗାଁ ଜୀବନ ଓ ଗାଁ ପରିବେଶ। ତେଣୁ ଶେଷ ଜୀବନ ଗାଁରେ କାଟିବା କଥା ଭାବି ଭାରି ଖୁସି ବି ହୋଇଥିଲେ ରାମବାବୁ । ହେଲେ କଣ ହେଲା ଜାଣିଛ ଅବିନାଶ ! ଗାଁରେ କିଛିଦିନ ରହିବାପରେ ତାଙ୍କୁ ଖୁବ୍ ଅସହ୍ୟ ଲାଗିଲା ସେ ପରିବେଶ । ଗାଁରେ ପୂର୍ବର ସେ ଭଲପାଇବା ବଦଳରେ ଖାଲି ହିଂସା ଆଉ ଈର୍ଷାର ପରିବେଶ । ତାଙ୍କର ଗାଁକୁ ଯିବାର ଖୁବ୍ ଅଳ୍ପଦିନ ପରେ ପଂଚାୟତ ନିର୍ବାଚନ ହେଲା ସେ ସେହି ନିର୍ବାଚନରେ କିପରି ଭାଇ ସହିତ ଭାଇ, ବାପ ସହିତ ପୁଅର ନିଜ ନିଜ ଭିତରେ ଲଢ଼େଇକୁ ଦେଖି ସେ ଅତିଷ୍ଠ ହୋଇପଡ଼ିଲେ। ଯେଉଁ ଗାଁ ଛକରେ ଦିନେ ସାଂଗସାଥୀ ଏକାଠି ହୋଇ ଖଟି କରୁଥିଲେ, ସେଇ ଛକରେ ପରସ୍ପର ପ୍ରତି ସନ୍ଦେହ, ଘୃଣା, ହିଂସା ଦେଖେଇ ଶିଖେଇ କଥାବାର୍ତ୍ତା । ସେଇ ଭୋଟକୁ ନେଇ, ନେତା ବଛାକୁ ନେଇ କିଏ କାହା ସହିତ ଗଣ୍ଡଗୋଳ କଲାଣି ତ କିଏ ରାତି ଅଧରେ କାହାଘରର ନିଆଁ ଲଗେଇ ଦେଲାଣି । ପରିଶେଷରେ ଏମିତି ହେଲା ଯେ ଗୋଟିଏ ଦଳର କିଛି ଲୋକ ଅନ୍ୟ ଦଳର ଲୋକଙ୍କ ଘରେ ରାତିଅଧରେ ବୁଲଡୋଜର ଲଗାଇ ଭାଙ୍ଗିଦେବାର ଦୃଶ୍ୟ ଦେଖି ସେ ଗାଁକୁ ଛାଡି ଚାଲିଆସିଲେ । ସେଦିନର ଘଟଣା ରାମବାବୁଙ୍କ ଜୀବନରେ ଏକ ଟର୍ଣ୍ଣିଂ ପଏଂଟ ହୋଇଗଲା। ସବୁଦିନପାଇଁ ଗାଁ ଛାଡ଼ି ସହରରେ ରହିବାପାଇଁ ସିଦ୍ଧାନ୍ତ ନେଲେ।

ବୁଝିଲ ଅବିନାଶ, ଆଜି ରାଜନୀତି, ଭୋଟ ଆଉ ନିର୍ବାଚନ ନାଁରେ ସମସ୍ତେ ପରସ୍ପରଠାରୁ ଦୂରେଇବାରେ ଲାଗିଛନ୍ତି। ହିଂସା, ଅସହିଷ୍ଣୁତା, ଈର୍ଷାରେ ପରସ୍ପରକୁ ଘୃଣା କରିବାରେ ଲାଗିଛନ୍ତି। କେବଳ ମାତ୍ର ଗାଁରେ ଦୁହେଁ ସହର ପର୍ଯ୍ୟନ୍ତ ମାଡି ଆସିଲାଣି ସେ ବେମାରୀ । ଆଜିର ନେତାମାନେ କ୍ଷମତା ଓ ଭୋଟ ପାଇଁ ନିଜ ଭିତରେ ସଲାସୁତର କିନ୍ତୁ ଲୋକଙ୍କ ଭିତରେ ଅସହିଷ୍ଣୁତାର ବିଷମଂଜି ବୁଣିବାରେ ଲାଗି ପଡିଛନ୍ତି ଯାହାଫଳରେ ଆଜିର ସମାଜରେ ଭାଇଠାରୁ ଭାଇର ସ୍ନେହ, ସ୍ୱାମୀସ୍ତ୍ରୀ ମଧ୍ୟରେ ପ୍ରେମ, ପଡ଼ୋଶୀଠାରୁ ପଡ଼ୋଶୀର ଶ୍ରଦ୍ଧା ଛଡ଼ାଇ ନେଇ ଏକ ହିଂସାର ବାତାବରଣ ତିଆରି କରି ଦେଇଛି। ଜଣେ ଏ ଦଳର ହେଲେ ଆଉଜଣେ ସେ ଦଳର । ଭୋଟ ଆଉ କ୍ଷମତା ପାଇଁ ଘୃଣାର ପ୍ରସାରରେ ସମସ୍ତେ ବ୍ୟସ୍ତ। ଧର୍ମ ଓ ଜାତି ନାମରେ ସାଧାରଣ ମଣିଷକୁ ପରସ୍ପର ବିରୋଧରେ ଠିଆଇବାରେ ସିଦ୍ଧହସ୍ତ ଏମାନେ। ସାଧାରଣ ଲୋକଙ୍କୁ ମାୟା ଜାଲ ଘୋଡେଇ ନିଜ ସ୍ୱାର୍ଥ ହାସଲରେ ଏମାନେ ଧୂରନ୍ଧର। ଦେଖନ୍ତୁ, ସେଇଥିପାଇଁ ସମାଜର ନ୍ୟାୟ କେତେ ବିଡମ୍ୱିତ ? ଧର୍ମ ନାଁରେ ଚାରିଆଡ଼େ ହିଂସା, ପ୍ରେମ ନାଁରେ ଅସହିଷ୍ଣୁତା କେମିତି କାୟା ବିସ୍ତାର କରିବାରେ ଲାଗିଛି ! ଗାଁ ହଉ ବା ସହର, କୋଉଠି ହେଲେ ଶାନ୍ତି ନାହିଁ । ମଠ ହଉ କି ମନ୍ଦିର, ଅନାଥାଶ୍ରମ ହେଉ କି ବୃଦ୍ଧାଶ୍ରମ କେହି ରାଜନୀତିରୁ ଉର୍ଦ୍ଧ୍ୱରେ ନାହାନ୍ତି । ବରଂ ସବୁଠି ଈର୍ଷା, ହିଂସା, ଦ୍ୱେଷ, ଛଳନା, କପଟତାର ପ୍ରଦୁର୍ଭାବ ।

ମୋ ପାଖରୁ ରାମବାବୁଙ୍କ କଥା ଶୁଣି ଅବିନାଶ କହିଲା, ଏହା କେବଳ ରାମବାବୁଙ୍କ କଥା ନୁହେଁ ଭାଇ, ଏ ସଂସାରରେ ଶହଶହ ରାମବାବୁ । କାରଣ ଭଲ ପଢୁଥିବା ପିଲାମାନେ ଭଲ ପଢି ଏଠି ଭଲ ଚାକିରୀ ତ ପାଇବେନାହିଁ, ସେସବୁର ବି ରାଜନୀତିକରଣ ହେଇଯାଉଛି । ତେଣୁ କଣ କରିବେ ? ବାହାରକୁ ଯିବେ, ଆଉ ଥରେ ଯାଇସାରିବା ପରେ ସେଠିକାର ସୁଖ ସୁବିଧା ଏଠି ପାଇବେନାହିଁ ଜାଣି ଆଉ ଫେରିବେନାହିଁ । ଏଠି ରାମବାବୁଙ୍କ ପରି ଲୋକମାନେ ଶେଷଜୀବନ ଏମିତି କଷ୍ଟରେ କାଟିବେ । ଆପଣ ଦେଖୁନାହାନ୍ତି ଏଠି ରାମବାବୁଙ୍କ ପିଲାଙ୍କ ପାଖରର ତ ଅର୍ଥର ଅଭାବନାହିଁ, ଯୋଉଠି ଅଛି ସେମାନେ ବାପମା’ଙ୍କ ମୁଣ୍ଡ ଉପରେ ନାଚୁଛନ୍ତି, କଣନା ଗାଁର ଜାଗାବାଡି ବିକ, ଆମ ଭାଗ ଦିଅ । ତେଣିକି ବାପାମା’ ମାନେ ରାସ୍ତାରେ ଭିକ ମାଗନ୍ତୁ ପଛେ ।

ମୁଁ କହିଲି, ଖାଲି ସେତିକି ନୁହେଁ ଅବିନାଶ, ରାମବାବୁ ଏ ନିଷ୍ପତ୍ତି ମଧ୍ୟ ନେଇଛନ୍ତି ଯେ ସେ ଗୋଟେ ଟ୍ରଷ୍ଟ ଗଢି ତାଙ୍କର ସବୁ ସମ୍ପତ୍ତିକୁ ଟ୍ରଷ୍ଟକୁ ହସ୍ତାନ୍ତର କରିବେ ଏବଂ ନିଜର ଅର୍ଗାନ ମଧ୍ୟ ଦାନ କରିବାକୁ ଲେଖିଦେବେ । ଯୋଉଥିପାଇଁ ତାଙ୍କ ମଲାପରେ ମଧ୍ୟ ତାଙ୍କ ପିଲାମାନଙ୍କ ଆସିବା ନଆସିବା ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହେବନାହିଁ, ସେମାନେ ସେଠି ଭଲରେ ଅଛନ୍ତି, ଥାନ୍ତୁ । ହେଲେ କେବଳ ପୁସ୍ତକ ହିଁ ଏ ଜଂଜାଳମୟ ମରିଚୀକାପୂର୍ଣ୍ଣ ସଂସାରରୁ ଅବଶିଷ୍ଟ ଜୀବନପାଇଁ ଶାନ୍ତି ପ୍ରଦାନ କରିପାରିବ। ପ୍ରକୃତରେ ଏହି ପୁସ୍ତକ ହିଁ ଜୀବନର ଶେଷ ବନ୍ଧୁ ।

❤ ଦେବଶ୍ରୁତି ନିବାସ, ଜେଲରୋଡ, ବାଲେଶ୍ୱର-୧
(ମୋ) ୯୪୩୭୦୬୩୭୦୫

## କବିତା...

### ।। ଦିନେ ଏମିତି ହେବ ।।

ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ



ଦିନେ ଏମିତି ହେବ
ଖୁବ୍ ଗୋଟେ କିଏ ଲୋଡ଼ା ପଡ଼ିବ
ସୁନ୍ଦର୍ ବଂଗ୍ଲୋ ଆଉ ଭରପୂର ବ୍ୟାଙ୍କ୍
ବାଲାନ୍ସ ଛଡ଼ା ତମ ପାଖେ
କିନ୍ତୁ ଆଉ କେହି ନଥିବେ,
ଏମିତି ବି ତୁମ ଦେହର ଛାଇ ସୁଦ୍ଧା
ବାଟ କାଟି ସାରିଥିବ
ତୁମ ଆଧିପତ୍ୟ ଆଗରେ।

ବୟସର ଅପରାହ୍ନରେ ତୁମେ
ଦିନେ ଏକ୍ଲା ଛିଡ଼ା ହେଇଥିବ
ତୁମ ବିଭବର ପରିସୀମାକୁ ମେଲାଇ
ଠିକ୍ ‘ନିଅ ନିଅ’ ବୋଲି କହି
ଟେକିଦେବା ବେଳକୁ ହିଁ
ତୁମକୁ ପିଠି କରି ଉଡ଼ି ଯାଇଥିବ
ସେଠୁ ସମୟର ପ୍ରଜାପତି,
ବାଟରେ ଘାଟରେ
ଦିନେ ଝଟକୁ ଥିବା କୃଷ୍ଣଚୂଡ଼ା ବି
ମଉଳି ଝଡ଼ି ଯାଇଥିବେ
ସେଇ ସମାନ ରାସ୍ତାରେ।

କେବେ ଥରେ ତୁମକୁ
ଆନମନା କରିବ ତୁମ ଆଖପାଖ
ଅତୀତର ଖୋଜ୍‌ରେ
ତୁମେ ଡାଏରୀରେ
ପୃଷ୍ଠା ପରେ ପୃଷ୍ଠା ଓଲଟାଇ ଚାଲିଥିବ
ଲୁହ ଲହୁ ଏକାକାର କରିଥିବ
ତଥାପି କିଛି ପୃଷ୍ଠାରୁ ସ୍ମୃତି ସବୁ ଲିଭି
ସାରିଥିବ।

ଏମିତି ହେବ
କାହା ଅପେକ୍ଷାରେ ତୁମେ
ବାଲକୋନୀରୁ ଶୋଇବାଘର
ଓ ଶୋଇବା ଘରୁ ବାଲକୋନୀ
ହେଇ ହେଇ ଆଖିରୁ ଜଳକା ଶୁଖିଥିବ,
ସମସ୍ତେ ଦେଖୁଥିବେ ନୀରବରେ
ତଥାପି କାହା ପାଟିରୁ ଆହାଃ ପଦଟେ ସ୍ୱତଃ
ବାହାରି ନଥିବ
କେହି ଜଣେ ଫେରିଆସି
ତୁମକୁ କୋଳକୁ ଟାଣିନେଇ ନଥିବ !

ଦିନେ ଏମିତି ହେଇଥିବ
କାମନାର ଶହ ଶହ ରେଖା
ଛେଦି ହେଇପଡୁଥିବେ ଗୋଟେ ବିନ୍ଦୁରେ
ଏବେ କିନ୍ତୁ ନା ଥିବ କାମନା
ନା ଥିବ ବେଶୀ କିଛି ଲଭିବାର ବାସନା
ଯାହାକୁ ତୁମେ ଆକୁଳରେ ଖୋଜୁଥିବ,
ସେ କିନ୍ତୁ ତୁମଠୁ
ଅମାପ ଦୂରତାକୁ ଘୁଞ୍ଚି ସାରିଥିବ,
ଆଉ ତୁମେ, ସମୟର ଚାଦର ତଳେ
ଅସମାପ୍ତ ନିଦ୍ରାରେ ଶୋଇଯାଇଥିବ।

❤ ସହଦେବଖୁଣ୍ଟା, ବାଲେଶ୍ୱର
ପିନ୍ -୭୫୬୦୦୧
(ମୋ) ୭୭୮୯୭୭୨୭୬



### ।। ଭୋଗୁଥା’ନ୍ତୁ ଆଉ ଶହେ ଶୀତଋତୁ ।।

ପ୍ରେମାନନ୍ଦ ଖଣ୍ଡୁଆଳ



କଲେଜ ଛକ ଫୁଟପାଥକୁ
ପେଟେଇ ପଡ଼ିଥିବ ସଞ୍ଜ
ଅବିର ଗୁଣ୍ଡପରି ଆକାଶରୁ କାକର
ଝାରୁଥିବେ ମିଞ୍ଜି ମିଞ୍ଜି ତାରା
ମଞ୍ଜ ଥରଉଥିବ ଜାଡ଼,
ପାଖ ଚା’ଦୋକାନରେ
ଗରାଖ ସାଙ୍ଗରେ ମଜି ଯାଉଥିବ
ଟୁକୁ ଚା’ବାଲା,
ସ୍ଲୋ ସାଉଣ୍ଡରେ ବଜଉଥିବ
‘ହେ ଜଗା ତୋ କଳା ଅନ୍ଧାରରେ
ମୋତେ ମିଶେଇ ଦେ’ ଅନୁପମ ଗୀତ
କହୁଥିବ, ଏ ଅଲବମରେ ରୋଲ କରୁଚି
ଆମ କେନ୍ଦ୍ରାପଡ଼ା ଟୋକା ‘ଶୋଭନ ସାମଲ’
ଦେଖିଲେ ଆଖିରୁ ଝରିବ ଲୁହ ।

ଏସବୁ ଦୃଶ୍ୟ ଭିତରେ
ଆଉ ଗୋଟିଏ ଦୃଶ୍ୟ ଥିବ
ରୋଚକ ମୋଡ଼ରେ
ଯାହାକୁ କୁହାଯାଉଥିବ ‘ସାହିତ୍ୟ ଖଟି’
ସେଠି ପାଖ ଚେୟାର ଖଣ୍ଡକରେ
ବସିଥିବେ ଜଣେ ଭଦ୍ରଲୋକ
ଠିଆ କରଉଥିବେ ଅରିଷ୍ଟଟଲଙ୍କୁ ସାମ୍ନାରେ,
ପାବ୍‌ଲୋ ନେରୁଦା ହୁଅନ୍ତୁ କି
ହରିବଂଶ ବଚନ
ଭୀମ ଭୋଇ ହୁଅନ୍ତୁ କି ଧୀବର ଭିକାରି
ଫକୀରମୋହନ ହୁଅନ୍ତୁ କି ସଚ୍ଚି ରାଉତରା

ସମସ୍ତଙ୍କୁ ଲୋଡୁଥିବେ
ଏକାକାର କରୁଥିବେ ସ୍ୱର୍ଗ ମଞ୍ଚପୁର
ଶୀତ ହାରୁଥିବ, ଉଷୁମ ଜମୁଥିବ
ରକ୍ତ କଣିକାରେ ।

ଏଠି ଅଟକି ଯାଉଥିବ ସମୟ, କୋଳାହଳ,
ପାଖ ହୋଟେଲର ଛୁଙ୍କ ବାସ୍ନା, ଚା’ବାମ୍ଫ
ଅଟକି ଯାଉଥିବେ ପଥଚାରି
ଆଁ ଭିତରେ ନୁହଁ ତାଙ୍କ ନଖ ଦର୍ପଣରେ
ଦୃଶ୍ୟ ହେଉଥିବ ଅଯୋଧ୍ୟା, ପୁରୀ ପରିକ୍ରମା
ଦୃଶ୍ୟ ହେଉଥିବ ବିଶ୍ୱ ରୂପ,
ଆଖି ତରାଟି ଥିବେ ଅନ୍ୟ ଖଟିଆଳ
ନଜାଣିବା ଲୋକ ପଚାରୁଥିବେ
କିଏ ଏ ମହାତ୍ମା ?
ଚୁପ୍ ରୁହ, ଇଏ ନନ୍ଦ ସାର୍
ପ୍ରଣାମ ସାର୍
ଏମିତି ଆଉ ଶହେ ଶୀତଋତୁ ଭୋଗନ୍ତୁ ସାର୍
ପ୍ରଣାମ ।

❤ ରାଜନଗର, କେନ୍ଦ୍ରାପଡ଼ା
ମୋ. ନଂ - ୯୩୩୭୩୧୩୬୬୫

### ଗୋଟିଏ ଏକପଦୀ

ଡ. ରଜନୀ ରଂଜନ



ଏତେଦିନ ରଖିଛି ସାଇତି
ତମ ହାତ ତିଆରି ଲୁଣି ଚା’
ତାରିଖ ନଥିବା ତମ ଚିଠି
ତମ ଅଗଣାରେ ବିତିଥିବା ଜୋଛନା ପଖଳା ରାତି
ମୁଠାଏ ଚୋରାଚଇତି, ଯେତେ ସ୍ମୃତି ଅନୁଭୂତି
ସବୁ ମୋର ସାଇତା ସମ୍ପତ୍ତି ।
ଶେଷବେଳେ ଆଉ କଣ ସାଥୀରେ ନେବି ?
ଯଦି କହିବ ସବୁ ଫେରାଇଦେବି ।

❤ ବାଲକାଟୀ, ଖୋର୍ଦ୍ଧା
(ମୋ) ୯୩୩୭୨୬୧୦୭୫

### ।। ଓଠରେ ରଖିଛି ।।

ମାନସ ରଞ୍ଜନ ପଣ୍ଡା



ଓଠରେ ରଖିଛି ଶୋଷକୁ ସାଇତି
ଆଖିରେ ଅନ୍ଧାର ଯେତେ,
ମହମହ ତୋର ପସରା ମହୁର
ପାଗଳ କରିଛି ମୋତେ ।

ପଳାଶ ଫୁଲର ଫୁଙ୍ଗୁଳା ଛାତିରେ
ପ୍ରଣୟର ପ୍ରତିଲିପି,
ବାସହୀନ ତା’ର ବେଦନା ମନର
ବୁଝେନା ଫଗୁଣ ରାତି,
ତୁ ଯେ ଫଗୁଣର ପ୍ରୀତିର ଜୁଆର
କାହିଁକି ଜଳାଉ ଏତେ...
ଓଠରେ ରଖିଛି ଶୋଷକୁ ସାଇତି
ଆଖିରେ ଅନ୍ଧାର ଯେତେ।

ଛଳଛଳ ମୋର ଆଖିର ଅକ୍ଷର
ଥରେ ବି ପଢ଼ିଲୁ ନାହିଁ
ଢଳଢଳ ମୋର କେଇଟୋପା ଲୁହ
ତୋ ବାଟ ରହିଛି ଚାହିଁ,
ତୋ ଓଠ ଆଦର ପାଇବାକୁ ଆଜି
ରାତି ମୋ ବିରହେ ବିତେ...
ମହମହ ତୋର ପସରା ମହୁର
ପାଗଳ କରିଛି ମୋତେ।

❤ ସମ୍ପାଦକ: ଏଯାବତ୍
ସତ୍ୟ ଶିବ ନିଳୟ
ଆରଡ଼ି, ଭଦ୍ରକ-୭୫୬୧୩୫
(ମୋ) ୯୮୨୭୬୩୧୫୩୪



### ।। ଜହ୍ନରାତିର ଢେଉ ।।

ପୂର୍ଣ୍ଣ ଦାସ

ନିଜକୁ ଛୁଇଁଲେ ଲାଗୁଚି ସତେ କି
ତୁମକୁ ଛୁଉଁଚି ସାଥୀ,
ତମେ ଚିରଦିନ ମୁଠାଏ ସପନ
ମହକିତ ଜହ୍ନରାତି ।

ଯେତିକି ଚାହୁଁଚି ପାଶୋରି ଦେବାକୁ
ସେତିକି ପଡୁଚ ମନେ,
ଭୁଲିଯାଏ ଯେବେ ଦିଶିଯାଅ ସେବେ
ଆକାଶର ନୀଳଜହ୍ନେ ।

ଜହ୍ନକୁ କିମିତି ମନେଇ ରଖିଚ
ବାଗଟା ବତେଇ ଦିଅ,
ଆଗୋ ମୋ ରଜନୀଗନ୍ଧାର ରାତି
ନୟନେ ମୋ ନିଦ ହୁଅ ।

ଇଏ ତ ଗହନ ଗଣିତଲୋ ମିତ
କା’ରେ କିଏ ଭଲପାଏ,
ଅତି ନିରିମମ ତୋ ପୀରତି ସମ
ପିଣ୍ଡରୁ ପରାଣ ନିଏ ।

କୁହୁଡ଼ି ପରି ଏ ଅଶ୍ରୁ ନୁହେଁ ମୋ
ଚିତା ସମ ଦାଉଦାଉ,
ତୁମେ ଆପଣାର ଲୁହ ପରି ମୋର
ତମ ପରି କିଏ ଆଉ !

❤ କଣ୍ଟାବଣିଆ,ଛତ୍ରପଡ଼ା,
ପ୍ରୀତିପୁର,ଯାଜପୁର - ୭୫୫୦୧୩
ସମ୍ପର୍କ : ୯୩୩୭୫ ୪୮୮୯୩

# ଲେଖା ସରଳ ଓ ସହଜ ହେଲେ ତାହା ନିଶ୍ଚୟ ପାଠକଙ୍କ ପାଖରେ ପହଞ୍ଚିପାରିବ : ଦିଲ୍ଲୀପ କୁମାର ସାହୁ

**ଦିଲ୍ଲୀପ କୁମାର ସାହୁ, ଓଡ଼ିଆ ସାହିତ୍ୟ ଜଗତରେ ଗୋଟେ ପରିଚିତ ନାମ । ଶିଶୁମାନଙ୍କ ପାଇଁ ସରଳ, ତରଳ ଓ ଛଳଛଳ କବିତା ତାଙ୍କର ପ୍ରଥମ ପ୍ରାଥମିକତା ହୋଇଥିବା ବେଳେ ଦୂରଦର୍ଶନ ପାଇଁ ସଂଗୀତଭିତ୍ତିକ କାର୍ଯ୍ୟକ୍ରମ ସହ ବହୁ ଗୀତ ଲେଖି ସେ ତିଆରି କରିଛନ୍ତି ନିଜର ସ୍ୱତନ୍ତ୍ର ପରିଚୟ । ତାଙ୍କ କବିତାରେ ଭାବ ଓ ଭାଷା ଉଭୟ ଶକ୍ତିଶାଳୀ ହୋଇଥିବା ବେଳେ ଭଲ କାହାଣୀ ରଚନାରେ ମଧ ଥାଏ ତାଙ୍କର 'ପ୍ରତିବଦ୍ଧତା'। ତାଙ୍କ ସହ ଏଥରର ଆଳାପ...**



ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ ଆପଣ ଏକାଧାରରେ ଜଣେ କବି, ଗାଳ୍ପିକ ଓ ଶିଶୁ ସାହିତ୍ୟିକ । କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ମୋ ବାପା ଶ୍ରୀଯୁକ୍ତ ନାରାୟଣ ସାହୁ ଥିଲେ ଜଣେ ଔପନ୍ୟାସିକ। ତାଙ୍କର ଦୁଇଟି ଉପନ୍ୟାସ ପ୍ରକାଶିତ ହୋଇଥିଲା। ମୋ ବୋଉ ଶ୍ରୀମତୀ ଗୋଲପରାଣୀ ସାହୁ ମଧ ଗୀତ ଲେଖୁଥିଲା। ସେମାନେ ଥିଲେ ମୋ ପାଇଁ ପ୍ରେରଣାର ଉତ୍ସ। ଆମ ଗାଁ କଟକ ଜିଲ୍ଲାର ଚୌଦ୍ୱାର ନିକଟବର୍ତ୍ତୀ ଶଙ୍କରପୁର। ଆମ ଗାଁ ଖୁବ୍ ସୁନ୍ଦର। ମୋ ଗାଁ ର ପରିବେଶ ମଧ ମୋତେ ଜଣେ ଲେଖକ ହେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ମୋ ବାପା ବୋଉ ହିଁ ମୋର ଆଦ୍ୟ ଗୁରୁ । ମୁଁ ଷଷ୍ଠ ଶ୍ରେଣୀରେ ପଢୁଥିଲା ବେଳେ ଲେଖିବା ଆରମ୍ଭ କଲି। ଜମା ଭଲ ଲେଖୁନଥିଲି । କିନ୍ତୁ ବାପା ଆଉ ବୋଉ କହୁଥିଲେ ବଢିଆ ଲେଖୁଛୁ। ତାହାହିଁ ଥିଲା ମୋ ପାଇଁ ପ୍ରେରଣାର ଉତ୍ସ ।



ମାନ୍ୟବର ରାଜ୍ୟପାଳଙ୍କ ସହ... ବହି ଉନ୍ମୋଚନ ଉତ୍ସବରେ...

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ?କେଉଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଆଦର୍ଶ ନେଇ ଆପଣଙ୍କର ଏ ଯାତ୍ରା ?

■■ ମୁଁ ଯେତେବେଳେ ଲେଖିବା ଆରମ୍ଭ କରିଥିଲି, ସେତେବେଳେ ଆଦର୍ଶ କଣ କିଛି ବୁଝୁନଥିଲି। ପରବର୍ତ୍ତୀ ସମୟରେ ପିଲାମାନଙ୍କ ପାଇଁ ଲେଖିଲି। ବିଭିନ୍ନ ପତ୍ର ପତ୍ରିକାରେ ଲେଖା ପ୍ରକାଶ ପାଇଲା । ଦୂରଦର୍ଶନରେ ଚାକିରି କଲାପରେ ମୁଁ ସବୁପ୍ରକାର ଲେଖା ଲେଖିବାର ସୁଯୋଗ ଓ ପ୍ରେରଣା ପାଇଲି ।

■ ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥି ମଧ୍ୟରୁ କେଉଁଟି ଆପଣଙ୍କର ପ୍ରିୟ ଓ କହିଁକି ?

■■ ପାଞ୍ଚଗୋଟି ପୁସ୍ତକ ପ୍ରକାଶିତ। ଆଈ ଓ ଟିଭି, ଗଛଟିଏ ଗୀତଟିଏ, ରାଜଧାନୀଆ ବାବୁ, ତାନି ଖାଏ ପଖାଳ। ଏଗୁଡିକ ସବୁ କବିତା ସଙ୍କଳନ। ମୋର ଗୋଟିଏ ଗପବହି ପ୍ରକାଶିତ । ନାମ "ଅସମୟର ସ୍ୱର"। ସବୁ ଗୁଡ଼ିକ ମୋର ପ୍ରିୟ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ କବିତାକୁ ଆଧାର କରି କରାଯାଇ ପାରିବ କି ?

■■ ଆମ ପିଲାମାନଙ୍କୁ ଶୁଦ୍ଧ ଓଡ଼ିଆ ଭାଷା ଶିଖାଇବା ଓ ସେମାନଙ୍କୁ ଓଡ଼ିଆ ଲେଖିବା ଓ ପଢିବା ପାଇଁ ପ୍ରେରଣା ଦେବା । ଅତିକମ୍‌ରେ ସେମାନେ ପ୍ରତିଦିନ ଓଡ଼ିଆ ଖବରକାଗଜ ଯେମିତି ପଢ଼ିବେ ସେଥିପାଇଁ ସେମାନଙ୍କୁ ଉତ୍ସାହିତ କରିବା ନିହାତି ଆବଶ୍ୟକ।

■ ଲେଖକ ହେବା ପଛରେ ସାମାଜିକ ପରିଚୟ ବା ସ୍ୱୀକୃତି ବ୍ୟତୀତ ଆଉ ସବୁ କଣ କାରଣ ଥାଏ ? ଏବେକାର ସାହିତ୍ୟ ମାଧ୍ୟମରେରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?

■■ ହଁ, ସାହିତ୍ୟ ମାଧ୍ୟମରେ ନିଶ୍ଚୟ ମାନସିକତା ପରିବର୍ତ୍ତନ ସମ୍ଭବ। କିନ୍ତୁ ସମସ୍ୟା ହେଉଛି ପାଠକ ନାହାଁନ୍ତି। ବହି ପଢିବାକୁ କାହାର ଧୈର୍ଯ୍ୟ ନାହିଁ। ଶୁଦ୍ଧ ଓଡ଼ିଆ କହିବାକୁ ବି କାହାର ଆଗ୍ରହ ନାହିଁ।

■ ଓଡିଆ ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରିବ ?

■■ ଏବେ ବାହାରେ ଏମିତିକି ବିଦେଶରେ ରହୁଥିବା ଆମ ପିଲାମାନେ ଓଡିଆରେ କଥାବାର୍ତ୍ତା କରିବାକୁ ପସନ୍ଦ କରୁଛନ୍ତି। ତେଣୁ ଆମ ଭାଷାର ଭବିଷ୍ୟତ ନିଶ୍ଚୟ ଭଲ ବୋଲି ମୁଁ ମନେକରେ । ମୋ ଝିଅ ଜ୍ୱାଇଁ ତାଙ୍କ ପରିବାର ସହ ଏବେ ଚିକାଗୋରେ । ସେଠି ସେମାନେ ଓଡ଼ିଆରେ କଥାବାର୍ତ୍ତା କରନ୍ତି। ମୋ ନାତୁଣୀ ଶୁଦ୍ଧ ଓଡ଼ିଆ କହେ । ଓଡ଼ିଆ ସାଙ୍ଗମାନେ ଘରକୁ ଆସିଲେ ସମସ୍ତେ ଓଡ଼ିଆ କହିବାକୁ ପସନ୍ଦ କରନ୍ତି। ତେଣୁ ଭାବୁଛି ଆମ ଭାଷାର ଆଦର ବଢ଼ିଛି ଓ ବଢିବ ମଧ। ଲେଖା ଯେତେ ସରଳ ଓ ସହଜ ହେବ ତାହା ନିଶ୍ଚୟ ପାଠକଙ୍କ ପାଖରେ ପହଞ୍ଚିପାରିବ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?


■■ ପୁରସ୍କାରର ନିଶ୍ଚୟ ଗୁରୁତ୍ୱ ରହିଛି। ତେବେ ସମସ୍ତେ ଭାଷାକୁ ଭଲ ପାଇବା, ଓଡ଼ିଆ ଭାଷା, ଓଡ଼ିଆ ଅକ୍ଷରରେ ଲେଖିବାକୁ ଚେଷ୍ଟା କରିବା । ଲେଖିଲାବେଳେ ବନାନ ଶୁଦ୍ଧି ପ୍ରତି ଦୃଷ୍ଟି ଦେବା, ଏଇ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ।

♥

■ ଅଳ୍ପରେ ଦିଲ୍ଲୀପ କୁମାର ସାହୁ

ଜନ୍ମ:- ୮.୭.୧୯୬୦
ପିତା:- ନାରାୟଣ ସାହୁ
ମାତା:- ଗୋଲାପ ରାଣୀ ସାହୁ
ଠିକଣା:- ଶଙ୍କରପୁର, ଚାରବାଟିଆ, କଟକ
ଶିକ୍ଷା:- M.A., LLB
ପ୍ରକାଶିତ ପୁସ୍ତକ : ପିଲାଙ୍କ ପାଇଁ କବିତା ବହି
ଆଈ ଓ ଟିଭି, ଗଛଟିଏ ଗୀତଟିଏ, ତାନି ଖାଏ ପଖାଳ
ଗପ ବହି :- ଅସମୟର ସ୍ୱର
ବ୍ୟଙ୍ଗ କବିତା ବହି :- ରାଜଧାନୀଆ ବାବୁ
E. Book :- ନିଦ ଚୋରିକରେ
ନୀଳ ନୟନା ( ପ୍ରେମ କବିତା ସଂକଳନ)







ଦିଲ୍ଲୀପଙ୍କ ପ୍ରେରଣା : ବାପା ଶ୍ରୀ ନାରାୟଣ ସାହୁ ଓ ବୋଉ ଶ୍ରୀମତୀ ଗୋଲାପରାଣୀ ସାହୁ

**ସ୍ୱୀକାରୋକ୍ତି:** କଟକ ଜିଲ୍ଲା ଚୌଦ୍ୱାର ନିକଟବର୍ତ୍ତୀ ଶଙ୍କରପୁର ଗ୍ରାମରେ ମୋର ଜନ୍ମ । ବାପା ଶ୍ରୀ ନାରାୟଣ ସାହୁ , ବୋଉ ଶ୍ରୀମତୀ ଗୋଲାପରାଣୀ ସାହୁ । ୧୯୬୦ ମସିହା ଜୁଲାଇ ମାସ ଆଠ ତାରିଖରେ ମୋର ଜନ୍ମ । ବଣ ପାହାଡ ପରିବେଷ୍ଟିତ ଆମ ଗାଁ ର ଅପୂର୍ବ ସୌନ୍ଦର୍ଯ୍ୟ ମୋତେ କବି ଓ କଥାକାର ହେବା ପାଇଁ ପ୍ରେରଣା ଦେଇଛି । ୧୯୮୪ ମସିହା ଏପ୍ରିଲ ୯ତାରିଖରେ ଦୂରଦର୍ଶନ କେନ୍ଦ୍ର କଟକରେ ଜଣେ ପ୍ରଯୋଜନା ସହକାରୀ ଭାବରେ ଯୋଗଦେବା ଫଳରେ ମୋର ପେଶା ଓ ନିଶା ଭିତରେ ବେଶ୍ ସମନ୍ୱୟ ସୃଷ୍ଟି ହୋଇ ପାରିଥିଲା । ଫଳରେ ମୁଁ ମନଛୁଆଁ କାର୍ଯ୍ୟକ୍ରମମାନ ପ୍ରସ୍ତୁତ କରି ଦର୍ଶକମାନଙ୍କ ମନ ଜିଣି ପାରିଥିଲି । ୧୯୯୧ ହସିହାରେ ମୁଁ ଭୁବନେଶ୍ୱର ଦୂରଦର୍ଶନକୁ ସ୍ଥାନାନ୍ତରିତ ହୋଇଥିଲି । ମୋ ଦ୍ୱାରା ପ୍ରସ୍ତୁତ 'ମୋ ଓଡିଶା', 'ଛି ଛି ମଦ ପିଇବିନି', 'ଆମ ଦୂରଦର୍ଶନ' ଆଦି କାର୍ଯ୍ୟକ୍ରମ ଦୂରଦର୍ଶନ ଇତିହାସରେ ଅଭୁଲା ସ୍ମୃତି ହୋଇ ରହି ଯାଇଛି । ଏହା ସହିତ ଜିଲ୍ଲା ପରିକ୍ରମା, ଉଷାଲୋକ, ଇନ୍ଦ୍ରଧନୁ, ସାହିତ୍ୟ ପତ୍ରିକା ଓ ଜଣାଅଜଣା ଆଦି ଚିତାକର୍ଷକ କାର୍ଯ୍ୟକ୍ରମ ମଧ ମୋର ସଫଳ କୃତି । ୧୯୯୯ ମସିହା ମାର୍ଚ୍ଚ ମାସରୁ ୨୦୦୦ ମସିହା ମାର୍ଚ୍ଚ ମାସଯାଏ ଏକବର୍ଷ ପାଇଁ ବିବିସିର ପ୍ରଯୋଜକ ଭାବରେ ମୁଁ ମନୋନୀତ ହୋଇ ପ୍ରସ୍ତୁତ କରିଥିଲି 'ସରିତାର ଗାଥା', 'ମାଆ ଡାକୁଛି ଆ', 'ପାର ଅପା' ପରି ମନଛୁଆଁ କାର୍ଯ୍ୟକ୍ରମ । ଦୂରଦର୍ଶନରେ ଦଶବର୍ଷ ପାଇଁ ପ୍ରସାରିତ ହୋଇ ନୂଆ ଅଧ୍ୟାୟ ସୃଷ୍ଟି କରିଥିବା ସ୍ୱାସ୍ଥ୍ୟ ଧରାବାହିକ 'କଲ୍ୟାଣୀ'ର ମୁଁ ଥିଲି ନିର୍ଦ୍ଦେଶକ ଓ ପ୍ରଯୋଜକ । ୨୦୧୪ ମସିହାରେ କାର୍ଯ୍ୟକ୍ରମ ନିଷ୍ପାଦକ ଭାବରେ ପଦୋନ୍ନତି ପାଇଥିଲି ଓ ୨୦୧୬ରୁ ୨୦୧୮ ଦୁଇ ବର୍ଷ ପାଇଁ ଭବାନୀପାଟଣା ଦୂରଦର୍ଶନର କାର୍ଯ୍ୟକ୍ରମ ମୁଖ୍ୟ ଭାବରେ କାର୍ଯ୍ୟ ତୁଲାଇଥିଲି । ଭବାନୀପାଟଣା ଦୂରଦର୍ଶନ ପକ୍ଷରୁ ପ୍ରଯୋଜିତ ବଣ୍ଡା ଜନଜାତି, କବି ହଳଧର ନାଗ ଓ ମାଓବାଦୀମାନଙ୍କ ଉପରେ ପ୍ରାମାଣିକ ଚିତ୍ର ଗୁଡିକ ପାଇଁ ମୁଁ ବେଶ୍ ପ୍ରଶଂସିତ ହୋଇଥିଲି। ୨୦୧୮ ମସିହା ଜୁନ୍ ମାସରେ ମୁଁ ପୁନର୍ବାର ଭୁବନେଶ୍ୱର ଦୂରଦର୍ଶନକୁ ଫେରିଆସି ସମାଚାର ପ୍ରଯୋଜନାର ଦାୟିତ୍ୱ ତୁଲାଇଥିଲି । ଦୂରଦର୍ଶନରେ ପ୍ରସାରିତ ଅଧିକାଂଶ ଫିଲର୍ ଗୀତ ଗୁଡିକ ମୋ ସୃଷ୍ଟି । ଦୁଇଶହରୁ ଅଧିକ ପ୍ରାମାଣିକ ଚିତ୍ର, ତିନିଶହରୁ ଅଧିକ ଗୀତ ଚିତ୍ରାୟନ ଏବଂ କଲ୍ୟାଣୀ ମେଗା ସ୍ୱାସ୍ଥ୍ୟ ଧରାବାହିକର ପ୍ରଯୋଜନା ଓ ନିର୍ଦ୍ଦେଶନା ଦାୟିତ୍ୱ ତୁଲାବା ସହ ଡିଡି ନ୍ୟାସନାଲ ପାଇଁ 'ଏକେଲେ ନେହିଁ ହେ ଆପ୍' ଧରାବାହିକର ଚାରିଗୋଟି ଅଧ୍ୟାୟର ଚିତ୍ରନାଟ୍ୟ ପ୍ରସ୍ତୁତ କରିଥିଲି ଓ ନିର୍ଦ୍ଦେଶନା ମଧ ଦେଇଥିଲି । ମୋ ଦ୍ୱାରା ପସ୍ତୁତ ଓଡ଼ିଶାର ପର୍ବପର୍ବାଣୀ ଉପରେ ଆଧାରିତ ଚବିଶଟି ପ୍ରାମାଣିକ ଚିତ୍ର ଡିଡି ଭାରତୀରେ ପ୍ରସାରିତ ହୋଇଛି । ମୋ ଦ୍ୱାରା ପ୍ରସ୍ତୁତ ସମସ୍ତ କାର୍ଯ୍ୟକ୍ରମର ସ୍କ୍ରିପ୍ଟ ମୁଁ ନିଜେ ଲେଖିଥାଏ । କ୍ରୀଡା ପ୍ରଯୋଜକ ଭାବରେ ଜାତୀୟ କ୍ରୀଡା, ସାଉଥ୍ ଏସିଆନ୍ ଗେମ୍ସ, ଏସିଆନ୍ ଦୌଡକୁଦ ପ୍ରତିଯୋଗିତା ଓ କମନୱେଲଥ୍ ଟେନିସ୍ ପ୍ରତିଯୋଗିତା ଆଦିରେ କାର୍ଯ୍ୟ କରିବାର ସୁଯୋଗ ପାଇଥିଲି। ମନଛୁଆଁ କାର୍ଯ୍ୟକ୍ରମ ପ୍ରସ୍ତୁତ ପାଇଁ ମୋତେ ମିଳିଛି ଅନେକ ଜାତୀୟ ଓ ଆନ୍ତର୍ଜାତିକ ସମ୍ମାନ । ସେଥିମଧରେ କମନୱେଲଥ୍ ବ୍ରଡକାଷ୍ଟିଙ୍ଗ ଆୱାର୍ଡ, ଗେଟ୍ ମ୍ୟାଲେରିଆ ଆୱାର୍ଡ, ସୁଇଜରଲ୍ୟାଣ୍ଡର ରୋଜ୍ ଡି ଆନ୍ତର୍ଜାତିକ ଆୱାର୍ଡ, ୟୁନେସ୍କୋର ଲାଡ୍ଲି ଆୱାର୍ଡ ଓ ଦୂରଦର୍ଶନର ଶ୍ରେଷ୍ଠ 'କଲ୍ୟାଣୀ' ପୁରସ୍କାର ଇତ୍ୟାଦି ଅନ୍ୟତମ ।

– ଦିଲ୍ଲୀପ କୁମାର ସାହୁ




ନିଜର ପତ୍ନୀ, କନ୍ୟା ଓ ନାତି ନାତୁଣୀଙ୍କ ସହ ଲେଖକ ଦିଲ୍ଲୀପ କୁମାର ସାହୁ...

---

## ବିଶେଷ କଥନ

# ଆତ୍ମଜ୍ଞାନ



ଅନେକ ସମୟରେ ଆମ ଭିତରେ ଏକ ପ୍ରଶ୍ନ ଉଙ୍କିମାନେ ତାହା ହେଉଛି କିପରି ନିଜକୁ ଜାଣିବା? କାରଣ ଭଗବତ ବା ଆମ ଆରାଧ୍ୟଙ୍କୁ ପାଇବା ପାଇଁ ମହତ୍ୱପୂର୍ଣ୍ଣ କଥା ହେଉଛି ନିଜକୁ ଜାଣିବା । ଜଣେ ନିଜକୁ ଜାଣିଲେ, ନିଜ ମଧ୍ୟରେ ଲୁକ୍‌କାୟିତ ଅବସ୍ଥାରେ ଥିବା ସେହି ଐଶ୍ୱରୀୟ ସତ୍ତାକୁ ଅନୁଭବ କରିପାରିଲେ ଜଣେ ବ୍ୟକ୍ତି ଈଶ୍ୱରଙ୍କ ସନ୍ଧାନ ପାଇପାରିବ । ଏଥିପାଇଁ ଆମ ମାନଙ୍କୁ ପ୍ରଥମେ ଅନ୍ତର୍ମୁଖୀ ହେବାକୁ ପଡ଼ିବ । ଆମ୍ଭମାନଙ୍କୁ କ୍ରୋଧ, ଅହଂକାର, ସାଂସାରିକ ମୋହମାୟା, ଇତ୍ୟାଦିକୁ ବାଦ୍ ଦେବାକୁ ହେବ। ଆତ୍ମଜ୍ଞାନ ହିଁ ସମସ୍ତଙ୍କୁ ମୁକ୍ତିର ପଥ ଦର୍ଶାଇଥାଏ । ଏହାକୁ ହାସଲ କରିବାକୁ ହେଲେ ଆମକୁ ସଂଯମୀ ହେବାକୁ ପଡ଼ିବ । ବାସ୍ତବ ସତ୍ୟର ସାମ୍ନା କରିବା ନିମନ୍ତେ ଆମକୁ ଯଥେଷ୍ଟ ଧୈର୍ଯ୍ୟ ରଖିବାକୁ ହେବ । ସେହିଭଳି ଆମ ମଧ୍ୟରେ ଥିବା ସମସ୍ତ ଦୁର୍ଗୁଣ ଯଥା କାମ, କ୍ରୋଧ, ଗର୍ବ, ଲୋଭ, ଅହମିକା ଇତ୍ୟାଦିକୁ ଚିହ୍ନଟ କରି ସେଗୁଡ଼ିକର ବିନାଶ କରିବାକୁ ହେବ । କାରଣ ଏସବୁ ଆମ ମାନଙ୍କର ଭିତରେ ଛପି ରହିଥିବା ଅତ୍ୟନ୍ତ ଶକ୍ତିଶାଳୀ ଶତ୍ରୁମାନେ। ଏସବୁକୁ ଆମେ ଦମନ କଲେ ନିଜ ସହିତ ସାକ୍ଷାତକାର ହୋଇପାରିବ ଏବଂ ଆତ୍ମଜ୍ଞାନ ପ୍ରାପ୍ତି ସହଜ ହୋଇପାରିବ। ଆତ୍ମାସାକ୍ଷାତକାରର ଏହି ପଥରେ ଆମ ମାନଙ୍କୁ ସବୁଠୁ ବଡ଼ ବାଧକ ହୁଏ ତାର ଅହଂକାର ତାର 'ମୁଁ' ତ୍ୱ । ଏହା ଉପରେ ବିଜୟ ପାଇବା ବଡ଼ କଠିନ । ଏହା ମଣିଷକୁ ସର୍ବଦା କୁପଥକୁ ଟାଣିନିଏ । ମନୁଷ୍ୟ ମନରେ ସଂକୀର୍ଣ୍ଣତା ସୃଷ୍ଟି କରେ । ଫଳରେ ମନୁଷ୍ୟର ବିଷୟ ଆସକ୍ତି କମେ ନାହିଁ କିମ୍ବା ତା ମଧ୍ୟରେ ଐଶ୍ୱରୀୟ ଚେତନା ଜାଗ୍ରତ ହୋଇପାରେ ନାହିଁ। ଏହି ବିଷଫଳ ଆମମାନଙ୍କୁ କ୍ଷତାକ୍ତ କରିଦେଇ ଆମ ସାଧନାର ବାଟକୁ ଏକ ପ୍ରକାର ବନ୍ଦ କରିଦିଏ। ତେଣୁ ଆମ ସମସ୍ତଙ୍କୁ ଆଗେ ନିଜକୁ ଜାଣିବାକୁ ହେଲେ ପ୍ରଥମେ ନିଜର ଅଂହଭାବକୁ ତ୍ୟାଗ କରିବାକୁ ପଡ଼ିବ । ଅନ୍ୟର ଦୋଷତ୍ରୁଟି ଦେଖିବା ଅପେକ୍ଷା ନିଜର ଭୁଲ ପ୍ରତି ଅଧିକ ସଚେତନ ରହିବାକୁ ପଡ଼ିବ। ନିଜର ଆଚରଣ ଉଚ୍ଚାରଣ ତଥା କର୍ମରେ ଯେପରି ଅନ୍ୟ କାହାର କ୍ଷତି ନହୁଏ ସେ ଦିଗରେ ଧ୍ୟାନ ଦେବାକୁ ପଡ଼ିବ । ଏସବୁ ପରେ ବ୍ୟକ୍ତିକୁ ପ୍ରତିଦିନ ନିଜ ସହ ବେଶ୍ କିଛି ସମୟ ଏକାନ୍ତରେ ବିତାଇବାକୁ ପଡ଼ିବ । ନୀରବତାର ଅନ୍ତଃ ସ୍ୱର ଆମ ମାନଙ୍କୁ ଆମ ଆରାଧ ଭଗବାନ ଶ୍ରୀ ସତ୍ୟସାଇଙ୍କ ଦିବ୍ୟ ସମ୍ଭାଷଣର ପ୍ରତିଟି ବାର୍ତ୍ତାକୁ ଆମ ଭିତରେ ହିଁ ଶୁଣାଇବାକୁ ସମର୍ଥ ହୋଇପାରିବ। କେବଳ ସେତିକି ନୁହେଁ ଏହି ସମୟ ମଧ୍ୟରେ ନିଜ ମନରେ ଆସୁଥିବା ଭାବନାକୁ ବିଶ୍ଳେଷଣ କରିବାକୁ ପଡ଼ିବ । ବାରମ୍ବାର ଏପରିକରିବା ଦ୍ୱାରା ଆମ ମାନଙ୍କର ଆଚରଣ ଶୁଦ୍ଧପୂତ ହେବା ସହ ଭଗବାନଙ୍କ ନିକଟରେ ପହଞ୍ଚିବାର ପଥ ସୁଗମ କରିବ।




ଅଲେଖ ଚନ୍ଦ୍ର ସାମଲ

♥ ଓଏଫଏସ୍-୧ (ଏସ.ବି.),
ପୂର୍ବତନ ଡିଏଫ୍‌ଓ , ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର,
ମୋ : ୯୪୩୭୨୫୭୧୨

ପଢ଼ିବା ପରେ

# ଝରଣାଙ୍କ 'ତୁମେ ଗଲାପରେ' : ବିରହ ବେଦନାର କରୁଣ ଗାଥା






ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବ୍ୟବଧାନ ଭିତରେ ମଣିଷ କେତେ ପାଇଥାଏ କେତେ ହଜେଇଥାଏର ଅଙ୍କ କଷୁଥାଏ ବାରମ୍ବାର । କେତେବେଳେ ନିଜକୁ ବିନା ପାଣିରେ ମାଛ ପରି ଆବିଷ୍କାର କରୁଥାଏ ତ କେତେବେଳେ ଝର୍କା ପାଖରେ ବସି ହିସାବ କରୁଥାଏ ମାଟିଠାରୁ ଆକାଶର ଦୂରତା । ସବୁ ଥାଏ ସବୁଠି । ଆକାଶର ନୀଳିମା, ଜହ୍ନର ଜ୍ୱେଉ, ରାତିର ଅନ୍ଧାର, ପବନର ଗୀତ, ସଂସାରର ସାବଲୀଳତା । କିନ୍ତୁ ଝୁରିହେବାର ଝରାଫୁଲ ସେଇ ଗୋଟେଇବାରେ ଲାଗିଥାଏ ଯିଏ ହଜେଇ ଦେଇଥାଏ ଆପଣାର ସବୁଠୁ ପ୍ରିୟଜନକୁ; ନିଜକୁ ନିଜଠୁ ଭଲପାଇବାର ସୀମା ଅତିକ୍ରମ କରି ଯାହାର ଛାଇ ମିଶି ଯାଇଥାଏ ମହାଶୂନ୍ୟରେ । ସେମିତି ଏକ କବିତା ବହି କବି ଝରଣା ଦାସଙ୍କ 'ତୁମେ ଗଲା ପରେ-୨' ଯୋଉଠି କବି ନିଜେ ନିଜ ସହ ବିଦଂଗତ ସ୍ୱାମୀଙ୍କ ନାମକୁ ଯୋଡ଼ି ପ୍ରଚ୍ଛଦରେ ଲେଖିଛନ୍ତି ଝରଣା ବରେନ୍ଦ୍ର ଦାସ ।

ସମଗ୍ର ବହିଟିରେ ନିମଗ୍ନ ବିବଶତା ଭିତରେ ଥାଇ କବି ଖୋଜି ଚାଲିଛନ୍ତି ଗୋଟେ ଆକାଂକ୍ଷିତ ସକାଳ । କିନ୍ତୁ କେବେ ଫୁଲଫଟା ଫଗୁଣରେ ନୀଡ ଗଢ଼ିବାର ସ୍ୱପ୍ନ ଦେଖୁଥିବା ଭିତରେ, ଭାଂଗିଯାଏ ତାର ବସା, ତାକୁ ପଛକରି ଉଡ଼ିଯାଏ ତାର ସାଥୀ ଜଣକ ଆକାଶକୁ । ଧୂଆଁରେ ମିଶିଯାଏ ତାର ଅସ୍ତିତ୍ୱ । ସେତିକିବେଳେ ମାଟିରେ ଏକୁଟିଆ ହୋଇଯାଇଥିବା ସାଥୀଟି ଝୁରିମରେ । ଶୂନ୍ୟତା ଭିତରେ ଦିଗହରା ହୋଇ ତାକୁ ଲାଗେ ସିଏ ମାଟିରେ ନୁହେଁ ଝୁଲୁଛି କିଛି ନଥିବା ଗୋଟେ ମଝି ସ୍ୱର୍ଗରେ । ତାକୁ ଲାଗେ ସିଏ ବିନା ପାଣିର ମାଛ । ଶବ୍ଦ ତାକୁ ଲାଗେ ବୋମାର ମାଡ ପରି । ଦେହରେ ଯେମିତି ଚାରିଆଡ଼େ ଘା । ସମ୍ପର୍କର ଆଡ଼ରେ ସମସ୍ତେ ତା' ସହ କରୁଛନ୍ତି ଛଳନା, ସିଏ କେବଳ ଗୋଟେ ସୂର୍ଯ୍ୟମୁଖୀର ମନ ନେଇ ଅପେକ୍ଷିଛି ତାର ସୂର୍ଯ୍ୟକୁ । ତା' ଚାରିକଡ଼େ ଧୂସର ଅରଣ୍ୟ । କାହାର ଫେରିବାର ବେଳ ପାଇଁ ତାର ନାହିଁ ଆଉ ଅପେକ୍ଷା । ଅଖଣ୍ଡ ଦୀପ ଜାଳି ବସିଲେ ବି ଶୁଝି ପାରିବ ନାହିଁ ତାର କରଜ । ରାତି ପକ୍ଷୀ ପରି ନିଦ୍ରାହୀନ ଭାବରେ ଜୀଅନ୍ତା ପ୍ରେତ ସାଜି ସମୁଦ୍ର କୂଳରେ ବସି ଗଢୁଛି ବାଲିର ଘର । ବିବଶତାର ଚିତ୍ର ଆଙ୍କୁ ଆଙ୍କୁ ବିକ୍ରମ ପିଠିର ବେତାଳ ପରି ବୋହି ଚାଲିଛି ଋଣର ଭାର ।

କବି ଲେଖିଛନ୍ତି-

ଦିନରାତି ଏତେ ଯେ ଘାରି ରହିଛି ମୋତେ
ପଚାରିବି କାହାକୁ ବା ଜଣା
ବତାଇ ଦେବ ମୋତେ କିଏ
ତୁମ ଯିବା ବାଟର ଠିକଣା
(ବିକ୍ରମ ପିଠିର ବେତାଳ)

\+ + + +

ସେଣେ ଅନ୍ଧାର ଆବୋରି ସାରିଥିବା
ମୋ ଅପେକ୍ଷାରେ ଗୋଟେ ପୃଥିବୀ ଓ
ନିଜ ଅସହାୟପଣର ଧୂସର ରଂଗମାଖି ହୋଇ
ମୋତେ ଅନେଇ ବସିଛି ବି ଆକାଶ ।
(ଋଣ ପରିଶୋଧ)

କବିତା ହେଉଛି କବି ହୃଦୟର ସ୍ୱତସ୍ଫୂର୍ତ୍ତ ଗଙ୍ଗୋତ୍ରୀ ଯେଉଁଠି ସବୁ ଆବେଗ ଛଳଛଳ ହୋଇ ଗାଉଥାଏ ଜୀବନର ଗୀତ, ତାହା ମିଳନର ହେଉ ଅବା ବିରହର । କବି ଝରଣାଙ୍କ ପ୍ରତିଟି କବିତାରେ ଭରିରହିଛି ଭଲ ପାଇବାର ଉଦ୍‌ବେଗ, ବ୍ୟାକୁଳତା ଏବଂ ହରେଇବା ପରର ଶୂନ୍ୟତା । ଜୀବନକୁ ବର୍ତ୍ତମାନରେ ନବଂଚି ଭବିଷ୍ୟତକୁ ଆଲୋକରେ ଭରିବା ଚେଷ୍ଟା ଓ ଜଂଜାଳ ଭିତରେ ଆଜିକୁ କାଲି ଭିତରେ ଦେଖିବାର ଉଦାସୀନତାର ଭିଡ଼ ଭିତରେ ମଣିଷ ହଜେଇଦିଏ ଯୋଉ ଆଖି ଆଇନାର ସ୍ନିଗ୍ଧତା, ତାକୁ କବି ଖୋଜିଛନ୍ତି ତାଙ୍କର ପ୍ରତିଟି କବିତାରେ । ଭୁଲିବାକୁ ଚାହିଁଲେ ବି ଭୁଲି ପାରୁ ନାହାନ୍ତି ନିଜ ପ୍ରିୟ ମଣିଷର ସ୍ମୃତି ।

"ଭୁଲିବାକୁ ଚାହିଁଲେ ବି ଯେତେ
ଭୁଲି ହଉଛି କୋଉ ।
ମୁଣ୍ଡରେ କଳଙ୍କ ବୋଳିଥିବା
ସେ କାଳ ରାତିର କହ୍ନର
ସତେବା ଛାଇ ଯାଇଛି
ମୋ ମନ ମଗଜରେ.. (ଜୀବନତରୀ)

\+ + + +

ହୃଦୟ ଚିହ୍ନିଥିବା ଲୋକଟି
ମାଙ୍କଡ଼ କଳିଜାକୁ ମୋର
କୁମ୍ଭୀର ସାଜି
ଚୁପେକିନା ଚୋରୀ କରିନେବା
ବାଧୁଛି ଖୁବ୍ ମୋତେ ।
( ମାଙ୍କଡ଼ କଳିଜା)

କବି ଝରଣା ଦାସଙ୍କ କବିତାରେ କେଉଁଠି ଶୁଭେ ନିରବତା ଭିତରେ କୋଳାହଳ ତ କୋଉଠି କୋଳାହଳ ଭିତରେ ନୀରବତା । କେତେବେଳେ ଆଖିରୁ ଝରୁଥିବା ଲୁହ ହୋଇ ଯାଇଛି କବିତା ତ କେଉଁଠି ନିଜ ସାଂଗେ ନିଜେ କରୁଥିବା କଥାବାର୍ତ୍ତା ଭିତରେ କବିତା ହୋଇଯାଇଛି ସ୍ରୋତସ୍ୱିନୀ । ସେଇ କବିତା ତାଙ୍କ ଅଜାଜାଣରେ ଲମ୍ବିଯାଇଛି ଭୂମିରୁ ଭୂମା ଯାଏ । ଅପେକ୍ଷାରେ ଅପେକ୍ଷାରେ ସରିଯାଉଛି ରାତିଦିନ, ଝରିଯାଉଛି କାଗଜ ଡଙ୍ଗାର କୋହ ।

ଅବେଳରେ ସାଥୀଟିକୁ ହଜେଇଥିବା ଦୁଃଖ କବିଙ୍କୁ ଏତେ ଆକ୍ରାନ୍ତିଛି ଯେ ସେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କୋଉଠି ବି ବାହାରି ପାରି ନାହାନ୍ତି । ବାହାରି ପାରିନାହାନ୍ତି ନୁହେଁ ବରଂ ବାହାରିବାକୁ ଚାହିଁ ନାହାନ୍ତି ସେ । 'ତୁମେ ମୟ' ବିଶ୍ୱ ଭିତରେ 'ତୁମେ ନାହିଁ ଶବ୍ଦଟିକୁ ଗ୍ରହଣ ସହଜରେ କରିପାରି ନାହାନ୍ତି ସେ ସମଗ୍ର କବିତା ବହିରେ ।

ତାଙ୍କ ଭାଷାରେ-

ମନରେ ମୁଁ ସାଜିସାରିଛି ମଲାନଈ
ଜୁଆର ଉଠେ ସେଥିରେ ଆଜି
ନା ଭଟ୍ଟା ପଡ଼େ,
ସୂର୍ଯ୍ୟ-ଚନ୍ଦ୍ର ଆଗମ ନିଗମ ପରି
ତାହା ହିଁ ସତ୍ୟ
କହି ପାରିବନି ଯାହାକୁ କେହି
ଛଳନା ବୋଲି ।
(ତାହାହିଁ ସତ୍ୟ)

\+ + + +

ଝଡ଼ ପରର ନୀରବତା ଆଙ୍କିଥିବା
ମୋ ଚାରିକଡ଼ର ଖାଁ ଖାଁ
ଖାଇ ଗୋଡ଼ାଏ ମୋତେ ଆଜି
ଜୀବନ ଭେଟିରେ ଦେଇଥିବା
ମୁଠାଏ ଶୂନ୍ୟତାକୁ ଛାତିରେ ଭରି
ବାଟ ଚାଲୁ ଚାଲୁ
ଏକଲାରେ ।
(ମୁଠାଏ ଶୂନ୍ୟତା)

କବିଙ୍କର ସବୁ କବିତାରେ 'ତୁମେ ଗଲାପରେ'ର ଅନୁଭବ ସ୍ପଷ୍ଟ ।

ସେ ଲେଖିଛନ୍ତି, "ତୁମେ ଗଲା କଲମ ପେଟରେ କାଳି ରୂପେ/ ଲୁହକୁ ମୋ ଭରି/ କାଗଜ ପିଠିରେ ଆଙ୍କୁ ଥିବା/ ମୋ ମନର ଆତ୍ମୀୟ ଆବେଗ ଯେତେ / କେହି ପଢୁ ନ ପଢୁ/ କା ହୃଦୟ ଛୁଉଁ ନ ଛୁଉଁ/ ନିଷ୍କୃତି ମୋର ନାହିଁ ସେଥିରୁ ।"

"ତୁମେ ଗଲା ପରେ ଚାହିଁଛି ମୁଁ ଫେରନ୍ତି ତୁମରି ରାସ୍ତାକୁ , ତୁମେ ଗଲା ପରେ ନିଜେ ନିଜ ପ୍ରଶ୍ନର ସମୀକ୍ଷକ ସାଜି/ ଜର୍ଜରିତ ମୁଁ ଆଜି । ତୁମେ ଗଲା ପରେ ସମୟ ସେଇଠି ଅଟକି ଯାଇଛି ଅବା ! ତୁମେ ଗଲା ପରେ ଜୀବନ ସଂଜରେ ପାରିହେବି କେମିତି ମୁଁ ତିମିରି ତ ଏଡ଼େ ଅମାରାତି । ତୁମେ ଗଲା ପରେ, ବରଦାସ୍ତ କରି ସେ ପୀଡ଼ାର ଭାରା, କେମିତି ବଂଚିଛି ମୁଁ ଆଜି ଯାଏ ? ତୁମେ ଗଲା ପରେ ଏକୁଟିଆଟା... ବନ୍ଦ ଘର ଭିତରେ ରୁଷିକି ବସିଛି ମୁଁ ଏଠି/ ଝୁରି ମରିବାକୁ ଖାଲି ଯା/ ବଂଚିଛି ମୁଁ ଏକା । ତୁମେ ଗଲା ପରେ ଲାଗେ ଛାଇ ସାଜି ଯାଇ/ ପଛେ ପଛେ ଚାଲୁ ଅଛି ତୁମେ ମୋ ସାଥୀରେ" ଭଳି କେତେ କେତେ ଧାଡି ।

ସବୁଠି ସବୁ କବିତାରେ 'ତୁମେ ଗଲା ପରେ' ଅଛି ସୂକ୍ଷ୍ମ ଭାବରେ, ଯେମିତି ସ୍ଥୂଳ ଜୀବନ ଭିତରେ ସୂକ୍ଷ୍ମ ପ୍ରାଣ । କବିର ସ୍ୱାଭିମାନ ହିଁ ତାର ସ୍ୱକୀୟ ଦର୍ଶନ । ଅକ୍ଷରର ରଂଗକୁ ଅନୁଭବର ତୁଳୀରେ ନେଇ ସୁନ୍ଦର ଚିତ୍ର ଆଙ୍କିପାରେ ସେ, ଯୋଉ ଚିତ୍ର ଭିତରେ ପାଠକ ହଜେ - ଭିଜେ ! କେତେବେଳେ ଦୁଃଖରେ ତ କେତେବେଳେ ଲୁହରେ ।

କବିତାରେ କବିର ବ୍ୟକ୍ତିଗତ ଅନୁଭବ ଥିଲେ ମଧ୍ୟ ତାହା କେବେ ବ୍ୟକ୍ତିଗତ ବ୍ୟାପାର ହୋଇ ନପାରେ । ନିଜ ଚିନ୍ତନ ବ୍ୟକ୍ତିଗତତାର ସୀମା ଡେଇଁ ଏମିତି ଏକ ସରହଦରେ ଉପନୀତ ହୋଇଥାଏ ଯେ ତାହା ସ୍ଥାନ କାଳ ପାତ୍ର ନିର୍ବିଶେଷରେ ମଣିଷ ପାଖରେ ଆହାଟିଏ ଭଳି କେବେ କେବେ ଲୁହ ବୁନ୍ଦେ ହୋଇ ନିଗିଡ଼ି ପଡ଼େ ଆଖିରୁ ।

ଝରଣାଙ୍କ କବିତାରେ ସେମିତି କେତୋଟି ମାର୍ମିକ ପଙ୍କ୍ତି-

"ପ୍ରତି ପଦପତନରେ ରକ୍ତର କ୍ଷରଣ
ବଂଚିବାକୁ ପଡ଼େ ମରି ମରି ଆଜି ଖାଲି
ଲୁହ ଲାଳ ଲତପତ୍
ଗୋଟିଏ ଶୂନ୍ୟତା ସାଥୀରେ
ସନ୍ଧି କରି ଜୀବନ ସହ /
ଛିନ୍ନପକ୍ଷ ଜଟାୟୁ ପରି ।
(ଅପେକ୍ଷା ଖାଲି)

\+ + + +

ଆସି ସାରିଛି ସେ ବେଳ
ବାକି ଥିବା ମୋ ହାତର/
କେଇ ଦିନର ଆୟୁଷକୁ
ସାକାର କରି ତୁମ ଇଚ୍ଛା
ନେଡିରେ ଲୁହ ପୋଛି ହସ ବାଂଟିବି
ଦିନ ବଂଚି ଖୁସି ଖୁସି ।
(ଖାସ୍ ତୁମରି ପାଇଁ)

\+ + + +

ଭୁଲିଯାଇ ପାରୁଛି କୋଉ !
ମନରେ ତୁମେ
ଆଖିରେ ତମେ
ଆଜି କିଛି ଲେଖିବାକୁ ଚାହୁଁଛି ଯଦି ମୁଁ
ଅକ୍ଷର ବି ସାଜୁଛ ତମେ ।
(ଏବେ ଏବେ ମୁଁ)

\+ + + +

ତୁମେ ଫେରିବ,
ଗୋଟେ ମିଛର ଆଶ୍ରୟରେ
ବଂଚିଛି, ବସିଛି ମୁଁ ଏବେ ବି
ତୁମ ବାଟ ଚାହିଁ ।
ମୋ ଅପେକ୍ଷାର ଅନ୍ତ ଆଙ୍କି
ଲେଉଟିକି ଫେରିବନି ତୁମେ ଆଉ
ଯଦିଓ ଜାଣିଛି ମୁଁ ଠିକ୍
ଫେରିକି ଆସିନି ଯେଉଁଠୁ
କେହି କେବେ/ ଆଜି ଯାଏ ।
(ଭଲ ପାଇବାର ଭୁଲ୍)

ଏହି କବିତା ସଂକଳନରେ ସ୍ୱାମୀଙ୍କର ଆକସ୍ମିକ ବିୟୋଗ ଜନିତ ବିରହ ବେଦନାର ଗାଥା ଝରଣା ପରି କବି ଝରଣାଙ୍କ କଲମର ସ୍ୱତସ୍ଫୂର୍ତ୍ତ ଝରି ଆସିବାର ଶବ୍ଦକୁ ଅନୁଭବ କଲା ବେଳେ ତାହାକୁ କବିତା ଭାବରେ ଆକଳନ କରିବାର ସାହସ ଜୁଟେଇ ହୋଇନାହିଁ ବରଂ ଏହାର ହୃଦୟ ନିଗିଡ଼ା କରୁଣାରସରେ ହୃଦୟ ଭାଂଗିଛି, ବେଦନା ଜର୍ଜରିତ ହୋଇଛି । ସମୁଦାୟ ୭୦ଟି କବିତାର ସମାହାର ଉକ୍ତ ପୁସ୍ତକଟିରେ । ଜୀବନର ସୂକ୍ଷ୍ମାତିସୂକ୍ଷ୍ମ ଚିନ୍ତନ ଓ ହରେଇବାର ଦୁଃଖରୁ ସୃଷ୍ଟି ହୋଇଥିବା କବିତା ଗୁଡ଼ିକ ନିଶ୍ଚୟ ପାଠକଙ୍କ ମନରେ ଚହଲା ପାଣିର ଢ଼େଉ ପରି ସୂକ୍ଷ୍ମ ତରଙ୍ଗଟିଏ ସୃଷ୍ଟି କରିବାକୁ ସକ୍ଷମ ହେବ, ଏହା ନିଃସନ୍ଦେହ ।

♥ ସମୀକ୍ଷା : ସୈରିନ୍ଧ୍ରୀ ସାହୁ
ଦେବଶ୍ରୁତି ନିବାସ, ଜେଲରୋଡ ବାଲେଶ୍ୱର-୧
(ମୋ) ୯୩୩୭୭୩୭୦୫୩



ଏ ସପ୍ତାହର ଗପ

# ଶେଷ ସଂଚୟ

ଶ୍ରୀନିବାସ ସେଠୀ





ବାପା ସେଦିନ ଥିଲେ ଘରେ । ମୁଁ ସ୍କୁଲରୁ ଫେରି ପାଦ ଚିପି ଚିପି ଘର ଭିତରକୁ ପଶିଲି । ମୁଁ ବାପାଙ୍କୁ ଏଇମିତି ଲୁଚିବାରେ କାରଣ ଥିଲା । ଆଜି ପ୍ଲସ୍ ଟୁ ସାଇନ୍ସର ଶେଷ ଦିନ ଥିଲା । ବାପା ଚାରି ହଜାର ଟଙ୍କା ଦେଇ କିଣି ଦେଇଥିବା ମୋ ଧଳା ବ୍ଲେଜରର ଅବସ୍ଥା କିନ୍ତୁ ନଥିଲା । ସିଗ୍ନେଚର ଲାଇନ୍‌ରେ ପୁରାପୁରି ରଙ୍ଗୀନ ହୋଇଯାଇଥିଲା । ଶେଷ ଦିନ ଯୋଗୁଁ ମୋ ପ୍ରିୟ ସାଙ୍ଗମାନେ ବ୍ଲାକବୋର୍ଡ ପରି ସିଗ୍ନେଚର ଲାଇନ୍ ଲେଖି ଭରି ଦେଇଥିଲେ ।

'ମାଇଁ ଡିଅର ମେସି '! ଏଇ ଲାଇନ୍‌ଟି ଲେଖିଛି ତନିଷା ମୁଁ ଫୁଟବଲ ଭଲ ଖେଳେ ବୋଲି ।

'ଦ୍ୟା ଫାଷ୍ଟ ବୟ !' ଏଇଟା ଲେଖିଛି ତନ୍ମୟ, ମୁଁ ଶହେ ମିଟର ଦୌଡ଼ରେ ଫାଷ୍ଟ ହୁଏ ବୋଲି ।

' ଦ୍ୟା ବେଡ୍ ବୟ୍' ଏଇଟା ଲେଖିଛି ମୋ ସାଙ୍ଗରେ ସବୁବେଳେ ଲାଗୁଥିବା ଅକ୍ଷୟ ।

'ଦ୍ୟା ଟପ୍ପର ଅଫ୍ ଫିଜିକ୍ସ' ଏଇ ଧାଡିଟି ଲେଖିଛି ଖୁବ୍ ଭଲ ପଢୁଥିବା ଅନିନ୍ଦିତା ।

ଏଇମିତି ସିଗ୍ନେଚର ଲାଇନ୍‌ରେ ପୁରାପୁରି ଧଳା ବ୍ଲେଜରଟା ଭରି ଯାଇଥିଲା ।

ମୁଁ ପାଦ ଚିପି ଚିପି ଘର ଭିତରକୁ ପଶିଲି କୁଆଡେ ବାପା ଦେଖି ନେବେ ବୋଲି । ଦେଖିଲେ ରାଗି କହିବେ , 'ଇଏ କ'ଣ ସବୁ ? କେମିତି ବାଲୁଙ୍ଗା ତୋ ସାଙ୍ଗମାନେ ? ଟିକିଏ ବି ଅକଲ ନାହିଁ । କିଛି ଲେଖିବାର ଥିଲା ଯଦି ଡାଏରୀ ଭିତରେ ଲେଖି ପାରିଥାନ୍ତେ । ଏତେ ମହଙ୍ଗା ବ୍ଲେଜରଟାକୁ ନଷ୍ଟ କରିଦେଲେ ।' ସେ ପୁଣି ଦେହରୁ ଓହ୍ଲେଇ ନେଇଯିବେ ଡ୍ରାଇୱାସ୍ ବାଲା ପାଖକୁ ସବୁ ସଫା କରି ଆଣିବାକୁ । ବାପାଙ୍କୁ ବି ମୁଁ କହିପାରିବି ନାହିଁ ଯେ ସାର୍ଟରେ ଲେଖା ହୋଇଥିବା ଆନ୍ତରିକତାର ସେ ଶବ୍ଦ ଲିଭାଇ ଦେଇ ହୁଏନାହିଁ । ବାର ବର୍ଷ ଧରି ପଢୁଥିବା ସାଙ୍ଗମାନଙ୍କ ହାତ ଲେଖା ।

ନାଁ ବାପା ଦେଖି ପାରି ନାହାନ୍ତି ମୋତେ । ବାପା ତାଙ୍କ ଟାଇପ୍ ମେସିନ ନେଇ କିଛି ଗୁରୁତ୍ୱପୂର୍ଣ୍ଣ ଟାଇପ୍ କରିବାରେ ମଗ୍ନ । ହେ ଭଗବାନ ! ମୁଁ ଆଜି ଗାଳି ଶୁଣିବାରୁ ବଞ୍ଚିଗଲି ।

ବୋଉ କିନ୍ତୁ ଦେଖି କହିଉଠିଲା, 'ଏଇ ଅରୁ ! କିଏ ଏଇମିତି ଗାରେଇଛିରେ ? ମୁଁ ବୋଉର ମୁହଁକୁ ହାତରେ ଚାପି ଧରି କହିଲି, ' ଚୁପ୍ କରଲୋ ବୋଉ ! ବାପା ଦେଖିବେ ତ ମୋ ଅବସ୍ଥା ରହିବ ନାହିଁ ।'

ବାପା ରାଗିବେ ବୋଲି ବୋଉ ସତକୁ ସତ ଚୁପ୍ ହେଇଗଲା । ମୁଁ ଚୁପଚାପ୍ ଆସି ବ୍ଲେଜରକୁ ଓହ୍ଲେଇ ଗୋଟିଏ ପୁରୁଣା ଟ୍ରଙ୍କ ଭିତରେ ଲୁଚାଇ ରଖିଦେଲି । ଥାଉ, ମଝିରେ ମଝିରେ ଖୋଲି ଦେଖିବି ।

ମୁଁ ସେଇମିତି ବ୍ଲେଜରକୁ ଲୁଚାଇ ରଖିଥିଲି । କେବେ ବି ବାପାଙ୍କ ସାମନାରେ ଖୋଲି ପାରି ନଥିଲି କୁଆଡେ ଦେଖିନେବେ ବାପା । ବାପା ପୁରୁଣା ଢଙ୍ଗର ଲୋକ, ଏ ସବୁକୁ ପସନ୍ଦ କରିବେନି । ବହୁତ ରାଗି ଯିବେ ।

ତାପରେ ଇଂଜିନିୟରିଂ ଏଣ୍ଟ୍ରାନସ୍‌ରେ ସେଇ ବର୍ଷ କୃତକାର୍ଯ୍ୟ ହୋଇ ଆର୍.ଇ.ସି ରାଉରକେଲାର ହଷ୍ଟେଲକୁ ଚାଲି ଯାଇଥିଲି ଓ ସେଇ ପୁରୁଣା ଟ୍ରଙ୍କ ଭିତରେ ଲୁଚାଇ ରଖିଥିବା ଧଳା ବ୍ଲେଜର କଥା ଭୁଲି ଯାଇଥିଲି । ସମୟ କ୍ରମେ ଇଂଜିନିୟରିଂ ପାଶ୍ କରି ଟି.ସି.ଏସ୍‌ରେ ଜଏନ କରି ପରେ ପରେ ଆମେରିକା ଚାଲି ଯାଇଥିଲି ।

ଅନେକ ବର୍ଷ ପରେ ଆଜି ପୁରୁଣା ଟ୍ରଙ୍କ ଖୋଲୁଛି । ଆଜି ବାପା ନାହାନ୍ତି, ରାଗିବାକୁ କି ବିରକ୍ତ ହେବାକୁ । ଯେଉଁମାନେ ମୋ ଧଳା ବ୍ଲେଜରରେ ଅଟୋଗ୍ରାଫ୍ ଲେଖିଥିଲେ, ସେମାନେ ଆଜି କେତେ କେତେ ଦୂରରେ !

ସମସ୍ତେ ସଂପର୍କରେ ଅଛନ୍ତି । କଥା କୁହନ୍ତି । କିଛି ହଜି ଯାଇନି । ଆଉ ଥରେ ସେ ଲାଇନ୍ ଗୁଡ଼ିକ ଆଜି ପୁଣି ପଢିଲି ।

'ଆଃ !' ଏତେ ଦିନ ପରେ ସେ ହାତ ଲେଖା ପଢି କେମିତି ମିଠା ମିଠା ଭାବଟିଏ ଛାତି ତଳେ ଜମି ଆସୁଛି ।

ଗୋଟିଏ ପରେ ଗୋଟିଏ ସିଗ୍ନେଚର ଲାଇନ୍ ପଢି ଚାଲିଛି । ଠିକ୍ ଛାତି ଉପରେ ଡାହାଣ ପଟେ ଗୋଟିଏ ଧାଡ଼ି ପଢି ମୁଁ ଚମକି ପଡିଲି । ବ୍ଲେଜରକୁ ନେଇ ଦଉଡ଼ିଗଲି ବୋଉ ପାଖକୁ ।

' ବୋଉ ଏ ଧାଡ଼ି କିଏ ଲେଖିଛନ୍ତି କହିଲୁ ?' ବୋଉ ପଢିଲା, 'ଆଇ ଲଭ୍ ୟୁ ବେଟା !'

ତାପରେ ସିଗ୍ନେଚର ସହ ତାରିଖ ବି ଲେଖା ହୋଇଛି ।

ବୋଉ ପଢି ତା ସଫେଦ ଶାଢ଼ୀ କୋଣରେ ଆଖିର ଲୁହପୋଛି କିଛି ନକହି ଚୁପଚାପ୍ ଭିତରକୁ ଚାଲିଗଲା । ମୁଁ ପୁରୁଣା ବ୍ଲେଜରଟାକୁ ଛାତିରେ ଜଡାଇ ଧରି ଦେଖୁଥିଲି ଦୀର୍ଘ ଦଶ ବର୍ଷ ତଳର ସେ ହାତ ଲେଖା । ଠିକ୍ ସେଇଦିନ ହିଁ ଲେଖା ହୋଇଛି, ଯେଉଁଦିନ ମୁଁ ଟ୍ରଙ୍କ ଭିତରେ ଲୁଚେଇ ରଖିଦେଇଥିଲି ।

ମୋ ଅଜାଣତରେ କେତେ ବେଳେ ବାପା ଟ୍ରଙ୍କ ଖୋଲି ମୋ ବ୍ଲେଜର ଦେଖି ନେଇଥିଲେ ।

ତାହାହେଲେ ବାପା ସେଦିନ ଠିକ୍ ମୋତେ ଫେରିବା ସମୟରେ ଦେଖି ନେଇଥିଲେ ! ମୁଁ ତ ଭାବୁଥିଲି ସେ ମୋତେ ଦେଖି ପାରିନାହାନ୍ତି । ଉପରକୁ ଗୋଟିଏ କଠିନ ଆବରଣ ଭିତରେ କେମିତି ସ୍ନେହସିକ୍ତ ଲତ୍‌ପତ୍ ହୃଦୟଟେ ଥିଲା ଏତେ ଦିନ ଯାଏ ମୁଁ ଜାଣି ପାରିନଥିଲି । ସେ ସେଦିନ ବ୍ଲେଜର ଦେଖି ରାଗିନଥିଲେ ବରଂ ବହୁତ ଖୁସି ହୋଇ ଠିକ୍ ମୋ ଛାତି ପାଖରେ ନିଜେ ଗୋଟିଏ ସିଗ୍ନେଚର ଲାଇନ୍ ଲେଖି ଦେଇଥିଲେ ।

ମୁଁ ଯେଉଁ ବାପାଙ୍କୁ ପୁରୁଣା ଢଙ୍ଗର ମଣିଷ ଭାବୁଥିଲି ସବୁବେଳେ, ସେ କେମିତି ଏତେ ଆଧୁନିକ ? ସିଗ୍‌ନେଚର ଲାଇନ ଲେଖି ରଖିଦେଇଛନ୍ତି !!

ଆହୁରି ଆଶ୍ଚର୍ଯ୍ୟ ହେଲି, ସେ ଟ୍ରଙ୍କ ଭିତରେ ସଜଡା ହୋଇ ରହିଥିଲା ମୋର କେତେ ପ୍ରିୟ ପୁରୁଣା ଜିନିଷ । ସଜଡା ହୋଇ ରଖା ହୋଇଥିଲା ମୋ ପଢା ସରିଥିବା ବହି । ମୋ ପୁରୁଣା ପ୍ୟାଣ୍ଟ୍ । କାଳି ଶୁଖି ଯାଇଥିବା ମୋ କଲମ । ତାର ଛିଣ୍ଡି ଯାଇଥିବା ମୋ ବ୍ୟାଡମିଣ୍ଟନ ରେକେଟ । ପବନ ନଥିବା ମୋ ଫୁଟ୍‌ବଲ୍ । ମଲାଟ ଚିରି ଯାଇଥିବା ମୋ ଫିଜିକ୍ସ ବହି ଆଉ ମୁଁ ସବୁଦିନ ତାଙ୍କ ପାଖରୁ ଲୁଚାଇ ରଖିଥିବା କିଛି ମୋ ପୁରୁଣା ଚିଠି ।

ମୋ ଆଖିରେ ଲୁହ ଜକେଇ ଆସିଲା । ସବୁ ସଜାଇ ରଖି ସେ ନିଜେ ହିଁ ଚାଲି ଯାଇଥିଲେ ।

ଚାଲି ଯିବା ପୂର୍ବରୁ ଏତକ ବୋଧେ ଥିଲା ମୋ ପାଇଁ ବାପାଙ୍କ ଶେଷ ସଂଚୟ ।

♥ ରେଲ୍ ମିନାର , ଜୋଜେସ୍ କୋର୍ଟ ରୋଡ, କଲିକତା -୨୭
(ମୋ)୯୦୦୨୦୨୦୬୦୪

# ରାମ କଥା ସ୍ମରଣ, ରାମକଥା ରସବାହିନୀ

ସୌରଚନ୍ଦ୍ର ମହାପାତ୍ର

ଆଧ୍ୟାତ୍ମିକ ଅନୁଗାମୀମାନଙ୍କ ନିମନ୍ତେ ଗୀତା ଓ ଭାଗବତ ପରି ଶ୍ରୀରାମଚରିତ ମାନସ ଏକ ଅତ୍ୟନ୍ତ ପବିତ୍ର ଓ ଲୋକକଲ୍ୟାଣକାରୀ ଗ୍ରନ୍ଥ । କାଳ ଦୃଷ୍ଟିରୁ ଦେଖିଲେ ତ ଗୀତା ଓ ଭାଗବତ ଠାରୁ ମଧ୍ୟ ଏହା ଆହୁରି ପ୍ରାଚୀନ । ପ୍ରଥମେ ବାଲ୍ମିକୀଙ୍କ ଦ୍ୱାରା ସଂସ୍କୃତ ଭାଷାରେ ଏହି ପବିତ୍ର ଗ୍ରନ୍ଥ ରଚିତ ହେଲା ଓ ତାହାର ଅନେକବର୍ଷ ପରେ ଗୋସ୍ୱାମୀ ତୁଳସୀଦାସ ପ୍ରାନ୍ତୀୟ ଭାଷାରେ ଏହାର ରଚନା କଲେ । ତେବେ ଉଲ୍ଲେଖନୀୟ ବିଷୟ ହେଉଛି ଗ୍ରନ୍ଥ ରଚନା ପଛରେ ଥିବା ଈଶ୍ୱରଙ୍କର କୃପା ଓ ବିଧାନ । ସେକଥା ପାଠ କଲେ ପାଠକ ତଥା ଭକ୍ତଗଣ ସର୍ବସାକ୍ଷୀ ଈଶ୍ୱରଙ୍କର ସର୍ବବ୍ୟାପକତା ସମ୍ପର୍କରେ ଅନୁଭବ କରିପାରିବେ । ଅତଏବ ଏହିପରି ପବିତ୍ର ଗ୍ରନ୍ଥର ପଠନ ଓ ପାଠନର ଉପାଦେୟତା ସମସ୍ତଙ୍କ ପାଇଁ ସବୁକାଳରେ ରହିଆସିଛି ।

ଶ୍ରୀ ସାଇବାବା ଶିରିଡ଼ିରେ ନରଦେହରେ ଅବତୀର୍ଣ୍ଣ ହୋଇ ତାଙ୍କର ଲୋକହିତୈଷୀ କର୍ମ ଜାରି ରଖିଥିବା ସମୟରେ ତାଙ୍କର ଭକ୍ତମାନଙ୍କୁ ନିୟମିତ ଆଧ୍ୟାତ୍ମିକ ଗ୍ରନ୍ଥ ପଠନ ଓ ପାଠନ କରିବା ପାଇଁ ପରାମର୍ଶ ଦେଉଥିଲେ । ତଦନୁଯାୟୀ ତତ୍କାଳୀନ ଶିକ୍ଷିତ ଭକ୍ତମାନଙ୍କ ଦ୍ୱାରା ଦୀକ୍ଷିତୱାଡ଼ା ବା ସାଠେୱାଡ଼ାରେ ପବିତ୍ର ଗ୍ରନ୍ଥ ସମୂହର ପାରାୟଣ ଅନୁଷ୍ଠିତ ହେଉଥିଲା । ତେବେ କେବଳ ସେହି ଭକ୍ତମାନଙ୍କୁ ଏଥିରେ ସମ୍ମିଳିତ ହେବାକୁ କୁହାଯାଉଥିଲା, ଯେଉଁମାନେ ଆଧ୍ୟାତ୍ମିକସ୍ତରରେ କିଛିଟା ଉନ୍ନତି କରିପାରିଥିଲେ ଏବଂ ସେମାନଙ୍କର ମନର ପ୍ରଶ୍ନକୋଷରେ ପୂର୍ଣ୍ଣଚ୍ଛେଦ ପଡ଼ିଯାଇଥିଲା । ସାଧାରଣତଃ ଏହିପରି ଭକ୍ତମାନେ ଗ୍ରନ୍ଥରେ ବର୍ଣ୍ଣିତ ବିଷୟଗୁଡ଼ିକୁ ପୂର୍ଣ୍ଣ ରୂପେ ସତ୍ୟ ବୋଲି ମନେ କରିଥାନ୍ତି, ଫଳରେ ସେମାନେ ସେଥିରୁ ସର୍ବାଧିକ ଲାଭ ଉଠାଇଥାନ୍ତି । ଭଗବାନଙ୍କର ଅପାର ଲୀଳା କଥା ପଠନ ଓ ଶ୍ରବଣ କରି ଭଗବାନଙ୍କ ପ୍ରତି ସେମାନଙ୍କର ଶ୍ରଦ୍ଧା ଓ ଭକ୍ତି ତ ବଢ଼ିଥାଏ, ଏହାସହ ଜୀବନର ଚଳଣି ପାଇଁ ସେମାନେ ଏକ ଅବଲମ୍ବନ ପାଇଯାଆନ୍ତି । 'ବିଶ୍ୱାସେ ମିଳଇ ହରି'ର ସୁଧୀ ଓ ଶ୍ରଦ୍ଧେୟ ପାଠକଗଣ, ଯେଉଁମାନଙ୍କ ପ୍ରତି ସାଇବାବାଙ୍କର ଅପାର କରୁଣା ସଦାସର୍ବଦା ରହିଆସିଛି, ସେହିମାନଙ୍କ ହିତ ଉଦ୍ଦେଶ୍ୟରେ ଆମେ ସମୟ ସମୟରେ ଭଗବାନଙ୍କର ଲୀଳା ସମ୍ବନ୍ଧିତ ବିଭିନ୍ନ କଥା ଓ କୀର୍ତ୍ତି ପ୍ରକାଶ କରିଆସୁଛୁ । ଏହାର ପ୍ରଧାନ ଉଦ୍ଦେଶ୍ୟ ହେଉଛି ସର୍ବବ୍ୟାପୀ ଭଗବାନଙ୍କ ଅପାର ମହିମା ସମ୍ପର୍କରେ ଅଧିକରୁ ଅଧିକ ଜାଣିବା ଓ ସଦାସର୍ବଦା ତାଙ୍କର ପାଦପଦ୍ମରେ ନିଜର ମନକୁ ଲଗାଇ ରଖିବାର ପ୍ରୟାସ କରିବା । ଭଗବାନ ଶ୍ରୀ ସତ୍ୟସାଇ ବାବା 'ରାମକଥା ରସବାହିନୀ' ବିଭିନ୍ନ ଭାଗରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ଦିବ୍ୟ ଜୀବନ ଓ ସାମ୍ପ୍ରତିକ ସମୟରେ ସଦାଚାର ଓ ମୂଲ୍ୟବୋଧର ପ୍ରତିଷ୍ଠା ପାଇଁ ଦିଗ୍‌ଦର୍ଶନ କରିଯାଇଛନ୍ତି । ରାମ ନାମ ସର୍ବବେଦ ସାର, ରାମ କଥା କ୍ଷୀର ସମୁଦ୍ର ଯାହା ଅତି ପବିତ୍ର ଓ ରସମୟ କାହାଣୀ । ରାମାୟଣ ପ୍ରତ୍ୟେକ ଭାଗ୍ୟବାନ ଭାରତୀୟର ପରମ ମୂଲ୍ୟବାନ ପରମ୍ପରା । ରାମାବତାର କାହାଣୀ ଥିବା ମହାକାବ୍ୟ ରାମାୟଣ ଗୋଟିଏ ଅତି ପବିତ୍ର ଗ୍ରନ୍ଥ । ରାମାୟଣକୁ କୌଣସି ଏକ ବ୍ୟକ୍ତିର ଜୀବନ ଚରିତ ଭାବରେ ନୁହେଁ ଅବତାରଙ୍କ ଆଗମନର ବାର୍ତ୍ତା ଓ ଦିବ୍ୟ କର୍ମଗୁଡ଼ିକର ଆଲେଖ୍ୟ ଭାବରେ ହିଁ ପଢ଼ିବାକୁ ହେବ । ସେହି କାହାଣୀରେ ପ୍ରକାଶିତ ଆଦର୍ଶକୁ ନିଜ ନିଜ ଜୀବନରେ ଉପଲବ୍ଧ ଓ ଅନୁଭବ କରିବାକୁ ପ୍ରତ୍ୟେକ ଲୋକ ଦୃଢ଼ ସଂକଳ୍ପ ହୋଇ ଉଦ୍ୟମ କରିବା ଉଚିତ ବୋଲି ଭଗବାନ ଶ୍ରୀ ସତ୍ୟସାଇ ବାବା ସମ୍ଭାଷଣରେ କହିଛନ୍ତି । ପରମେଶ୍ୱର ସର୍ବଜ୍ଞ, ସର୍ବବ୍ୟାପୀ ଓ ସର୍ବଶକ୍ତିମାନ ସେ ମନୁଷ୍ୟ ଦେହଧରି ଯାହାସବୁ କହନ୍ତି, ଯେଉଁ କର୍ମ ସବୁ ସାଧନ କରନ୍ତି ଓ ଯାହା ସାଧନ କରିବାର ଅଭିଳାଷ ମଧ୍ୟ ପୋଷଣ କରିଥାନ୍ତି ସେ ସମସ୍ତ ଅସାଧାରଣ ଭାବରେ ତାତ୍ପର୍ଯ୍ୟପୂର୍ଣ୍ଣ ଓ ରହସ୍ୟମୟ । ମାନବ ଜାତିର ସର୍ବଶ୍ରେଷ୍ଠ ପୁରୁଷ ଶ୍ରୀରାମଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ କୁହାଯାଏ । ଶ୍ରୀରାମଙ୍କୁ ନୈତିକତା ଓ ଶିଷ୍ଟାଚାରର ପ୍ରତୀକ ଭାବେ ଗ୍ରହଣ କରାଯାଏ । ଦୈନନ୍ଦିନ ଜୀବନରେ ସେ ଶଦାଚାରକୁ ଗୁରୁତ୍ୱ ଦେଇ କୌଣସି କ୍ଷେତ୍ରରେ ପବିତ୍ର ମାନବୀୟ ମୂଲ୍ୟବୋଧକୁ କ୍ଷଣକ ପାଇଁ ବି ଭୁଲିନାହାନ୍ତି । ପବିତ୍ରତାକୁ ହିଁ କେବଳ ଶ୍ରୀରାମଙ୍କ ସହିତ ତୁଳନା କରାଯାଇପାରେ । ଭଗବାନ ଶ୍ରୀସତ୍ୟସାଇ ବାବା ତାଙ୍କ ସମ୍ଭାଷଣରେ ଆହୁରି ମଧ୍ୟ କହିଛନ୍ତି ଯେପରି ଜଗତର ସମସ୍ତ ଜଳାଶୟର ଆଧାର ହେଲା ସମୁଦ୍ର ସେହିପରି ସମସ୍ତ ପ୍ରାଣୀଙ୍କର ମୂଳାଧାର ରାମ । ଜଳ ବିହୀନ ସମୁଦ୍ରର ଅସ୍ତିତ୍ୱ ଯେମିତି ଅସମ୍ଭବ ଏବଂ ଅସତ୍ୟ, ରାମ ବିହୀନ ପ୍ରାଣୀ ମଧ୍ୟ ସେହିପରି ଅସତ୍ୟ ଓ ଅସମ୍ଭବ । ଭଗବାନ ବାବା ତାଙ୍କ ରାମାବତାରର ସ୍ମରଣୀୟ ମୁହୂର୍ତ୍ତକୁ 'ରାମକଥା ରସବାହିନୀ'ରେ ସମ୍ଭାଷିତ କରିଛନ୍ତି - 'ରାମକଥାର ଅମୃତ ଅଯୋଧ୍ୟା ତଟରେ ପ୍ରବାହିତ ସରଯୂ ନଦୀ ସଦୃଶ । ସରଯୂ ନଦୀ ହିମାଳୟର ମାନସ ସରୋବରରୁ ଜାତ ହୋଇ ତଳକୁ ବହି ଆସୁଥିଲା, ସେହିପରି ରାମକଥା ମଧ୍ୟ ବିଶ୍ୱମାନସ ସରୋବରରୁ ଜାତ । ରାମଝର କରୁଣାରସ, ଲକ୍ଷ୍ମଣଝର ଭକ୍ତିରସ । ସରଯୂ ଯେମିତି ଗଙ୍ଗା ନଦୀରେ ମିଶି ଏକକାର ହୋଇଯାଇଛି, ସେହିପରି ରାମାୟଣରେ ରାମରୂପୀ କରୁଣାଝର ଓ ଲକ୍ଷ୍ମଣରୂପୀ ଭକ୍ତିଝର ମିଶି ଏକ ହୋଇଯାଇଛି । ତେଣୁ କରୁଣା ଓ ଭକ୍ତି ରାମାୟଣର ଦୁଇ ପ୍ରଧାନ ରସ, ରାମମହିମା ଓ ରାମ ଗୌରବର ବାହକ । ରାମାୟଣର ଏଇ ମହନୀୟ ରସୋମୟ ଚିତ୍ର ପ୍ରତ୍ୟେକ ଭାରତୀୟ ହୃଦୟର ଅତି ଆଦରର ଧନ । ଏହି ରସ ଲାଭ କରିବା ହିଁ ତା'ର ସମସ୍ତ ସାଧନାର ଲକ୍ଷ୍ୟ' ।

+ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି,
ସେକ୍ଟର-୬, କଟକ,
ମୋ : ୯୪୩୭୦୦୪୪୬୬

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୨୧ ଜାନୁଆରୀ ୨୦୨୪

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



ଚେତନାର ଦର୍ପଣ - ୧୪

# ସଂଘର୍ଷରେ ସଫଳତା

❤ ଲଳିତ ମୋହନ ମିଶ୍ର



ଦିନେ ଜଣେ ବ୍ୟକ୍ତି ତାଙ୍କ ବଗିଚାରେ ବୁଲୁଥିବା ବେଳେ ଏକ ଡାଳରେ ପ୍ରଜାପତିର ବସା ଝୁଲୁଥିବାର ଦେଖିଲେ। ପ୍ରତିଦିନ ସେହି ବସାକୁ ସେ ଦେଖୁଥିଲେ । ଦିନେ ସେ ବସାରେ ଏକ ଛୋଟ ଗାତ ଦେଖିଲେ । ସେ ସେଠାରେ ବସି ସେହି ଗାତକୁ ଘଣ୍ଟା ଘଣ୍ଟା ଧରି ଚାହିଁ ରହିଥିଲେ। ସେ ଅନୁଭବ କଲେ ଯେ ପ୍ରଜାପତି ବସାରୁ ବାହାରକୁ ବାହାରିବା ପାଇଁ ଯଥାସମ୍ଭବ ଚେଷ୍ଟା କରୁଛି । କିନ୍ତୁ ସେହି ଗାତରୁ ସେ ବାହାରି ପାରୁ ନାହିଁ । କିଛି ସମୟ ପରେ ପ୍ରଜାପତିଟି ସମ୍ପୂର୍ଣ୍ଣ ନିରବ ହୋଇଗଲା, ଯେମିତି ସେ ହାର ମାନି ଯାଇଛି। ତା'ପରେ ସେ ବ୍ୟକ୍ତି ଜଣକ ସ୍ଥିର କଲେ, ସେ ପ୍ରଜାପତିକୁ ସାହାଯ୍ୟ କରିବେ। ସେ ସେହି ପ୍ରଜାପତି ବସାର ଗାତକୁ ଏକ କତୁରୀ ସାହାଯ୍ୟରେ ବଡ଼ କରିଦେଇଥିଲେ, ଯାହାଫଳରେ ପ୍ରଜାପତିଟି ସହଜରେ ବାହାରକୁ ଆସିପାରିବ। ଏବଂ ତାହା ହିଁ ଘଟିଲା। ପ୍ରଜାପତିଟି ବିନା ସଂଘର୍ଷରେ ସହଜରେ ବାହାରକୁ ଆସିଥିଲା । କିନ୍ତୁ ପ୍ରଜାପତିର ଶରୀରଟି ଫୁଲି ଯାଇଥିଲା ଓ ଡେଣା ଦୁଇଟି ଶୁଖିଯାଇଥିଲା । ବ୍ୟକ୍ତିଜଣକ ପ୍ରଜାପତିକୁ ଉତ୍ସୁକତାର ସହ ଦେଖୁଥିଲେ । ଭାବୁଥିଲେ ପ୍ରଜାପତିଟି ଯେ କୌଣସି ସମୟରେ ତାର ଡେଣା ବିସ୍ତାର କରି ଉଡ଼ିଯିବ, କିନ୍ତୁ ସେପରି କିଛି ହେଲା ନାହିଁ । ଏପରିକି ପ୍ରଜାପତିଟି ଆଉ କେବେ ଉଡ଼ି ପାରିନଥିଲା। ତାର ଜୀବନ ଚାଲିବା ବୁଲିବାରେ ବିତାଇବାକୁ ପଡ଼ିଥିଲା। ବିନା ବିଚାରରେ ପ୍ରଜାପତିକୁ ବସାରୁ ବାହାରକୁ ବାହାରିବା ବିଷୟ ବ୍ୟକ୍ତି ଜଣକ ବୁଝି ପାରିନଥିଲେ । ପ୍ରକୃତି ପ୍ରଜାପତିକୁ ବସାରୁ ବାହାରକୁ ବାହାରିବା ପ୍ରକ୍ରିୟାକୁ ଏତେ କଷ୍ଟକର କରିଦେଇଛି । ଯାହାଦ୍ୱାରା ପ୍ରଜାପତିର ଶରୀରରେ ଥିବା ତରଳ ପଦାର୍ଥ ତାହାର ଡେଣାରେ ଲାଗିଲେ ତାର ଡେଣା ମଜବୁତ୍ ହେବ ଏବଂ ସେ ସଶକ୍ତ ହୋଇ ବାହାରେ ଉଡ଼ି ପାରିବ । ଯଦି ଆମେ ବିନା ସଂଘର୍ଷରେ ସବୁ ବିଳାସ ପାଇଥାଉ, ତା'ହେଲେ ଆମେ ପଙ୍ଗୁ ହୋଇଯିବୁ। କଠିନ ପରିଶ୍ରମ ଏବଂ ସଂଘର୍ଷ ବିନା ମଣିଷ କେବେ ବି ଶକ୍ତିଶାଳୀ ହୋଇପାରିବ ନାହିଁ। ଆମେ ଯେତିକି ସଶକ୍ତ ଏବଂ ସମର୍ଥ୍ୟ ହେବା ସେତିକି ଜୀବନକୁ ଭଲ ଭାବରେ ଗଢି ତୋଳିବା । ତେଣୁ ଆମେ କେବେ ବି ସଂଘର୍ଷକୁ ଭୟ କରିବା ଉଚିତ୍ ନୁହେଁ । ବରଂ ଜୀବନର ସମସ୍ତ ସମସ୍ୟାର ସମ୍ମୁଖୀନ ହୋଇ ଆଗକୁ ବଢିବା ଉଚିତ୍ । ଯାହା ଦ୍ୱାରା ଆମେ ଠିକ୍ ବାଟରେ ଆସୁଥିବା ପ୍ରତ୍ୟେକ ସମସ୍ୟାରୁ ମୁକ୍ତି ପାଇପାରିବା । ଏବଂ ସଫଳତାର ଉଚ୍ଚରେ ଉଡ଼ିପାରିବା ।

❤ କୁରାଳ, ନୟାଗଡ,
(ମୋ) ୯୪୩୭୯୮୫୮୬୬

।। ଆତ୍ମଜୀବନୀ ।।

# ମୋ ମାଆ ସୁବର୍ଣ୍ଣରେଖା

ଡ. ଶ୍ରୀକାନ୍ତ ଚରଣ ପାତ୍ର

ଆମର ନଈକୂଳିଆ ଗାଆଁ
(ପୂର୍ବ ପ୍ରକାଶିତ ଉତ୍ତାରୁ)

## ( ୧୩)
## ଏକ ଅଶୁଭଦିନର କରୁଣ କାହାଣୀ ( ୧ )

**ସବୁଠୁ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ପାଇଲୁ ଗୋବରଘାଟା ପ୍ରାଥମିକ ବିଦ୍ୟାଳୟରେ । ଗୋଟିଏ କୋଠରୀର ପକ୍କାଛାତ ଉପରକୁ ଉଡିଯାଇ ପୋଖରୀରେ ପଡିଲା । ଘରଭିତରେ ବସିଥିବା ପିଲା ଓ ଛାତ୍ରଛାତ୍ରୀଙ୍କ ଉପରେ କାନ୍ଥଭାଙ୍ଗି ପଡିବାଯୋଗୁଁ ତା'ତଳେ ଚିପି ହୋଇ ୧୩ ଜଣ ପିଲା ଓ ଜଣେ ଶିକ୍ଷକଙ୍କର ଦୟନୀୟ ଭାବରେ ମୃତ୍ୟୁ ହୋଇଥିଲା । ସେଇ ହତଭାଗ୍ୟ ଶିକ୍ଷକ ଶ୍ରୀକାନ୍ତ ରାଉଳ କ୍ରନ୍ଦନରତ ପିଲାମାନଙ୍କୁ ଆବୋରି ବସିଥାନ୍ତି।**

୧୯୯୮ ମସିହା ମାର୍ଚ୍ଚମାସ ୨୪ତାରିଖ, ମଙ୍ଗଳବାର ଦିନଟି ଆସିଥିଲା ନାନା ଅଶୁଭ ବହନକରି ।

ସେତେବେଳେ ମୁଁ ଉପେନ୍ଦ୍ରନାଥ ମହାବିଦ୍ୟାଳୟ, ନଳଗଜା, ମୟୂରଭଞ୍ଜରେ ଅଧ୍ୟାପନା କରୁଥାଏ। ସେଦିନ ଜଳେଶ୍ୱରରୁ ବସ୍‌ରେ କଲେଜ ଯାଇଥିଲି। ଉପରଓଳି ୪ଟାପରେ ସ୍ଥାନୀୟ କଣ୍ଡରାଶୋଳ ଗ୍ରାମର ଦୁଇଜଣ ଯୁବକ ମୋଟର ସାଇକେଲରେ ଆସି ମୋତେ ତାଙ୍କ ଗ୍ରାମର ପ୍ରାଥମିକ ବିଦ୍ୟାଳୟକୁ ନେଇଗଲେ।

ସ୍କୁଲ ହତା ମଧ୍ୟରେ ଏକସୁସଜ୍ଜିତ ସଭାମଞ୍ଚ ନିର୍ମାଣ କରାଯାଇଥିଲା। ସେଦିନ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଁ ଥିଲି ମୁଖ୍ୟଅତିଥି । ସଭାରେ ଅଧ୍ୟକ୍ଷତା କରୁଥିଲେ ସ୍କୁଲ ପରିଚାଳନା ସମିତିର ସଭାପତି। ଆଉ କେତେଜଣ ଅତିଥି ବି ମଞ୍ଚରେ ଆସୀନ ଥିଲେ । ସଭାକାର୍ଯ୍ୟ ଆରମ୍ଭ ହେବାର ଅଳ୍ପସମୟ ପରେ ଆକାଶରେ ମେଘ ଘୋଟିଗଲା । ପବନ ବହିଲା, ପ୍ରଥମେ ଧୀରେ ଧୀରେ, କ୍ରମଶଃ ତାର ବେଗ ବଢିଲା। ଆରମ୍ଭହେଲା ମୂଷଳଧାରାରେ ବର୍ଷା ଓ କୁଆପଥର ବୃଷ୍ଟି। ମଞ୍ଚ ଦୋହଲିବାକୁ ଲାଗିଲା, କେରପାଲ ଭେଦକରି ପାଣି ତଳେ ବସିଥିବା ଛାତ୍ରୀ ଓ ଛାତ୍ର ତଥା ଦର୍ଶକମାନଙ୍କ ଉପରେ ପଡିଲା । ଆଉ ସେଠରେ ବସିବା ନିରାପଦ ନଥିଲା। ସଭା ସାମୟିକ ଭାବରେ ବନ୍ଦକରି ସମସ୍ତେ ସ୍କୁଲକୁ ପଳାଇଲୁ । କିଛି ସମୟପରେ ବର୍ଷା ଛାଡିଗଲା, ପବନ ବି ଶାନ୍ତ ହୋଇଗଲା । ସ୍କୁଲ ଘର ଭିତରେ କୌଣସି ପ୍ରକାରେ ସଭାକାର୍ଯ୍ୟ ଶେଷକରି ପିଲାଙ୍କୁ ପୁରସ୍କାର ବାଣ୍ଟିଦେଲୁ । ସେମାନଙ୍କର କି ଆନନ୍ଦ ! ସଭାପତି ସଭାକାର୍ଯ୍ୟ ଶେଷ ହେବାର ଘୋଷଣା କଲେ। ଜଣେ ସାର ସେମାନଙ୍କୁ ଜଳଖିଆ ଦେଲାପରେ ସେମାନେ ନାଚିନାଚି ଘରକୁ ଦୌଡିଲେ । କେତେଜଣ ଅଭିଭାବକ ବି ଆସି ନିଜନିଜ ପିଲାଙ୍କୁ ନେଇଗଲେ ।

ଅନ୍ଧାର ଘୋଟି ଆସୁଥାଏ । ମୋତେ ଜଣେ ଯୁବକ ତାଙ୍କ ମୋଟର ସାଇକେଲରେ ଆମ ଗାଆଁକୁ ନେଉଥାନ୍ତି । ଯେତେ ଗାଆଁ ପାଖ ହୋଇଆସୁଥାଏ କ୍ଷୟକ୍ଷତିର ପରିମାଣ ସେତେ ବଢୁଥାଏ । ଗଛପତ୍ର ଓଲଟି ପଡିଥାଏ, ଚାଳଘରର ଛପର ଉଡିଯିବା ସହିତ କେତେକ ଘରର ମାଟିକାନ୍ଥ ବି ଭାଙ୍ଗିଯାଇଥାଏ।

ଗାଆଁ ପାଖ ସଡକରେ ଭଣଜା ନାଟୁ (ହେମନ୍ତ ଗିରି, ଚମାରଗାଆଁ ଗାମପଞ୍ଚାୟତର ସେବେଳର ସରପଞ୍ଚ), ପୂର୍ବତନ ସରପଞ୍ଚ ମଧୁସୂଦନ ଦେ ଓ ଆଉ କେତେଜଣ ଯୁବକ ଆତଙ୍କିତ ଅବସ୍ଥାରେ ଛିଡା ହୋଇଥାନ୍ତି । ସେମାନଙ୍କୁ ପଚାରି ଜାଣିଲି ଯେ ଆମର ଅନେକ କ୍ଷତି ହୋଇଛି- ଏକଥା ସତ, କିନ୍ତୁ ଆମଠୁ ଅଧିକ ହୃଦୟ ବିଦାରକ ହୋଇଛି ଲକ୍ଷ୍ମଣନାଥ ପଞ୍ଚାୟତର ଅବସ୍ଥା । ବହୁତ ପିଲା ମରିଛନ୍ତି ବୋଲି କହି ସେମାନେ ସଙ୍ଗେସଙ୍ଗେ ସାଇକେଲ ଚଢି ବାହାରିଗଲେ ଗୋବରଘଟା ଗାଆଁକୁ । ମୁଁ ଭାରାକ୍ରାନ୍ତ ମନନେଇ ଘରକୁ ଗଲି। କିଭଳି ମାନସିକ ଅବସ୍ଥାରେ ଥିବେ ସନ୍ତାନହରା ବାପାମାଆ ?

ଆମ ଗାଆଁ ଭିତରକୁ ଯେତେ ଗଲି, ଲୋକଙ୍କ ଭିତରେ ଆତଙ୍କର ବାତାବରଣ ଖେଳି ଯାଇଥିବାର ଦେଖିଲି । ନାନାରକମର ଗୁଜବ ପ୍ରଚାରିତ ହେଉଥାଏ ମୃତାହତଙ୍କ ସଂଖ୍ୟା ଓ କାରଣ ନେଇ । କରେଣ୍ଟ ନଥିବାରୁ ଟି.ଭି. ଦେଖିହେଲାନି, ରେଡିଓ ଖୋଲି ସେଇ ଲୋମହର୍ଷଣକାରୀ ଦୁର୍ଘଟଣା ସଂପର୍କରେ ସଂବାଦ ଶୁଣିଲି । ଘଡିକିଘଡି ମୃତାହତଙ୍କ ସଂଖ୍ୟା ବଦଳୁଥାଏ/ ବଢୁଥାଏ। ଶୋଇବାକୁ ଚେଷ୍ଟାକରି ବି ଶୋଇ ପାରିଲିନି। ଅତ୍ୟଧିକ ପରିଶ୍ରମ ଓ ମାନସିକ ଦୁଶ୍ଚିନ୍ତା ଯୋଗୁଁ ମଝିରେ ମଝିରେ ଆଖିବୁଜି ଆସୁଥାଏ ସତ, ପୁଣି ଆଖିଖୋଲି ଯାଉଥାଏ। କେବଳ ବିଛଣାରେ ପଡି ଛଟପଟ ହେବା ସାର ହେଲା।

ଭୋରରୁ ପ୍ରସ୍ତୁତ ହେଲି ଗୋବରଘାଟା ଗାଆଁକୁ ଯିବାପାଇଁ । ଏହି ସମୟରେ ଭଣଜା ସେଠାରୁ ଫେରିଆସିଲେ । ତା'ଠାରୁ କିଛି ପ୍ରତ୍ୟକ୍ଷଦର୍ଶୀ ବିବରଣୀ ପାଇଲି ।

ସେତେବେଳେ ସେ ଘୂର୍ଣ୍ଣିବାତ୍ୟାର ଭୟଙ୍କର ବେଗ ଓ ରୂପ ଦେଖି ସମସ୍ତେ ତାକୁ ଟର୍ଣ୍ଣାଡୋ' ବୋଲି କହୁଥିଲେ ।



ମୁଁ , ରତ୍ନାକର ଦାସ, ଯାଦବେନ୍ଦ୍ର ସାମଲ ଏବଂ ଯୋଗେନ୍ଦ୍ର ଭୂୟାଁ ସାଥିହୋଇ ଗୁରୁଦାସପୁର ଘାଟରେ ନୌକା ପାରିହୋଇ ନଦୀକୂଳରେ ଥିବା ଗୋବରଘାଟା, ମାଧପୁର ଏବଂ ବୈରାଟ ଆଡି ଆଦି ଗାଆଁଗୁଡିକର କ୍ଷୟକ୍ଷତି ଦେଖି ବିଚଳିତ ହୋଇ ପଡିଲୁ। ଗଛଲତା, ମାଟିରେ ତିଆରି ଘର ଓ କୁଟାଛପର ଘରଗୁଡିକ ମାଟିରେ ମିଶି ଯାଇଥାଏ । ବାତ୍ୟା ଘରଗୁଡିକର ନଡା ଓ ବାଉଁଶ ଆଦି ଦୂରକୁ ଉଡାଇ ନେଇ ଯାଇଥାଏ । ଅନେକ ଗୋରୁଗାଈଙ୍କର ପ୍ରାଣହାନୀ ହୋଇଥାଏ । ଫସଲରେ ଭର୍ତ୍ତିହୋଇ ସବୁ ସମୟରେ ହସୁଥିବା ସେ ଅଞ୍ଚଳର କ୍ଷେତବାଡି ଶ୍ମଶାନ ପାଲଟି ଯାଇଥାଏ।

ସବୁଠୁ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ପାଇଲୁ ଗୋବରଘାଟା ପ୍ରାଥମିକ ବିଦ୍ୟାଳୟରେ । ଗୋଟିଏ କୋଠରୀର ପକ୍କାଛାତ ଉପରକୁ ଉଡିଯାଇ ପୋଖରୀରେ ପଡିଥିଲା । ଘର ଭିତରେ ବସିଥିବା ପିଲା ଓ ଛାତ୍ରଛାତ୍ରୀଙ୍କ ଉପରେ କାନ୍ଥଭାଙ୍ଗି ପଡିବା ଯୋଗୁଁ ତା'ତଳେ ଚିପି ହୋଇ ୧୩ ଜଣ ପିଲା ଓ ଜଣେ ଶିକ୍ଷକଙ୍କର ଦୟନୀୟ ଭାବରେ ମୃତ୍ୟୁ ହୋଇଥିଲା । ସେଇ ହତଭାଗ୍ୟ ଶିକ୍ଷକ ଶ୍ରୀକାନ୍ତ ରାଉଳ କ୍ରନ୍ଦନରତ ପିଲାମାନଙ୍କୁ ଆବୋରି ବସିଥାନ୍ତି। (କ୍ରମଶଃ)

❤ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

ସ୍ମୃତି କଥା

# ଯେଉଁ ଦୂଆତ କଲମରୁ କ୍ଷରିତ ହେଉଥିଲା ଅମୃତ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର




କବିର କଲମ ଠାରୁ ଆଉ ଶକ୍ତିଶାଳୀ ଅସ୍ତ୍ର କ'ଣ ବା ରହିଛି !! ଗଙ୍ଗାଧରଙ୍କ ହାତକୁ ସ୍ୱତଃସ୍ଫୁର୍ତ୍ତ ଭାବରେ ଆସିଥିଲା କଲମଟି ନା ଗଙ୍ଗାଧର ନିଜ ହୃଦୟର ପ୍ରେରଣା ବଳରେ କଲମ ଧରିଥିଲେ ନିଜ ହାତରେ - ତାହା ନିର୍ଣ୍ଣୟ କରିବା ଏକାନ୍ତ କଷ୍ଟକର। ଏହା ମଧ୍ୟ କୁହାଯାଇ ପାରିବ ଯେ ଉଭୟ ପ୍ରସଙ୍ଗ ସତ୍ୟ ଓ ଏକାନ୍ତ ବାସ୍ତବ। କଲମ ଓ କବି - ଉଭୟେ ଦୁଇଟି ଚୁମ୍ବକ ପରି ପରସ୍ପର ପ୍ରତି ହୋଇଛନ୍ତି ଆକୃଷ୍ଟ। ଯେଉଁ କଲମରେ ଗଙ୍ଗାଧର ଲେଖୁ ଥିଲେ କବିତା ତାହା ହେଉଛି 'କାଠି କଲମ'। ଅର୍ଥାତ୍ସୁ ଚିକ୍କଣ କଲ ମର ସମ୍ମୁଖ ଭାଗରେ ସଂଯୁକ୍ତ ହୋଇ ରହୁଥିଲା ବ୍ରିଟିଶ୍ ତିଆରି ନିବ। ସ୍ୱତନ୍ତ୍ର ଭାବରେ ଏକ କାଚଦୂଆତ ମଧ୍ୟରେ ନିଜ ହାତରେ ପ୍ରସ୍ତୁତ କାଳି ଭରି ରଖୁଥିଲେ କବି। ଏହି ଦୂଆତ ମଧ୍ୟରେ ଥିବା କାଳିରେ କଲମକୁ ବାରମ୍ବାର ବୁଡାଇ ଲେଖୁଥିଲେ ଶବ୍ଦପରେ ଶବ୍ଦ। ଏହା କେତେ ଶ୍ରମ ସାପେକ୍ଷ ତାହା ଅତି ସହଜରେ ଡଟ ପେନ୍ଚାଳନା କରୁଥିବା ବର୍ତ୍ତମାନର ଶିକ୍ଷିତ ସମାଜ ଅନୁଭବ କରିବେ ନିଶ୍ଚିତ ଭାବରେ । କବି କଳାରଙ୍ଗର ସ୍ୟାହି ପ୍ରସ୍ତୁତ କରୁଥିଲେ ରୋଷେଇ ଘର ମଧ୍ୟରେ ଜମାଟ ବାନ୍ଧି ରହିଯାଉ ଥିବା ଅଳନ୍ଧୁରୁ।ଯେଉଁ କଲମରେ ଲେଖୁଥିଲେ ତାହା ମଝିରେ ମଝିରେ ପରିବର୍ତ୍ତିତ ହୋଇଛି ଓ ନୂତନ ନୂତନ କାଠି କଲମ ବ୍ୟବହାର କରିଛନ୍ତି ସେ। ଯେଉଁ କଲମରେ ତାଙ୍କର ଶେଷ କବିତା 'ଭାରତୀ ଭାବନା' ରଚିତ, ତାହା ଏପର୍ଯ୍ୟନ୍ତ ସଂରକ୍ଷିତ। ଦୂଆତ ଓ କଲମ ଏହି ଉଭୟ ସାମଗ୍ରୀ ଆଜି ସର୍ବସାଧାରଣଙ୍କ ଦର୍ଶନ ନିମିତ୍ତ ଉନ୍ମୁକ୍ତ।

ଜୀବନରେ ବାରମ୍ବାର ଏହି ଦୂଆତ ଓ କଲମକୁ ପରିଷ୍କାର ପରିଚ୍ଛନ୍ନ କରିବାର ସୁଯୋଗ ମିଳିଛି ଏ ଅଯୋଗ୍ୟ ଉତ୍ତରଦାୟାଦକୁ । ବେଳେବେଳେ ନିସ୍ତବ୍ଧ ରାତ୍ରିରେ ମୁଁ ଏକୁଟିଆ ଅନାଇ ରହେ ନିର୍ନିମେଶ ନୟନରେ ଏହିକବିଙ୍କ ଅତି ପ୍ରିୟ ଦୂଆତ କଲମକୁ। ଆଶ୍ଚର୍ଯ୍ୟଜନକ ବିଷୟ ହେଲା- ଯେଉଁ ଯେଉଁ ପଦାର୍ଥକୁ ସ୍ପର୍ଶ କରିଯାଇଛନ୍ତି କବି, ସେମାନେ ଆଜି ବି କଥାକୁହନ୍ତି ନୀରବରେ , ଶ୍ରଦ୍ଧାଯୁକ୍ତ ହୃଦୟ ମଧ୍ୟରେ ସୂକ୍ଷ୍ମ ରେଖାରେ ପ୍ରବେଶ କର। ସୁଗଭୀର ରାତ୍ରି ମଧ୍ୟରେ ଯେଉଁ ଅନ୍ତରଙ୍ଗ ଭାବ ବିନିମୟ ଏମାନଙ୍କ ସହିତ ସମ୍ଭବ ହୁଏ, ତାହାନା ଭାଷାରେ ବୁଝାଇ ହେବ, ନା ତାହା ଯେ ନିରାଟସତ୍ୟ କଥା ଏହା ବି ପ୍ରକଟ କରିବା ଦୁଃସାଧ। ସତେ ଯେମିତି କବି ଓ କଲମ ପରସ୍ପର ଭିତରେ ବର୍ଷବର୍ଷ ବ୍ୟାପୀ କରିଛନ୍ତି ଭାବ ଆଦାନ ପ୍ରଦାନ। ସେହିଧାରା ଏ ପର୍ଯ୍ୟନ୍ତ ଅବ୍ୟାହତ ହୋଇ ରହିଛି ନିଶ୍ଚୟ। ତାହାର ଜୀବନ୍ତ ସାକ୍ଷୀ ଏ ଲେଖକ। ଦୂଆତ ଓ କଲମ ମଧ୍ୟ କହିପାରନ୍ତି କାବ୍ୟ କବିତା ରଚନାର ଅନ୍ତରଙ୍ଗ ଇତିହାସ, ଏହା ଅନୁଭବ କରିପାରିଛି ମର୍ମେମର୍ମେ । କବିଙ୍କ ଜୟନ୍ତୀ, ଶ୍ରାଦ୍ଧଦିବସ, ଦୀପାବଳି, ଫଗୁଣ ପୂର୍ଣ୍ଣିମା ଆଦି ପବିତ୍ର ମୁହୂର୍ତ୍ତରେ ଏହାରି ଉପରେ ଚନ୍ଦନତିଳକର ଚିହ୍ନ ଦେଇ ପୂଜାକରି ଆସିଛନ୍ତି ମୋର ବଡବାପା ପୂର୍ଣ୍ଣଚନ୍ଦ୍ର ମେହେର ଓ ବାପା କିଶୋର ଚନ୍ଦ୍ର ମେହେର।

ଦୂଆତ କଲମ ସମସ୍ତ ସାମଗ୍ରୀ ମଧ୍ୟରେ ଗଙ୍ଗାଧରଙ୍କ ଜୀବନର ମହର ସଂକେତ। ବ୍ରିଟିଶ୍ସରକାର ଦ୍ୱାରା ତିଆରିନିବ୍ରେ ବ୍ରିଟିଶ ସରକାର ବିରୁଦ୍ଧରେ ଲେଖିଥିଲେ କବିତା ଗଙ୍ଗାଧର ତାଙ୍କ ଜୀବନର ଅନ୍ତିମ ପର୍ଯ୍ୟାୟ ରେ। କଲମ ମଧ୍ୟରେ ଯେଉଁ ଦେଶ ଦ୍ୱାରା ନିର୍ମିତ ନିବ୍ବ୍ୟବହୃତ ହେଉନା କାହିଁକି, ତାହା ଯିଏ ଧରିଛି ନିଜ ହାତରେ ନିବ୍ ହେଉଛି ସମ୍ପୂର୍ଣ୍ଣ ଭାବରେ ତାଙ୍କରି। ବ୍ରିଟିଶ୍ନିବ୍ର ରୂପାନ୍ତର ସଂଘଟିତ ହୋଇ ଯାଇଛି ଗଙ୍ଗାଧରଙ୍କ ଦ୍ୱାରା ଆଉ ନିବ୍ଟିତେନ ଭୂମିରୁ ନିର୍ମିତ ହୋଇ ଆସିଥିଲେ ସୁଦ୍ଧା ସେ ଜୟଗାନ କରିଛି ଭାରତ ମାଟିର। ଭାରତର ସ୍ୱାଧୀନତା ସଂଗ୍ରାମ ସହିତ ନିଜକୁ କରିଦେଇଛି ଏକୀଭୂତ। କବିଙ୍କ ଲେଖନୀକୁ ପୂଜା କରିବାର ବିଧି ସର୍ବତ୍ର ପ୍ରଚଳିତ ହେବାର ରହିଛି ଭିନ୍ନ ତାତ୍ପର୍ଯ୍ୟ। କବି ଓ ଲେଖକମାନେ ଯେଉଁ କଲମ ବ୍ୟବହାର କରନ୍ତି ତାହାକୁ ପରିବାର ପରିଜନ କେତେଜଣ ବା ସଂରକ୍ଷିତ କରି ରଖିଛନ୍ତି ? ଏହି ଦୁର୍ଲଭ ସଂରକ୍ଷଣ ପ୍ରତିଟି ସ୍ରଷ୍ଟାଙ୍କ ପରିବାର ଉଦ୍ଦେଶ୍ୟରେ ହେଉଛି ଏକ ଅନ୍ତରଙ୍ଗ ଆହ୍ୱାନ। କବି ଲେଖକଙ୍କ ବ୍ୟବହୃତ କଲମକୁ ଦେଖିବା, ଛୁଇଁବାରେ ଭରି ରହିଛି କି ଅନନ୍ତ କମ୍ପନ!!

ଆଜି ମୁଁ କବିଙ୍କ ଜନ୍ମଭୂମି ବରପାଲି ଓଆମର ସ୍ଥାୟୀବାସ ଗୃହଗଙ୍ଗାଧର ସ୍ମୃତିସଦନରୁ ଅନେକ



ଅନେକ ଦୂରବର୍ତ୍ତୀ। ନୀରବରେ ଓ ପ୍ରଶାନ୍ତଚି ରେ ଯେତେବେଳେ ମୁଁ ମନେପକାଏ ଉକ୍ତ ଦୂଆତ କଲମ ପ୍ରସଙ୍ଗ ସେତେବେଳେ କର୍ଣ୍ଣଗହ୍ୱରରେ ଉଚ୍ଚାରିତ ହୁଏ ସେମାନଙ୍କ ସୂକ୍ଷ୍ମ କଣ୍ଠସ୍ୱର। ସତେକି ସେମାନେ କହୁଛନ୍ତି ମୋ ଉଦ୍ଦେଶ୍ୟରେ 'ଫେରିଆବାବୁ ଶୀଘ୍ର। କବିଙ୍କ ଉତ୍ତରଦାୟକ୍ଷଦତ୍ତୁ, କେତେବର୍ଷ ହେଲା ଆମକୁ ଛୁଇଁନୁତୁ। ଅପେକ୍ଷା କରି ରହିଛୁ ଆମେ ଓ ରହିଛନ୍ତି ଆମକୁ ବ୍ୟବହାର କରୁଥିବା ମହନୀୟ ଚେତନାର କାବ୍ୟଶିଳ୍ପୀ ସ୍ୱୟଂ ଗଙ୍ଗାଧର। କାଚଦୂଆତ ବିଗତଦିନର ବେଦନାଦାୟକ ମୁହୂର୍ତ୍ତକୁ ମନେ ପକାଉଥିଲା। ଓଃ ସେଇରାତିଟିର କଥା ମନେପଡିଯିବା ମାତ୍ରକେ ଶିହରିତ ହୋଇଉଠେ ପ୍ରତିଟି ଲୋମକୂପ ମୋର । ଯାହା ମଣିଷ କେବେ କଳ୍ପନାରେ ବି ଭାବିବା ଅସମ୍ଭବ ସେପରି ଅନିଚ୍ଛାକୃତ ଦୁର୍ଘଟଣା ଘଟିଯାଏ କେମିତି ସମସ୍ତ ସତର୍କତା ସତ୍ତ୍ୱେ ? ମୋ ପୂଜ୍ୟ ପିତାଙ୍କ ବେଦନାର୍ତ୍ତ ମୁଖମଣ୍ଡଳ କଳ୍ପନା କଲେ ବି ଛାତି ଭାଙ୍ଗିପଡୁଛି ଖଣ୍ଡଖଣ୍ଡ ହୋଇ । ଏକୁଟିଆ ପୁତ୍ରଟି କାହିଁକି କରୁଥିବ କବିଙ୍କ ସବୁ ସାମଗ୍ରୀ ପରିଚ୍ଛନ୍ନ, ଏକଥା ଚିନ୍ତା କରିବା ପା ମୋତେ ସାହାଯ୍ୟ କରିବା ପାଇଁ ବଢ଼େଇ ଦେଇଥିଲେ ହାତ । ଅନ୍ୟ ଜିନିଷ ତ କେତେଥିଲା ? କେହି କାହିଁକି ଗଲେନି ବାପାଙ୍କ ହାତକୁ । କେଉଁ ଏକ ଦୁଷ୍ଟଶକ୍ତି ଅନ୍ତରାଳରେ ଥିଲା କେଜାଣି ? ସିଏ ହିଁ ଦୂଆତଟିକୁ ବାପାଙ୍କ ହାତକୁ ନେଇଆସିଲା, ଏକ ଅସତ ଉଦ୍ଦେଶ୍ୟ ନେଇ । ଆଉ କ୍ଷଣକରେ ଘଟାଇଦେଲା ଅବର୍ଣ୍ଣନୀୟ ଦୁର୍ଘଟଣା । ବାପା ପ୍ରତିଟି କ୍ଷେତ୍ରରେ କେତେ ସଚେତନ । ପୁଣି ନିଜ ପୂଜ୍ୟ ପିତାମହଙ୍କ ଟୁକୁଡା କାଗଜ ଖଣ୍ଡଟିଏ ମୋ ଅବହେଳାରୁ ଯଦି ପଡିରହିଥାଏ କେଉଁଠି, ତାକୁ ଅତି ଯତ୍ନ ସହକାରେ ସାଇତି ରଖିଦିଅନ୍ତି । ଅଥଚ ସେଇ ଅପଶକ୍ତି ବାପାଙ୍କ ସାମାନ୍ୟ ଅସତର୍କତାର ଦୁରୂପଯୋଗ କରିବାକୁ ସେଦିନ ଅପେକ୍ଷା କରି ରହିଥିଲା । ଆଖିପିଛୁଳାକେ ଖସି ପଡିଲା ଦୂଆତ ବାପାଙ୍କ ହାତରୁ । ନିମିଷକେ ହୋଇଗଲା ଖଣ୍ଡଖଣ୍ଡ। ବିଛାଡି ହୋଇଗଲା ରାତିର ଅନ୍ଧାର ଭିତରେ କେଉଁ ସବୁ କୋଣ ଅନୁକୋଣରେ । କେଉଁ ପୁଅର ସାହସ ଅଛି, ଏଇ ସମୟରେ ବାପାଙ୍କ ମୁହଁକୁ ଅନାଇପାରିବ ? ବାପା ହିଁ ତ ନିଜେ ହିଁ ଭାଙ୍ଗିଯାଇଛନ୍ତି ଖଣ୍ଡ ବିଖଣ୍ଡିତ ହୋଇ। ପ୍ରତିଟି କାଚଖଣ୍ଡ ଦେଖା ଯାଉଥିଲା ମୋ ଆଖିକୁ ରକ୍ତଜର୍ଜରିତ । ପ୍ରତିଟି କାଚଖଣ୍ଡରୁ ବାପାଙ୍କ ହୃଦୟର ବେଦନାର୍ତ୍ତ କରୁଣ କ୍ରନ୍ଦନ ମୋତେ ବି କରିଦେଲା ନିର୍ବାକ, ନିସ୍ପନ୍ଦ । ବାପା ତ ବାଗଶକ୍ତି ହରାଇ ଦେଇ ପାଲଟି ଯାଇଥିଲେ ନିଷ୍ପ୍ରାଣ ପାଷାଣମୂର୍ତ୍ତିରେ । ନା ବାପାଙ୍କ ଶବ୍ଦ ଉଚ୍ଚାରଣ କରିବାର ଥିଲା ଆଉ ବଳ ନା ସାନ୍ତ୍ୱନା ଦେବା ପାଇଁ ମୋ ପାଖରେ ଥିଲା ଉପାୟ ? ବାପାଙ୍କ ହାତରୁ ଖସି ପଡିବା ଆଉ ମୋ ହାତରୁ ଖସିପଡିବା ମଧ୍ୟରେ କଣବା ଥିଲା ପ୍ରଭେଦ ? ଆମ ଉଭୟଙ୍କ ବ୍ୟତୀତ ପରିବାରର ଆଉ କାହା ହାତରୁ ବି ଖସିପଡିବା -ସବୁଥିଲା ସମାନ ।

ଠିକ ଏହିବେଳରେ ଆମ ଦୁର୍ବଳତାର ସୁଯୋଗ ନେଇ ପଶି ଆସିଥିବା ଦୁଷ୍ଟଶକ୍ତିକୁ ସେଇ ପରିସରରୁ ବିତାଡିତ କରିଦେବା ପାଇଁ ଆଉ ମୋ ହାତ ଦୁଇଟିକୁ ନିଜ ବ୍ୟବହାରରେ ଲଗାଇବା ପାଇଁ ଉଭା ହେଲେ ସ୍ୱୟଂ ସରସ୍ୱତୀ । ଛିନ୍ନବିଚ୍ଛିନ ହୋଇ ପଡ଼ିଥିବା କାଚଖଣ୍ଡ ସବୁ ଗୋଟିଗୋଟି ଖୋଜିବାକୁ ଲାଗିଲା ମୋର ଦୁର୍ବଳହାତ । ବାପା କ୍ଷଣକରେ ହୋଇପଡିଲେ ଶଯ୍ୟାଶାୟୀ । ତାଙ୍କ ବୁଦ୍ଧିବୃତ୍ତି ହୀନ ପୁତ୍ରଟି କଣ କରୁଛି ଦେଖିବାର ନଥିଲା ସାମାନ୍ୟତମ ଇଚ୍ଛା ।କାନ୍ଥପଟକୁ ମୁହଁ କରି ପଡିରହିଲେ ସେ ଚକ୍ଷୁମୁଦ୍ରିତ କରିଦେଇ।

ତାଙ୍କ ପୁଅଟିର ହାତଟିକୁ ମାଧ୍ୟମ କରି ଜ୍ୟୋତିର୍ମୟୀ ବୀଣାପାଣି ଗୋଟାଇ ବାକୁ ଲାଗିଲେ କାଚଖଣ୍ଡ ସବୁକୁ। ଛୋଟଛୋଟ କାଚ ଖଣ୍ଡ ସବୁକୁ ଅଠା ଦ୍ୱାରା ସେ ଯୋଡିବାକୁ ଲାଗିଲେ । ଶାନ୍ତ, ନିରବ, ଅଟଳ ଧୈର୍ଯ୍ୟର ପର୍ବତ କରି ଅବିଚଳିତ ରଖିଲେ ଅସ୍ଥିରମନା ପୁତ୍ରଟିକୁ । ପ୍ରାୟ ତିନି ଚାରିଘଣ୍ଟାର ନିରବଚ୍ଛିନ୍ନ ପ୍ରୟାସ ବିଦ୍ୟାଦାତ୍ରୀଙ୍କ ହେଲା ସାର୍ଥକ। ରହିଗଲା କଟାଦାଗ ସବୁ। ମାତ୍ର ପୂର୍ବ ବତ ଦୂଆତ ପୂର୍ଣ୍ଣାଙ୍ଗ ରୂପରେଖ ନେଇ ପୁନଃନିର୍ମିତ ହୋଇଗଲା ଅଲୌକିକ ଭାବରେ ।


ସେଥିରେ ଭାଙ୍ଗି ଯାଇଥିବା ମନଯୋଡି ହେବାର ସମ୍ଭାବନା ନଥିଲା। ତଥାପି ବାପାଙ୍କ ଦୃଷ୍ଟି ଆକର୍ଷିତ ହେଲା ଯେତେବେଳେ ତାରି ପ୍ରତି, ଏକ ଦୀର୍ଘଶ୍ୱାସ ଛାଡିଥରାଇ ବାହାରି ଆସିଲା ବାପାଙ୍କ ବକ୍ଷରୁ । ସେଇ ଦୀର୍ଘଶ୍ୱାସର ଅର୍ଥ ବିଶ୍ଳେଷଣ ଅସମ୍ଭବ । ତାହା ନିଜକୁ କ୍ଷମା କରିପାରୁ ନଥିବା ଅନୁତପ୍ତ ଆର୍ତ୍ତସ୍ୱର, ଦୂଆତର ପୁନଃନିର୍ମାଣ ଦୃଶ୍ୟ ଦେଖିବାର ଆଶ୍ୱାସନା ନା ଆଉ କଣ ତାହା ନିର୍ଦ୍ଧାରଣ କରିବା କି କଠିନ ସତେ!!!

ରାତି ହୋଇ ଯାଇଥିଲା ଗଭୀରରୁ ଗଭୀରତର । ଏସବୁର ଜୀବନ୍ତ ସାକ୍ଷୀ ହୋଇ ନୀରବରେ ସବୁ ଦୃଶ୍ୟ ନିରୀକ୍ଷଣ କରୁଥିବା ମୋର ସ୍ନେହମୟୀ ଜନନୀ କେଉଁ ସାହସରେ ରାତ୍ରି ଭୋଜନ ନିମିତ୍ତ ଆମନ୍ତ୍ରଣ କରି ପାରିଥାନ୍ତେ ବାପାଙ୍କୁ ? ପୁଅର ଅନାହାର ରାତ୍ରିଯାପନ ଠାରୁ ପୁଣି ଆଉ କଷ୍ଟପ୍ରଦ ଥାଇପାରେ କଣ ? ତେଣୁ କୌଣସି ବାକ୍ୟ ବିନିମୟ ନକରି ହାଲୁକା ଆହାର ମାତ୍ର ଗ୍ରହଣ କରିବାକୁ ପଡିଲା ମୋତେ । ବାପା ମା ଉପବାସ ଆଉ ଉପାସନାରେ ବିତାଇଲେ ସେଇ ନିସ୍ତବ୍ଧ ରାତ୍ରି ଆପଲକ ନୟନରେ ।

ଦୂଆତକୁ ଏକ ଧଳା ମୋଟା କାଗଜରେ ଆବୃତ୍ତ କରି କାଠି କଲମ ତା ଭିତରେ ପୂରାଇ ଦେଇ ଯଥାସ୍ଥାନରେ କାଚ ଆଲମିରା ମଧ୍ୟରେ ସଜ୍ଜିତ କରି ରଖିଦେଲି ତାକୁ । ନିଜ କ୍ଷତ ଚିହ୍ନ କାହାକୁ ନଦେଖାଇବାରେ ହିଁ ଶାନ୍ତି ଆଉ ସାନ୍ତ୍ୱନା ଲାଭ କରୁଥିଲା କବିଙ୍କ ସକଳ ସାହିତ୍ୟକୁ କାଳଜୟୀ ରୂପ ଦେଇଥିବା ସେଇ ଚିର ବନ୍ଦନୀୟ କବି ପ୍ରାଣର ଅତି ପ୍ରିୟ ଦୂଆତ।

କର୍ମମୟ ଜୀବନର ଆହ୍ୱାନରେ ମୋତେ ଛାଡି ଆସିବାକୁ ହେଲା ଜନ୍ମଭୂମି ବରପାଲି । କିଏ ବା ଜାଣିଥିଲା ମୁଁ ଏଠାରେ କରୋନା କବଳିତ ହେବି ବୋଲି ? ଦିବ୍ୟଜନନୀଙ୍କ ଆଶିଷ ଲାଭ କରି ଲାଭ କଲି ପୁନର୍ଜନ୍ମ । କିନ୍ତୁ ଆଉ ଶରୀର ଅନୁମତି ଦେଉନାହିଁ ଦୂର ଯାତ୍ରା ପାଇଁ । ମୋତେ ବାହାରୁ ଯିଏ ବି ଦେଖିଲେ କହନ୍ତି: ଆପଣ ଚିରଦିନ ସୁନ୍ଦର । ମୋ ଭିତରର ଅଦୃଶ୍ୟ କ୍ଷତ ଆଉ ଆସାମର୍ଥ୍ୟ ସଦା ଆବୃତ ହୋଇ ରହିଛନ୍ତି ସୁନ୍ଦର ଧଳା ପୋଷାକରେ । ବହୁ ହିତାକାଂକ୍ଷୀ, ଛାତ୍ରଛାତ୍ରୀ କହନ୍ତି ଧଳା ପୋଷାକ ଖୁବ୍ ମାନେ ମୋତେ । କବିଙ୍କ ପ୍ରିୟ ଦୂଆତ ଆମ ଗୃହରେ ରହିଥିବ ଧଳାରଙ୍ଗର କାଗଜରେ ନିଜ ବିବର୍ଣ୍ଣ ରୂପକୁ ଢାଙ୍କିଦେଇ । ଆଉ ଏଠି ମୁଁ ଆପଣାର ଅସହାୟତା ସତ୍ତ୍ୱେ ଶୁଦ୍ଧ ଶୁଭ୍ରଜ୍ୟୋତି ବିକିରଣ କରି ଚାଲିଛି କବିଙ୍କ ଆତ୍ମଜ ଭୂମିକାରେ ଅବତୀର୍ଣ୍ଣ ହୋଇ । ନିରବ, ନିସ୍ତବ୍ଧ ରାତ୍ରିରେ ଦିନେ ଦିନେ ଅଚାନକ ନିଦ ଭାଙ୍ଗିଯାଏ। ସ୍ପଷ୍ଟ ଶୁଣିପାରେ ଛାତି ଭିତରେ କ୍ରନ୍ଦନର କରୁଣସ୍ୱର । ସେ ସ୍ୱର ମୋର ନା ମୁଁ ଛାଡି ଚାଲି ଆସିଥିବା ସ୍ୱଭାବ କବିଙ୍କ ଦିନେ ଥିଲା ଯାହା ଅମୃତ ପୂର୍ଣ୍ଣକାଚ ଦୂଆତ ତାରି ବ୍ୟାକୁଳ ଆହ୍ୱାନ ? ? ?

ପ୍ରାକ୍ତନ ବିଭାଗ-ମୁଖ୍ୟ, ସ୍ନାତକୋତ୍ତର
ଭାଷା ଓ ସାହିତ୍ୟ ବିଭାଗ,
ଫକୀର ମୋହନ ବିଶ୍ୱବିଦ୍ୟାଳୟ,
ବ୍ୟାସ ବିହାର, ବାଲେଶ୍ୱର



# 'ନୂଆ -ଓ'ସାହିତ୍ୟ ପ୍ରତିଯୋଗିତା ଉଦଯାପନୀ ଉତ୍ସବ ଅନୁଷ୍ଠିତ




ସୋର, ୨୦/୧ (ନି.ପ୍ର): ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ଓଡିଶା ସରକାର ଙ୍କ ପ୍ରାୟୋଜିତ ବିଶ୍ୱ ଓଡ଼ିଆ ସାହିତ୍ୟ ସମ୍ମିଳନୀ ଏବଂ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ଉପଲକ୍ଷେ 'ନୂଆ -ଓ ' ସାହିତ୍ୟ ପ୍ରତିଯୋଗିତା ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ପର୍ଯ୍ୟବେକ୍ଷିତ ପ୍ରତିଯୋଗିତା ଗୋଡ଼ିକର ଉଦଯାପନୀ ଉତ୍ସବ ପାଳନ ହୁଇଯାଇଛି । ଏହି ଉଦଯାପନୀ ଉତ୍ସବ ରେ ଅଧକ୍ଷ ଶ୍ରୀଯୁକ୍ତ ଜଗଦୀଶ ଚନ୍ଦ୍ର ବିଶ୍ୱାଳ ଙ୍କ ଅଧକ୍ଷତା ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଇଥିଲା ।ଶ୍ରୀ ଜଗନ୍ନାଥ ଚେତନା ଓ ସଂସ୍କୃତି ର ପ୍ରବକ୍ତା ଶ୍ରୀଯୁକ୍ତ ନିକୁଞ୍ଜ ବିହାରୀ ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ତାଙ୍କର ଉଜ୍ଜ୍ୱଶିନୀ ଅଭିଭାଷଣରେ ଛାତ୍ର ଛାତ୍ରୀ ମାନଙ୍କୁ ମନ୍ତ୍ର ମୁଗ୍ଧ କରିଥିଲେ ।ଏହି କାର୍ଯ୍ୟକ୍ରମ ର ଅଧିକାରିଣୀ ଶ୍ରୀମତୀ ପୁଷ୍ପଲତା ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଡ଼ଃ ପଙ୍କଜ କୁମାର ଜେନା ଏବଂ ଦିଜେନ୍ଦ୍ର ପ୍ରସାଦ ଦାସ ନିଜ ବକ୍ତବ୍ୟ ରେ ପିଲା ମାନଙ୍କର ସୁଚରିତ ଗଠନ, ଉତ୍ତମ ବ୍ୟବହାର, ନିଷ୍ଠାପରତା ଏବଂ ଧାର୍ମିକତା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ସଂସ୍କୃତି ବିଭାଗ ର ଅଧିକାରୀ ଡ଼ଃ ପୁଣ୍ୟବ୍ରତ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ବରିଷ୍ଠ ଅଧ୍ୟାପକ ପୂର୍ଣଚନ୍ଦ୍ର ବେହେରା ଛାତ୍ର ଛାତ୍ରୀ ମାନଙ୍କ ର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଲୋକପାତ କରିଥିଲେ ମୁଖ୍ୟ ଅତିଥି ଙ୍କ ଦ୍ୱାରା ଅଧକ୍ଷ ଏହି କାର୍ଯ୍ୟକ୍ରମ ରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ । ଅଧ୍ୟାପକ ଅଜୟ କୁମାର ବାରିକ, ଡ଼ଃ ସମ୍ବିତ କୁମାର ପଳିତା, ବିଜୟ କୁମାର ମହାଳିକ, ଡ଼ଃ ସଂଗ୍ରାମ କୁମାର ରାଉତ, ପ୍ରଶାନ୍ତ କୁମାର ପଣ୍ଡା, ଅନାପୂର୍ଣ୍ଣ ଜେନା, ରଂଜିତା ବାଳା ମହାପାତ୍ର, ସୁଶାନ୍ତ କୁମାର ରାଉଳ, ନିବେଦିତା ମଲିକ, ସନ୍ଧ୍ୟାରାଣୀ ଜେନା,ସତ୍ୟ ନାରାୟଣ ସାହୁ, ସୁଜିତ କୁମାର ଗୋଛାୟତ ଏବଂ କର୍ମଚାରୀ କୈଳାସ ଚନ୍ଦ୍ର ବାରିକ, ଅନାକାର ନାୟକ,ଅତୁଳ ବିହାରୀ ପାଢ଼ୀ, ଭାରତ ଚନ୍ଦ୍ର ମହାନା ଏବଂ ପ୍ରଦ୍ୟୁମ୍ନ ସାହୁ ଙ୍କ ସମେତ ଛାତ୍ର ଛାତ୍ରୀ ମାନେ ସହଯୋଗ କରିଥିଲେ । ଶେଷରେ ବିଦ୍ୟାଳୟ ର ଅଧକ୍ଷ ଜଗଦୀଶ ଚନ୍ଦ୍ର ବିଶ୍ୱାଳ ସରକାର ଙ୍କର ଯେଉଁ ପିଲାମାନଙ୍କୁ ଯେଉଁ ଦକ୍ଷତା ବିକାଶ କରିବା ପାଇଁ ପରାମର୍ଶ ଦେଇଥିଲେ ।

# କଲେଜ ଛାତ୍ରଛାତ୍ରୀଙ୍କ ଶିକ୍ଷା ପରିଭ୍ରମଣ



ମୟୂରଭଞ୍ଜ, ୨୦/୧ (ନି.ପ୍ର): 'ଆହ୍ୱାନ' ସାମାଜିକ ଅନୁଷ୍ଠାନ, ବାରିପଦା ଆନୁକୂଲ୍ୟରେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ଉଚ୍ଚ ମାଧ୍ୟମିକ ଏବଂ କଲେଜର ବିଜ୍ଞାନ ଶ୍ରେଣୀରେ ଅଧ୍ୟୟନରତ ଅଣ୍ଡରଗ୍ରାଜୁଏଟ୍ ଛାତ୍ରଛାତ୍ରୀଙ୍କ ଏକ ୫୦ ଜଣିଆ ପ୍ରତନିଧି ଦଳ ତା:୧୯.୦୧.୨୦୨୪ ଅନୁମତିପ୍ରାପ୍ତ ହୋଇ ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ଉନ୍ନୟନ ପ୍ରତିଷ୍ଠାନର ସମନ୍ୱିତ କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ର ( ଡି.ଆର୍. ଡି.ଓ. , ଆଇ.ଟି.ଆର୍.)କୁ ଶିକ୍ଷା ପରିଭ୍ରମଣରେ ଆସି ସଂସ୍ଥାର ବିଭିନ୍ନ ବିଭାଗ ବୁଲି ଦେଖିବା ସଙ୍ଗେ ସଙ୍ଗେ ଦେଶର ପ୍ରତିରକ୍ଷା ସମ୍ବନ୍ଧରେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିଛନ୍ତି। ଡି.ଆର୍. ଡି.ଓ. , ଆଇ.ଟି.ଆର୍.ର ଅତିରିକ୍ତ ନିର୍ଦ୍ଦେଶକ ବରିଷ୍ଠ ବୈଜ୍ଞାନିକ ଡଃ.ନୀଳାଦ୍ରି ରୟ୍ ଛାତ୍ରଛାତ୍ରୀମାନଙ୍କୁ ପ୍ରତିରକ୍ଷା ବିଭାଗର ବୈଜ୍ଞାନିକ ଅନୁସନ୍ଧାନ ବିଷୟରେ ମାର୍ଗଦର୍ଶନ କରାଇଥିବା ବେଳେ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ଉନ୍ନୟନ ପ୍ରତିଷ୍ଠାନରେ ଗବେଷଣା ନିମନ୍ତେ କିଭଳି ସୁଯୋଗ ରହିଛି ସେ ସମ୍ପର୍କରେ ଶିକ୍ଷାର୍ଥୀଙ୍କ ପ୍ରଶ୍ନଗୁଡିକର ଉତ୍ତର ଦେଇ ପିଲାଙ୍କୁ ବିଜ୍ଞାନ କ୍ଷେତ୍ରରେ ଭବିଷ୍ୟତ ଗଠନ ପାଇଁ ଉତ୍ସାହିତ କରିଥିଲେ। ଶିକ୍ଷା ପରିଭ୍ରମଣରେ ଅଂଶଗ୍ରହଣ କରିଥିଲେ ଫେକଲଟି ଗାଇଡଙ୍କ ତତ୍ତ୍ୱାବଧାନରେ ମୟୂରଭଞ୍ଜର ବାରିପଦା ମହାବିଦ୍ୟାଳୟ ବାରିପଦା ,ପୂର୍ଣ୍ଣଚନ୍ଦ୍ର ହାୟର୍ ସେକେଣ୍ଡାରୀ ସ୍କୁଲ, ବାଲେଶ୍ୱର ଜିଲ୍ଲାର କୁନ୍ତଳା କୁମାରୀ ମହିଳା ମହାବିଦ୍ୟାଳୟ ଏବଂ ଡି.ଏ.ଭି. ପବ୍ଲିକ୍ ସ୍କୁଲ୍ ବାଲେଶ୍ୱରର ଛାତ୍ରଛାତ୍ରୀ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଆବାହକ, ସତ୍ୟଦୀପ ନାୟକ ଓ ବରିଷ୍ଠ ସଦସ୍ୟ ଚରକ ପଟ୍ଟନାୟକ।

## ପରମାନନ୍ଦ ଯୋଗ ନେଚରପାଠି ଆଶ୍ରମର ୨୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ

ବେତନଟୀ, ୨୦/୧ (ନି.ପ୍ର): ବେତନଟୀ ଥାନା ଅଧୀନ ପଣ୍ଡୁଗଡିଆ ଯୋଗ ନେଚରପାତି ଆଶ୍ରମ ରେ ତିନି ଦିନିଆ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ୨୫ ବର୍ଷ ଧରି ପାଳିତ ହୋଇଆସୁଥିବା ବେଳେ ଆଶ୍ରମ ପରିସରରେ ଆଜି ସ୍ଥାନୀୟ ଜନତାଙ୍କ ଉପସ୍ଥିତିରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ କୁ ଯୋଗ ଗୁରୁ ପରମାନନ୍ଦ ମହାନ୍ତ ଙ୍କ ସଂଯୋଜନା ରେ ଅନୁଷ୍ଠିତ ବୈଠକରେ କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଜିଲ୍ଲା ବିଜେପି ଉପସଭାପତି ପ୍ରଦୀପ ପରିଡ଼ା, ସମ୍ମାନୀତ ଅତିଥି ୩୫ ନମ୍ବର ମଣ୍ଡଳ ସଭାପତି ରାଜକିଶୋର ସାହା ପ୍ରମୁଖ ଯୋଗଦାନ କରି ନେଚରପାତି ରୁ କିଭଳି ଲୋକ ମାନେ କି ଭଳି ଆରୋଗ୍ୟ ଲାଭ କରୁଛନ୍ତି ସେହି ବିଷୟରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଆଶ୍ରମ ର ଜୀବନ ବେହେରା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଆଶ୍ରମ ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମଧୁ ମହାନ୍ତ , ଇନ୍ଦୁମତି ମହାନ୍ତ , ମାନସୀ ବେହେରା, ସୁଜାତା ମହାନ୍ତ , ଜୁନୁ ମହାନ୍ତ , ବାସନ୍ତୀ ମହାନ୍ତ , ସାବିତ୍ରୀ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

# ସାଂସଦଙ୍କର ନୁଣିଆଁଯୋଡ଼ି ପୋଲ ମୁକ୍ତିଦ୍ୱାର ନିକଟସ୍ଥ କୁଷ୍ଠ ବସ୍ତି ପରିଦର୍ଶନ

ବାଲେଶ୍ୱର, ୨୦/୧ (ନି.ପ୍ର): ଗତକାଲି ରାତିରେ ପ୍ରଶାସନ ତରଫରୁ ନୁଣିଆଁ ଯୋଡ଼ି ପୋଲ ମୁକ୍ତିଦ୍ୱାର ନିକଟସ୍ଥ କୁଷ୍ଠ ବସ୍ତିକୁ ବୁଲଡୋଜର ଦେଇ ଭାଙ୍ଗି ଦିଆଯିବା ଖବର ପାଇ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉକ୍ତ ବସ୍ତିକୁ ପରିଦର୍ଶନରେ ଯାଇଥିଲେ। ବହୁବର୍ଷ ଆଗରୁ ରାସ୍ତା ପାର୍ଶ୍ୱରେ ସମାଜରୁ ବିଚ୍ୟୁତ ହୋଇଥିବା କୁଷ୍ଠରୋଗାକ୍ରାନ୍ତ ଲୋକେ ଆଶ୍ରୟ ନେଉନେଉ ବଂଶାନୁକ୍ରମେ ୩୨ ପରିବାର ସ୍ଥାୟୀ ବାସିନ୍ଦା ଭାବେ ରହିଆସୁଥିଲେ। ରାସ୍ତାର ପ୍ରଶସ୍ତିକରଣ କାମ ହେଉଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କ ଘରକୁ ବିନା କୌଣସି ଅଗ୍ରୀମ ସୂଚନା ବା ନୋଟିସ ନଦେଇ ଯୋର ଜବରଦସ୍ତି ଭାଙ୍ଗି ଦେଇଛନ୍ତି । ସାଂସଦ କ୍ଷୋଭ ପ୍ରକାଶ କରି କହିଥିଲେ ଯେମିତି ଉନ୍ନୟନ କାମ ବାଧାପ୍ରାପ୍ତ ନହେବା ଦରକାର ସେମିତି ମାନବୀୟ ମୂଲ୍ୟବୋଧ ମଧ ହରାଇବା ଠିକ୍ ନୁହେଁ। ବର୍ତ୍ତମାନର ହାଡ଼ଭଙ୍ଗା ଶୀତରେ ଛୋଟ ଛୋଟ ପିଲାଙ୍କୁ ନେଇ ସେମାନେ କେମିତି ରାତ୍ରିଯାପନ କରିବେ ? ଘର ଭାଙ୍ଗିବା ପୂର୍ବରୁ ପ୍ରଶାସନକୁ ଏଦିଗରେ ଚିନ୍ତା କରିବାର ଥିଲା। ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ତତ୍କାଳ ଭାବେ ସମସ୍ତ ୩୨ ପରିବାରର ସଦସ୍ୟଙ୍କୁ କମ୍ବଳ ବଣ୍ଟନ କରିବା ସହିତ ସେମାନଙ୍କ ସ୍ଥାୟୀ ଥଇଥାନ ପାଇଁ ଜିଲ୍ଲାପାଳମାନଙ୍କ ସହିତ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସଙ୍ଗେସଙ୍ଗେ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରି ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ସମସ୍ତ ଦାବି ଉପସ୍ଥାପନ କରିଲେ, ଯେତେ ପର୍ଯ୍ୟନ୍ତ ସେମାନଙ୍କ ଥଇଥାନ ପାଇଁ ସ୍ଥାୟୀ ବନ୍ଦୋବସ୍ତ ନ'ହେଇଛି ଉଚ୍ଛେଦ କାର୍ଯ୍ୟ ବନ୍ଦ ରଖିବାକୁ ସାଂସଦ ନିର୍ଦ୍ଦେଶ ଦେଇଛନ୍ତି, ଅନ୍ୟଥା ଦୁର୍ବାର ଆନ୍ଦୋଳନ ହେବ ବୋଲି ଚେତାବନୀ ମଧ ଦେଇଛନ୍ତି। ସାଂସଦଙ୍କ ସହିତ ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ମଣ୍ଡଳ ସଭାପତି କ୍ରୀଷ୍ଣା ସାହା, ଏସଟି ମୋର୍ଚ୍ଚା ସଭାପତି ବିପିନ ମାରାଣ୍ଡି, ଉମାକାନ୍ତ ଜେନା, ବିଜୟ ସେଠୀ ପରିଦର୍ଶନରେ ଯାଇଥିଲେ।

# ବସ୍ତା କଂଗ୍ରେସ ପକ୍ଷରୁ ଜୟନାରାୟଣ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି

ବସ୍ତା, ୨୦/୧ (ନି.ପ୍ର): ପୂର୍ବତନ ବିଧାୟକ ତଥା ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟି ର ଦୀର୍ଘ ଦିନ ଧରି ଅତୀତ ର ସଭାପତି ବସ୍ତା ନିର୍ବାଚନ ମଣ୍ଡଳୀ ରେ କଂଗ୍ରେସ ର ଦୁଇ ଦୁଇ ଥର ବିଧାୟକ ପ୍ରାର୍ଥୀ ଜୟନାରାୟଣ ମହାନ୍ତି ଙ୍କ ବିୟୋଗରେ ସମଗ୍ର ଜିଲ୍ଲା ଆଜି ସ୍ତବ୍ଧ ହୋଇଯାଇଥିଲା। ତାଙ୍କ ମରଶରୀର ଭୁବନେଶ୍ୱର ରୁ ଜଳେଶ୍ୱର ଜିବା ରାସ୍ତା ଷୋହଳ ନମ୍ବର ଜାତୀୟ ରାଜପଥ କୁଡ଼ିଆ ପୋଲ ନିକଟରେ ବସ୍ତା ନିର୍ବାଚନ ମଣ୍ଡଳୀ କଂଗ୍ରେସ ପକ୍ଷରୁ ପୁଷ୍ପ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବସ୍ତା ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା ଜିଲ୍ଲା କଂଗ୍ରେସ କମିଟି ର ଉପସଭାପତି ମନୋଜ କୁମାର ମହାନ୍ତି ଜିଲ୍ଲା ସାଧାରଣ ସମ୍ପାଦକ ତଥା ମୁଖ୍ୟ ମୁଖପାତ୍ର ସୁଧାଂଶୁ ଶେଖର ଜେନା ପୂର୍ବତନ ସମିତି ସଭ୍ୟ ରବିନ୍ଦ୍ର ଦାସ କିଶୋର ପାଳ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ମହାଦେବ ଦାସ ବସ୍ତା ନିର୍ବାଚନ ମଣ୍ଡଳୀ ଛାତ୍ର କଂଗ୍ରେସ ସଭାପତି ଅବିନାଶ ନାୟକ ଚୈତନ୍ୟ ଗୋଛୟତ ପ୍ରଭାକର ଗୋଛୟତ ମଦନ ଭକ୍ତା ବସ୍ତା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଦ୍ୟୁତି କୃଷ୍ଣ ଦାସ ମହାପାତ୍ର ଉପସଭାପତି ସେକ କବିରୁଦିନ ଭାଗବତ ପ୍ରଧାନ ରୁନିଆ ପଟ୍ଟନାୟକ ଆୟୁଷ ମହାନ୍ତି ପ୍ରାଣକୃଷ୍ଣ ଆଦେଖ୍ ସାମ୍ବାଦିକ ଶୁଶାନ୍ତ କୁମାର ପ୍ରଧାନ ଉପସ୍ଥିତ ହୋଇ ସ୍ୱର୍ଗତ ମହାନ୍ତି ଙ୍କ ମରଶରୀର ପୁଷ୍ପ ମାଲ୍ୟାର୍ପଣ କରିଥିଲେ ଏହି ସମୟରେ ତାଙ୍କ ବଡପୁଅ ସତ୍ୟକାମ ମହାନ୍ତି ସାନପୁଅ ଦିବ୍ୟକାମ ମହାନ୍ତି ବୁନା ରାଉଳ ଦୀପକ ମୈକାପ ଗୌରୀ ଶଙ୍କର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା

ଭଦ୍ରକ, ୨୦/୧ (ନି.ପ୍ର): ଭଦ୍ରକ ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସୂଚନା ଓ ଲୋକ ସମ୍ପର୍କ ଅନୁଭାଗ ଜରିଆରେ ଶନିବାର ପୂର୍ବାହ୍ନରେ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଦୁଇଟି ବିଭାଗରେ ହୋଇଥିବା ଏହି ପ୍ରତିଯୋଗିତାରେ ସମୁଦାୟ ୫୧ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। କନିଷ୍ଠ ବର୍ଗରେ ସରକାରୀ ହାଇସ୍କୁଲ ଶୁଭସ୍ମିତା ପାଢ଼ୀ ୧ମ, ଏନ୍.ଆର.ଆଇ. ସ୍କୁଲର ସୋନାକ୍ଷୀ ପ୍ରିୟଦର୍ଶିନୀ ୨ୟ, ସେଣ୍ଟ ଜାଭିୟର ସ୍କୁଲର ଆୟୁଷ୍ମାନ୍ ପଣ୍ଡା ୩ୟ, ହୋଇଥିଲା ବେଳେ ବରିଷ୍ଠ ବର୍ଗରେ ମଞ୍ଜୁଳା ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ଶ୍ରୀକ୍ଷେତ୍ର ଦାସ ୧ମ, ଏସ୍.ବି.ଡ଼ି. ଇଣ୍ଟରନ୍ୟାସନାଲ ସ୍କୁଲର ଆସ୍ଥା ନାୟକ ୨ୟ, ଆଦର୍ଶ ବିଦ୍ୟାଳୟ ଓଲଙ୍ଗର ସାଇପ୍ରଭା ବିହାରୀ ୩ୟ ସ୍ଥାନ ନେଇଛନ୍ତି। ଭଦ୍ରକ ଆର୍ଟ କଲେଜର ଅଧକ୍ଷ ମନୋଜ ଭଟ୍ଟାଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଅନ୍ୟ ଦୁଇ ବିଚାରକ ନାରାୟଣ ବେହେରା, ରତିକାନ୍ତ ଦାଶଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯାଇଥିଲା। ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୂଚନା ଲୋକ ସମ୍ପର୍କ ବିଭାଗ କର୍ମଚାରୀ ମୀନାକ୍ଷୀ ଗରାବଡୁ, ସୁରେଶ ଚନ୍ଦ୍ର ତ୍ରିପାଠୀ ଏବଂ ଅନ୍ୟତମ ସହଯୋଗୀ ସରକାରୀ ଓକିଲ ଗୌରହରି ନାୟକ ଓ ସ୍ୱେଚ୍ଛାସେବୀ ରିଆଜ ଅହମ୍ମଦଙ୍କ ଦ୍ୱାରା ଏହି ପ୍ରତିଯୋଗିତା ପରିଚାଳନା କରାଯାଇଥିଲା। ଉକ୍ତ ଦିନ ଅପରାହ୍ନରେ 'ପଲ୍ଲୀଶ୍ରୀ' ଅନୁଷ୍ଠାନର ପୃଷ୍ଠ ପୋଷକତାରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୁଇଟି ଗ୍ରୁପ୍ ମଧ୍ୟରେ ଇଂରାଜୀ ଓ ଓଡ଼ିଆରେ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗୌରହରି ନାୟକ ଏହି ପ୍ରତିଯୋଗିତା ଆୟୋଜନ ଓ ପରିଚାଳନାରେ ମଧ ସହଯୋଗ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଶଶଧର ମହନୀ, ଅଧ୍ୟାପକ ସଂଗ୍ରାମ ମହାନ୍ତି, ଅଧ୍ୟାପକ ଶଶଧର ଦାସ, ଶିକ୍ଷାବିତ ଅମର ପାଣିଗ୍ରାହୀ, ଅବସରପ୍ରାପ୍ତ ବି.ଇ.ଓ ଶମ୍ଭୁନାଥ ପାଣିଗ୍ରାହୀ ପ୍ରମୁଖ ବିଚାରକ ଭାବେ ଏହି ପ୍ରତିଯୋଗିତା ପାଇଁ ମୂଲ୍ୟାଙ୍କନ କରିଥିଲେ ଏଥିରେ ବରିଷ୍ଠ ଓଡ଼ିଆ ପ୍ରଅବନ୍ଧ ବିଭାଗରେ ଆର.ଆର.ହାଇସ୍କୁଲ ଭଦ୍ରକର ଦିବ୍ୟଜ୍ୟୋତି ପ୍ରଧାନ ପ୍ରଥମ, ବି.ଏମ୍. ବାଗୁରାଇ ହାଇସ୍କୁଲର ଅଂଶୁମାନ ସାମଲ ଦ୍ୱିତୀୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଓଲଙ୍ଗର ଦେବାଶିଷ୍ ସାହୁ ତୃତୀୟ, ଓଡ଼ିଆ କନିଷ୍ଠ ବିଭାଗର ଦେଶବନ୍ଧୁ ସରକାରୀ ୟୁ.ପି. ସ୍କୁଲର ପ୍ରିୟଦର୍ଶନୀ ପଣ୍ଡା ପ୍ରଥମ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓଲଙ୍ଗର ଅଭିଜିତ୍ ପାତ୍ର ଦ୍ୱିତୀୟ, ଡି.ଏ.ଭି. ଏସ୍.ଡ଼ି.ପି.ଏସ୍ ପବ୍ଲିକ୍ ସ୍କୁଲର ନାଭ୍ୟାଶ୍ରୀ ପାଲ ତୃତୀୟ। ବରିଷ୍ଠ ପ୍ରବନ୍ଧ ଇଂରାଜୀ ବିଭାଗରେ ସେଣ୍ଟ ଜାଭିୟର ହାଇସ୍କୁଲ ମୁନ୍ ସାମଲ ପ୍ରଥମ, ସେହି ବିଦ୍ୟାଳୟର ନତାସା ପାଣିଗ୍ରାହୀ ଦ୍ୱିତୀୟ ଏବଂ ଯୁଗ୍ମ ତୃତୀୟ ଭାବେ ଏସ୍.ବି.ଡ଼ି. ଇଣ୍ଟର ନ୍ୟାସନାଲ ସ୍କୁଲର ପ୍ରକୃତି ବେହୁରିଆ ଏବଂ ଡି.ଏ.ଭି. ଏସ୍.ଡ଼ି.ପି.ଏସ୍ ପବ୍ଲିକ୍ ସ୍କୁଲର ଅନୁରାଗ ଧଳ ଯୋଗ୍ୟ ବିବେଚିତ ହୋଇଛନ୍ତି। କନିଷ୍ଠ ପ୍ରବନ୍ଧ ଇଂରାଜୀ ବିଭାଗରେ ସନ୍‌ସାଇନ୍ ମିଶନ ସ୍କୁଲର ଉର୍ମି ଦାସ ପ୍ରଥମ, ଏସ୍.ବି.ଡ଼ି. ସ୍କୁଲର ଜ୍ଞାନରଂଜନ ସୁଆର ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଜାଗୃତୀ ବାରିକ୍, ଡ଼ି.ଏ.ଭି.ଡ଼ି.ପି.ଏସ୍‌ର ଭବାନି ଏସ୍. ପାଣି ଏବଂ ସେହି ବିଦ୍ୟାଳୟର କିରଣ ସାହୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ପ୍ରାଣ ପ୍ରତିଷ୍ଠା ଉତ୍ସବ...

ସେ କୁଇନ୍ ହୁ ବଂଶର ଦାୟାଦ । ତେବେ କୁଇନ୍ ହୁଙ୍କ ପ୍ରକୃତ ନାମ ଥିଲା ସୁରିରତ୍ନା । ସୁରିରତ୍ନା ଅଯୋଧ୍ୟାର ରାଜକୁମାରୀ ଥିଲେ । ପରେ ସେ କୋରିଆ ଭ୍ରମଣାରେ ଯାଇଥିଲେ ଓ ସେଠାରେ ରହିଯାଇଥିଲେ । ଏହାସହ ସୁରିରତ୍ନା ସେଠାରେ କରକ ବଂଶ ଆରମ୍ଭ କରିଥିଲେ । ଖାଲି ବିଦେଶୀ ଅତିଥି ନୁହଁନ୍ତି । ଅତିଥି ତାଲିକାରେ ଦେଶର ୫୦୬ ଜଣ ବିଶିଷ୍ଟ ବ୍ୟକ୍ତିଙ୍କ ନାଁ ମଧ୍ୟ ରହିଛି । ଅମିତାଭ ବଚ୍ଚନ, ମୁକେଶ ଅମ୍ବାନୀ, ଆନନ୍ଦ ମହିନ୍ଦ୍ରା ପ୍ରମୁଖଙ୍କ ନାଁ ଏଥିରେ ଅଛି । ଅଭିନେତା, ବ୍ୟବସାୟୀ, ରାଜନେତା ସବୁ ବର୍ଗର ବିଶିଷ୍ଟ ବ୍ୟକ୍ତି ଏହି ତାଲିକାରେ ସାମିଲ ଅଛନ୍ତି । ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଇଁ ଖାଲି ଭାରତର କୋଣ ଅନୁକୋଣରୁ ନୁହେଁ, ବିଦେଶରୁ ବି ଭକ୍ତମାନେ ପହଂଚିବାରେ ଲାଗିଛନ୍ତି । ନେପାଳରୁ ବହୁ ସଂଖ୍ୟକ ଭକ୍ତ ଅଯୋଧ୍ୟାରେ ପହଂଚିଛନ୍ତି। ଏପରି ଐତିହାସିକ ମୁହୂର୍ତରେ ସାମିଲ ହେବାକୁ ସେମାନେ ଲକ୍ଷ୍ୟ ରଖିଛନ୍ତି । ସେହିପରି ଜର୍ମାନୀରୁ ମଧ୍ୟ ଭକ୍ତ ଅଯୋଧ୍ୟାରେ ପହଂଚିଛନ୍ତି । ୨୨ ତାରିଖ ପାଇଁ ଅଯୋଧ୍ୟାରେ ସୁରକ୍ଷା ବ୍ୟବସ୍ଥାକୁ ବିଶେଷ ଭାବେ ଗୁରୁତ୍ୱ ଦେଇଛନ୍ତି ଯୋଗୀ ସରକାର । ସେହିଦିନ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସୂଚନା ରହିଛି।

## ଗଣମାଧ୍ୟମକୁ ପରାମର୍ଶ...

ମନ୍ତ୍ରଣାଳୟ ଏହାର ପରାମର୍ଶରେ କହିଛି ଯେ, ବିଶେଷ କରି ସୋଶାଲ ମିଡିଆରେ କିଛି ଯାଞ୍ଚ ହୋଇନଥିବା, ଉତ୍ତେଜକ ତଥା ବିଭ୍ରାନ୍ତିକର ବାର୍ତ୍ତା ଭାଇରାଲ ହେବାରେ ଲାଗିଛି। ଏହି ବାର୍ତ୍ତାଗୁଡ଼ିକ ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ ଏବଂ ସାଧାରଣ ଶୃଙ୍ଖଳାକୁ ଭଙ୍ଗ କରିପାରେ। ତେଣୁ ଏଥିପ୍ରତି ସମସ୍ତ ଗଣମାଧ୍ୟମ ସଚେତନ ହେବା ଆବଶ୍ୟକ। ଆଉ ଦିନକ ପରେ ଜାନୁୟାରୀ ୨୨ରେ ଅନୁଷ୍ଠିତ ଅଯୋଧ୍ୟା ରାମ ମନ୍ଦିର ପ୍ରତିଷ୍ଠା ସମାରୋହ ହେବ। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବେ।

## ଡ୍ରଗସ୍ କଣ୍ଟ୍ରୋଲରଙ୍କ ଚେତାବନୀ....

ଯୁକ୍ତି ସଂଗତ ବ୍ୟବହାର ହେଉନଥିବାରୁ କେନ୍ଦ୍ର ସରକାର ଏଭଳି ଅପିଲ କରିଛନ୍ତି। ଏହା ସ୍ୱାଗତଯୋଗ୍ୟ। ପ୍ରେସକିପସନ ନ ଦେଖି ଦୋକାନୀ ଔଷଧ ବି ଦେବା କଥା ନୁହେଁ। ଏହା ଉପରେ ନିୟନ୍ତ୍ରଣ ଆସିବା ଦରକାର। ନଚେତ ପଶୁମାନଙ୍କଠାରୁ ମଣିଷକୁ ବ୍ୟାପୁଥିବା କେତେକ ରୋଗ ଆଗକୁ ଆଣ୍ଟିମାଇକ୍ରୋବାୟାଲ ରେଜିଷ୍ଟାନସ ପରି ବଡ଼ ବିପଦ ଆଣିବାକୁ ଯାଉଛି। ଏହାକୁ ପ୍ରତିହତ କରିବାକୁ ଆଣ୍ଟିବାୟୋଟିକସ ବ୍ୟବହାରକୁ ନିୟନ୍ତ୍ରୀତ କରିବା ଉଚିତ। ଯେଉଁଠି ଆବଶ୍ୟକତା ନାହିଁ ଆଣ୍ଟିବାୟୋଟିକ୍ ଦେବା ଉଚିତ ନୁହେଁ। ତା ସହ ଡାକ୍ତରମାନେ ଆଣ୍ଟିବାୟୋଟିକ୍ ଲେଖିବାର କାରଣ ସ୍ପଷ୍ଟ ଭାବେ ଲେଖିବା ଦରକାର ବୋଲି ସେ କହିଛନ୍ତି। ଏପରି କିଛି ଡ୍ରଗ୍ସ ଅଛି, ଯାହାକୁ ବିନା ପ୍ରେସକିପସନ୍‌ରେ ଦିଆଯାଇ ପାରିବ ନାହିଁ ବୋଲି କହିଛନ୍ତି ଡା. ମହାପାତ୍ର। ବିନା କାରଣରେ ଆଣ୍ଟିବାୟୋଟିକ୍ ବ୍ୟବହାର ଉପରେ ରୋକ୍ ଲଗାଇବାକୁ କେନ୍ଦ୍ର ସରକାର କଡ଼ାକଡ଼ି ନିର୍ଦ୍ଦେଶନାମା ଜାରି କରାଯାଇଛି। କେଉଁ କାରଣ ପାଇଁ ଆଣ୍ଟିବାୟୋଟିକ୍ ଲେଖୁଛନ୍ତି, ତାହା ପ୍ରେସକ୍ରିପ୍ସନରେ ଉଲ୍ଲେଖ କରିବାକୁ ଡାକ୍ତରମାନଙ୍କୁ କୁହାଯାଇଛି। ଆଣ୍ଟିବାୟୋଟିକ୍‌ର ଅପବ୍ୟବହାର ନ କରିବାକୁ ନିବେଦନ କରାଯାଇଛି। ଆଣ୍ଟିବାୟୋଟିକ୍ ରେଜିଷ୍ଟାନସ ନେଇ ବିଭିନ୍ନ ମିଡିଆରେ ରିପୋର୍ଟ ପ୍ରକାଶ ପରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଏଭଳି ପଦକ୍ଷେପ ନେଇଛି।

## ବିଜେଡ଼ି ମହିଳା ଭୋଟ୍ ବ୍ୟାଙ୍କ...

କେନ୍ଦ୍ରର ସବୁ ଯୋଜନା ବିଷୟରେ ପ୍ରତି ଏସଏଚଜି ସଦସ୍ୟାଙ୍କୁ ଅବଗତ କରିବେ ଶକ୍ତିସାଥୀ। ଏହା ସହ ଆଗକୁ ପ୍ରତି ପଞ୍ଚାୟତ ବା ଶକ୍ତି କେନ୍ଦ୍ରରେ ହେବ ଶକ୍ତି ବନ୍ଦନ କର୍ମଶାଳା। ରାଜ୍ୟରେ ପ୍ରାୟ ୫୦ ପ୍ରତିଶତରୁ ଅଧିକ ମହିଳା ଭୋଟ ରହିଛି। ମିଶନ ଶକ୍ତି ଜରିଆରେ ୬ ଲକ୍ଷ ୨ ହଜାର ଏସଏଚଜି ଗ୍ରୁପରେ ପ୍ରାୟ ୭୦ ଲକ୍ଷ ମହିଳା ସଦସ୍ୟା ରହିଛନ୍ତି। ଯାହାକି ବିଜେଡିର ପ୍ରମୁଖ ଭୋଟ ବ୍ୟାଙ୍କ ବୋଲି କୁହାଯାଉଛି। ଅନ୍ୟପଟେ ନିକଟରେ ସରିଥିବା ୩ ରାଜ୍ୟ ଛତିଶଗଡ, ମଧ୍ୟପ୍ରଦେଶ ଓ ରାଜସ୍ଥାନ ନିର୍ବାଚନରେ ମହିଳା ଭୋଟ୍ ହିଁ ବିଜେପି ପାଇଁ ଗେମ୍ ଚେଞ୍ଜର ହୋଇଥିଲା। ମଧ୍ୟପ୍ରଦେଶର 'ଲାଡଲି ବେହେନା' ଆଉ ଛତିଶଗଡରେ 'ମହାତ୍ରୀ ବନ୍ଦନ' ପରି ଯୋଜନା ଆଣି ନିଜ ଆଡକୁ ମହିଳା ଭୋଟ୍ ଆଣି ପାରିଥିଲା ବିଜେପି। ସେପଟେ ଓଡ଼ିଶା ଏସଏଚଜି ମଡେଲ ଅପେକ୍ଷା ବିଜେପି ଶାସିତ ରାଜ୍ୟରେ ଏହି ମଡେଲ୍ ଭଲ ବୋଲି କହିଛନ୍ତି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା। ହିମନ୍ତ କହିଛନ୍ତି, ଆସାମରେ ୪୦ ଲକ୍ଷ ଏସଏଚଜି ମହିଳା ଥିବା ବେଳେ ୯ ଲକ୍ଷରୁ ଅଧିକ ମହିଳା ଲକ୍ଷାଧିକ ଟଙ୍କା ଆୟ କରୁଛନ୍ତି। ମହିଳା ସଶକ୍ତୀକରଣ ପାଇଁ ମୋଦି ସରକାରଙ୍କ ଅନେକ ଯୋଜନା ରହିଛି। ଏହାକୁ ଡୋର୍ ଷ୍ଟେପକୁ ନେବାକୁ ପଡିବ। ଅନ୍ୟ ପଟେ ବିଜେଡି କହିଛି ମହିଳାମାନେ ବିଜେଡି ସହ ଅଛନ୍ତି। ପୂର୍ବରୁ ଖାଦ୍ୟ ସୁରକ୍ଷା ଯୋଜନାରେ ଗରିବଙ୍କୁ ବଣ୍ଟା ଯାଉଥିବା ଚାଉଳର ସଂପୂର୍ଣ୍ଣ ଖର୍ଚ୍ଚ ବହନ କରି ନବୀନ ପଟ୍ଟନାୟକଙ୍କଠୁ ଶ୍ରେୟ ଛଡ଼ାଇ ନେଇଛନ୍ତି କେନ୍ଦ୍ରର ମୋଦି ସରକାର। ଏବେ ଦେଖିବାର କଥା ଏସଏଚଜି ମହିଳାମାନଙ୍କୁ ପ୍ରଭାବିତ କରିବାରେ କେତେ ସଫଳ ହେଉଛି ଶକ୍ତିସାଥୀ ଷ୍ଟ୍ରାଟେଜି।

## ସୁରକ୍ଷାକର୍ମୀଙ୍କ ଗୁଳିରେ ...

ସର୍ଚ୍ଚ ଅପରେସନ ଚାଲିଥିବା ବେଳେ ନକ୍ସଲମାନେ ଗୁଳିମାଡ଼ କରିଥିଲେ। ସୁରକ୍ଷାକର୍ମୀଙ୍କ ପକ୍ଷରୁ ମଧ୍ୟ ଏହାର ଦୃଢ଼ ଜବାବ ଦିଆଯାଇଥିଲା। ଦୀର୍ଘ ସମୟ ଧରି ଚାଲିଥିବା ଗୁଳି ବିନିମୟରେ ୩ ଜଣ ନକ୍ସଲ ପ୍ରାଣ ହରାଇଛନ୍ତି। ଘଟଣାସ୍ଥଳରୁ ବିପୁଳ ପରିମାଣର ନକ୍ସଲ ବିସ୍ଫୋରକ ସାମଗ୍ରୀ ସମେତ ବନ୍ଧୁକ ଜବତ କରିଛନ୍ତ ସୁରକ୍ଷା କର୍ମୀ। ବେଲମଗୁଟା ଜଙ୍ଗଲରେ ଏରିଆ କମିଟି କମାଣ୍ଡର (ଉଠଉଗ )ବିନୋଦ କର୍ମା,ଖଡଂଝ ରାଜୁ ପୁନେମ, ଇଉଗ ବିଶ୍ୱନାଥ ଭଳି ଟପ୍ ନକ୍ସଲ ସମେତ ୩୦ରୁ ଅଧିକ ନକ୍ସଲ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ସୁରକ୍ଷା କର୍ମୀଙ୍କ କୁମ୍ବିଂ ପରେ ନକ୍ସଲମାନେ ଛତ୍ରଭଙ୍ଗ ଦେଇଥିଲେ।

## ବନ୍ଦ ହେବ ଅନୁପ୍ରବେଶ...

ଭାରତ ଏବଂ ମିଆଁମାର ମଧ୍ୟରେ ପ୍ରାୟ ୧୬୦୦ କିଲୋମିଟର ଲମ୍ବା ସୀମା ରହିଛି। ମିଆଁମାରର ସୀମା ଭାରତର ଚାରୋଟି ରାଜ୍ୟକୁ ଛୁଇଁଛି। ଏହି ରାଜ୍ୟଗୁଡ଼ିକ ହେଉଛି ମିଜୋରାମ, ମଣିପୁର, ନାଗାଲାଣ୍ଡ ଏବଂ ଅରୁଣାଚଳ ପ୍ରଦେଶ। ଭାରତ-ମିଆଁମାର ସୀମାରେ ରହୁଥିବା ଲୋକଙ୍କ ମଧ୍ୟରେ ପାରିବାରିକ ତଥା ଜାତିଗତ ସମ୍ପର୍କ ହେତୁ ୧୯୭୦ ଦଶକରେ ମାଗଣା ଯାତାୟାତ ବ୍ୟବସ୍ଥା ବା ଏଫଏମଆର ଅଣାଯାଇଥିଲା।

## ହେମନ୍ତ ସୋରେନ୍‌ଙ୍କ...

କରିବ କହି, ପଚରାଉଚରା ସମୟରେ ସମସ୍ତ ବିଧାୟକ ଏବଂ କ୍ୟାବିନେଟ ମନ୍ତ୍ରୀଙ୍କୁ ରାଞ୍ଚିରେ ରହିବାକୁ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଜମି ଦୁର୍ନୀତି ମାମଲା ସହ ଜଡିତ ମନି ଲଣ୍ଡରିଂ ମାମଲାରେ ପଚରାଉଚରା କରିବା ପାଇଁ ଇଡି ସାତ ଥର ହେମନ୍ତ ସୋରେନଙ୍କୁ ସମନ କରିସାରିଛି। କିନ୍ତୁ ସେ ଥରଟିଏ ବି ଇଡିରେ ହାଜର ହୋଇ ନାହାନ୍ତି। ସୋରେନ୍ ଜାନୁଆରୀ ୨ରେ ତାଙ୍କୁ ସମନ ପଠାଇବାର କାରଣ ପଚାରିବା ସହ ଇଡି ଉପରେ ପ୍ରଶ୍ନ ଉଠାଇଥିଲେ। ରାଜନୈତିକ ଉଦ୍ଦେଶ୍ୟରେ ତାଙ୍କୁ ଏହି ସମନ ପଠାଯାଉଛି। ସମନ ପାଇଁ ତାଙ୍କୁ ବାରମ୍ବାର ମିଡିଆ ଟ୍ରାଏଲର ସାମ୍ନା କରିବାକୁ ପଡୁଛି। ଏଭଳି କରି ତାଙ୍କ ଭାବମୂର୍ତ୍ତି ଖରାପ କରିବାକୁ ଚେଷ୍ଟା କରାଯାଉଛି ବୋଲି ସୋରେନ ଇଡିକୁ ଚିଠି ଲେଖି କହିଥିଲେ। ଏହାପରେ ଇଡି ଜାନୁଆରୀ ୧୩ ତାରିଖରେ ହେମନ୍ତ ସୋରେନ୍‌ଙ୍କୁ ଏକ ଚିଠି ଲେଖିଥିଲା। ଜାନୁଆରୀ ୧୬ରୁ ୨୦ ଭିତରେ ତାଙ୍କୁ ଜେରା କରିବା ପାଇଁ ଇଡି ତାଙ୍କୁ ଅନୁରୋଧ କରିଥିଲା। ଏଥିପାଇଁ ସଠିକ୍ ସ୍ଥାନ ନିର୍ଦ୍ଧାରିତ କରିବାକୁ ଇଡି ହେମନ୍ତ ଚିଠି ଲେଖି ପଚାରିଥିଲା। ଏହାର ଜବାବରେ ସୋରେନ୍ ଇଡିଙ୍କୁ ତାଙ୍କ ବାସଭବନରେ ଜାନୁଆରୀ ୨୦ରେ ବୟାନ ରେକର୍ଡ କରିପାରିବ ବୋଲି କହିଥିଲେ।

## ଚିର ନିଦ୍ରାରେ ଜୟ ...

ଭୁବନେଶ୍ୱର ରୁ ଶବ ଶୋଭା ଯାତ୍ରା ବାହାରି ଭଦ୍ରକ ,ବାଲେଶ୍ୱର ,ଜଳେଶ୍ୱର ପାରି ଆଜି ସନ୍ଧ୍ୟାରେ ବାଲିଆପାଳ ରେ ପହଞ୍ଚି ଥିଲା ।ସୁବର୍ଣ୍ଣରେଖା ସେତୁ ଠାରୁ ଏକ ଶୋଭାଯାତ୍ରାରେ ଜୟ ନାରାୟଣ ଙ୍କୁ ଅଣାଯାଇ ଥିଲା ।ଶହ ଶହ ଜୟ ନାରାୟଣ ପ୍ରେମୀ ଓ ସାଧାରଣ ଜନତା ଭିନ୍ନ ଭିନ୍ନ ସ୍ଥାନରେ ଅଶ୍ରୁଳ ଭାବ ପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।ଜୟ ନାରାୟଣଙ୍କ ବିୟୋଗରେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ,ବିଧାୟକ ନିତ୍ୟାନନ୍ଦ ସାହୁ , ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ,ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର କୁମାର ଜେନା ,ଜିଲ୍ଲା ପରିଷଦ ସଭ୍ୟ ନିଶା କର ସେଠୀ ,ବେଣୁଧର ଜେନା , ଦେବ କୁମାର ଦେ ,ବିଜେପି ନେତା ଶ୍ୟାମା ପ୍ରସାଦ ବେହେରା ,ଅରବିନ୍ଦ ବେହେରା ,ବିକାଶ ଚନ୍ଦ୍ର ଗିରି , ପୂର୍ବତନ ବ୍ଲକ ଅଧକ୍ଷ ଶଶଧର ପ୍ରଧାନ , ବିଜନ କୁମାର ନାୟକ , ସୁରେଶ ଚନ୍ଦ୍ର ସେନାପତି ,ବ୍ଲକ ଅଧକ୍ଷା ରଞ୍ଜିତା ନାୟକ ଉପାଧକ୍ଷ ରାଜେଶ ଚୌଧୁରୀ , ଜଗନ୍ନାଥ ବିଶ୍ୱାଳ , ବ୍ରଜ କିଶୋର ଭୂୟାଁ , ମଧୁସୂଦନ ସାହୁ , ଶିକ୍ଷକ ନେତା ନାରାୟଣ ପ୍ରସାଦ ସାହୁ , ଅଧ୍ୟାପକ ଡ଼ଃ ସୁକାନ୍ତ ଗିରି ,ବରିଷ୍ଠ ସାମ୍ବାଦିକ ଅଜୟ କୁମାର ସାହୁ ,ରବି ରଞ୍ଜନ ତ୍ରିପାଠୀ , ଇଂ ସୁଶାନ୍ତ କୁମାର ଚକ୍ରବର୍ତ୍ତୀ ,ମୁରଲୀ ମୋହନ ସାହୁ , ମଧୁସୂଦନ ବାରିକ ,ଅଜୟ ସାମଲ, ସନ୍ୟାସୀ ବେହେରା ,ମନୁ ରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଗଭୀର ଭାବରେ ଶୋକ ପ୍ରକାଶ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଗଜପତି

ଭୁବନେଶ୍ୱର, ୨୦/୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ। ପୁରୀ ପରିକ୍ରମା ପ୍ରକଳ୍ପ ଲୋକାର୍ପିତ ହେବାର ୨ ଦିନ ପରେ ଗଜପତିନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଛନ୍ତି। ଏହାସହ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଧନ୍ୟବାଦ ଜଣାଇଛନ୍ତି ଗଜପତି। ଏହି ଅବସରରେ ୫ ଟି ଅଧ୍ୟକ୍ଷ ଭି କେ ପାଣ୍ଡିଆନ ଉପସ୍ଥିତ ଥିଲେ।

ରବିବାର, ଜାନୁଆରୀ ୨୧, ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ବେତନଟୀ ଏମପିସି ହାଇସ୍କୁଲରେ ଭାଷା ସାହିତ୍ୟ ସୃଜନଶୀଳତା ଉତ୍ସବ

ବେତନଟୀ, ୨୦/୧ (ନି.ପ୍ର): ବେତନଟୀ ଏମପିସି ଉଚ୍ଚ ବିଦ୍ୟାଳୟ ରେ ଶୁକ୍ରବାର ଦିନ ଭାଷା ସାହିତ୍ୟ ସୃଜନଶୀଳତା ଉତ୍ସବ ୨୦୨୩-୨୪ ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥି ନେଇ ଏକ ସ୍ୱତନ୍ତ୍ର ବୈଠକ ରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଅର୍ଜୁନ ସିଂ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଏହି ଉଚ୍ଚ ବିଦ୍ୟାଳୟ ର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ମହେଶ୍ୱର ପଣ୍ଡା, ମୁଖ୍ୟ ବକ୍ତା ଭାବରେ ଏହି ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ରଘୁନାଥ ପାଢ଼ୀ, ସମ୍ମାନିତ ଅତିଥି ଭାବରେ ପୂର୍ବତନ ଶିକ୍ଷକ ଗଦାଧର ପରିଡା , ପୂର୍ବତନ ଶିକ୍ଷକ ରବୀନ୍ଦ୍ର ବେହେରା, ପୂର୍ବତନ ଉପ ସଭାପତି ଜୟନ୍ତ ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତପନ ପରିଡା ଯୋଗଦାନ କରି ଏହି ଭାଷା ସାହିତ୍ୟ ଉପରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ଭାଷା ସାହିତ୍ୟ ସୃଜନଶୀଳତା ପ୍ରକଳ୍ପ ର ପରିଦର୍ଶନ କରାଯାଇଥିଲା। ଏହି ଅବସରରେ ପିଲା ମାନଙ୍କ ଦ୍ୱାରା ସଂଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ର କୃତି ଛାତ୍ରୀ ଛାତ୍ର ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ର ଶିକ୍ଷୟତ୍ରୀ ଶିକ୍ଷାକ ନିରଜୋ ମହାନ୍ତ , ଅଜୟ ବାରିକ, ପ୍ରକାଶ କୁମାର ଗିରି, କାପୁରା ସରେନ, ଗାୟତ୍ରୀ ରାଉତ, ଯାଗ୍ୟସେନୀ ବେହେରା, ସଭାମୟୀ ସ୍ୱାଇଁ, ଇତିଶ୍ରୀ ମନ୍ତ୍ରୀ, ସ୍ମୃତ ବେହେରା, ହେମନ୍ତ ମହାନ୍ତ , ହୃଷିକେଶ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।



## ନୀଳଗିରିରେ ଦୁଇଦିବସୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ



ନୀଳଗିରି , ୨୦/୧ (ନି.ପ୍ର): ନୀଳଗିରି ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଠାରେ ନୀଳଗିରି ବ୍ୟାଡମିଣ୍ଟନ ସଂଘ ତରଫରୁ ଦ୍ୱିତୀୟ ବର୍ଷ ଉପଲକ୍ଷେ ଦୁଇ ଦିବସୀୟ ଦିବାରାତ୍ର ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ନୀଳଗିରି ଏନଏସି ର ଯୁବ ସମାଜସେବୀ ତଥା ନୀଳଗିରି ଏସସି ସେଲ ଅଧକ୍ଷ ଶରତ ଦାସ ଉପସ୍ଥିତ ଥିଲେ। ଅନ୍ୟ ସମ୍ମାନୀତ ଅତିଥି ଭାବରେ ନୀଳଗିରି ବ୍ଲକ୍ ବିଜେଡ଼ି ସଭାପତି ବିଜୟ କୁମାର ଲେଙ୍କା, ବରିଷ୍ଠ ସାମ୍ବାଦିକ ଜଗନ୍ନାଥ ପାତ୍ର, ପ୍ରଶାନ୍ତ ବିଶ୍ୱାଳ, ଯୁବ ସମାଜ ସେବୀ ଉଦୟ ଜ୍ୟୋତି ମହାନ୍ତି, ରମେଶ ବାଗ, ଧରଣୀଧର ମହାପାତ୍ର ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ଟୁର୍ଣ୍ଣାମେଣ୍ଟରେ ନୀଳଗିରି, ବାହାନଗା, ଗୋପାଳପୁର ବ୍ଲକର ବିଭିନ୍ନ ପଞ୍ଚାୟତର ୩୨ଗୋଟି ଟିମ୍‌କୁ ନେଇ ପ୍ରତିଯୋଗିତା କରାଯାଉଥିବା ବେଳେ ମୁଖ୍ୟତଃ ଗ୍ରାମାଞ୍ଚଳ ମାନଙ୍କରେ ଯୁବ ପ୍ରତିଭା ମାନଙ୍କୁ ଚିହ୍ନଟ କରି ଜିଲ୍ଲା, ରାଜ୍ୟ ତଥା ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିବାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସଂଘର ସଭାପତି ରୂପକ ମହାନ୍ତି ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତାକୁ ସଂଘର ସଭାପତି ରୂପକ ମହାନ୍ତି ସମେତ ଚୟନ ଦାସ, ରସାନନ୍ଦ ମହାନ୍ତି, ମାନସ ବେହେରା, ଜୀବନ ଦାସ, ଉମାଶଙ୍କର ନନ୍ଦ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ନୂଆ ଓ ଜଗନ୍ନାଥ ସଂସ୍କୃତି ସମ୍ବନ୍ଧୀୟ ପ୍ରତିଯୋଗିତା

ବାସୁଦେବପୁର, ୨୦/୧ (ନି.ପ୍ର): ବେତଡା ଉତ୍କଳ ମଣି ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ନୂଆ ଓ ଜଗନ୍ନାଥ ସଂସ୍କୃତି ସମ୍ବନ୍ଧୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମ ରେ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଚିତ୍ତ ରଂଜନ ପଣ୍ଡା ସଭାପତିତ୍ୱ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ବିଚାରକ ଥିଲେ ଅଧ୍ୟାପିକା ସସ୍ମିତା ଦାସ, ଅଧ୍ୟାପିକା କାନ୍ତା ରାଣୀ ଦାସ, ଅଧ୍ୟାପକ ବ୍ରଜ ମୋହନ ଦାସ । ନୋଡାଲ ଅଫିସର ବରିଷ୍ଠ ଓଡ଼ିଆ ଅଧ୍ୟାପକ ବେଣୁଧର ପରିଡ଼ା ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ ଓ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଭକ୍ତି ଗୀତ, ଭଜନ, କବିତା ପଠନ, ଖାଦ୍ୟ ପ୍ରସ୍ତୁତି, କୁଇଜ୍, ବ୍ୟାକରଣ ଗତ ଦକ୍ଷତା, ଲୋକନୃତ୍ୟ, ଜଗନ୍ନାଥ ସମ୍ପର୍କରେ ବକ୍ତୃତା ପ୍ରଭୃତି କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା ।




ଚିତ୍ର: ୰ ପଦ୍ମାବତୀ ପଣ୍ଡାଙ୍କ ଏକାଦଶାହ ଶ୍ରାଦ୍ଧ ଅବସରରେ ମଂଚାସୀନ ଅତିଥିବୃନ୍ଦ

## ଡେରାବିଶ ମହାବିଦ୍ୟାଳୟରେ ବ୍ଲକସ୍ତରୀୟ 'ନୂଆ - ଓ' ସାଂସ୍କୃତିକ କାର୍ଯ୍ୟକ୍ରମ

ଡେରାବିଶ, ୨୦/୧ (ନି.ପ୍ର): ଡେରାବିଶ ବ୍ଲକସ୍ଥ ଡେରାବିଶ ମହାବିଦ୍ୟାଳୟରେ ଏକ ବ୍ଲକ ସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରାଧ୍ୟାପକ ଅଶ୍ୱିନୀ କୁମାର ପୃଷ୍ଟିଙ୍କ ପୌରୋହିତ୍ୟରେ ଡେରାବିଶ ପଞ୍ଚାୟତ ସମିତିର କାର୍ଯ୍ୟନିବାହୀ ଅଧିକାରୀ ଶ୍ରୀଯୁକ୍ତ ଦାଶରଥୀ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ପାଇଁ ରାଜ୍ୟ ସରକାର 'ନୂଆ-ଓ' ମାଧ୍ୟମରେ କ୍ରୀଡା , ସାଂସ୍କୃତିକ ଓ ସମାଜ ସେବା ଆଦି କ୍ଷେତ୍ରରେ ବହୁ ପ୍ରକାର କାର୍ଯ୍ୟକ୍ରମର ଆୟୋଜନ କରୁଅଛନ୍ତି ବୋଲି ମତ ପ୍ରକାଶ କରିଥିଲେ । ଆଜି ଏସବୁ କ୍ଷେତ୍ରରେ ଛାତ୍ରଛାତ୍ରୀମାନେ କିପରି ଆଗକୁ ଯାଇ ଏକ ସଶକ୍ତ ଓଡିଶା ଗଠନରେ ନିଜକୁ ସାମିଲ କରିପାରିବେ ସେଥିପାଇଁ ଓଡିଶା ସରକାର ସମସ୍ତ ପ୍ରକାର ଭିତ୍ତିଭୂମି ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ତାଙ୍କ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଶାନ୍ତନୁ କୁମାର ମାଟି , ବିକ୍ରମ କୁମାର ମହାନ୍ତି ଓ ଅଧ୍ୟାପକ ଧନେଶ୍ୱର ନାୟକ ପ୍ରମୂଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଅଧ୍ୟାପକ ବୃନ୍ଦାବନ ଦାସ ଅତିଥି ପରିଚୟ ଦେଇଥିବା ବେଳେ ସଭା ଶେଷରେ ଅଧ୍ୟାପକ ବିଶ୍ୱଜିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସଭା ପରେ ପରେ ଡେରାବିଶ ବ୍ଲକ ଅଧିନସ୍ଥ ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଶତାଧିକ ଛାତ୍ରଛାତ୍ରୀମାନେ ସଂଗୀତ , ନୃତ୍ୟ , ଏକକ ଅଭନୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ଗୁରୁଚରଣ ସେଠୀ , ସଂଜୟ କୁମାର ମିଶ୍ର , ଡ. ସନ୍ଦୀପ ବଳ , ଡ. କିଶୋର ଚନ୍ଦ୍ର ମଲ୍ଲିକ , ଜ୍ୟୋତିର୍ମୟ ବ୍ରହ୍ମା , ଡ. ଶଶିକାନ୍ତ ମଲ୍ଲିକା ଓ କର୍ମଚାରୀ ବିଧୁଭୂଷଣ ପଟ୍ଟନାୟକ ଏବଂ ଶରତ କୁମାର ସାମଲ ସହଯୋଗ କରିଥିଲେ ।






## କମଳା କିଶୋରୀ ରାଉତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଓଡ଼ିଶା ଭାଷା ସମ୍ମିଳନୀ



ଭଦ୍ରକ, ୨୦/୧ (ନି.ପ୍ର): କୁସୁନନଗର, ବରପଦାସ୍ଥ କମଳା କିଶୋରୀ ରାଉତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ କ୍ରମେ ଓଡିଆ ଭଜନ ଏବଂ ଆମ ସଂସ୍କୃତି ଓ ଜଗନ୍ନାଥ ଚେତନା ଉପରେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ରାଜେନ୍ଦ୍ର ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ବିଚାରକ ଭାବରେ ପଣ୍ଡିତ ଦେବେନ୍ଦ୍ର କୁମାର ପଣ୍ଡା, ବିଚାରକ ଭାବରେ ଅବସର ପ୍ରାପ୍ତ ଶିକ୍ଷକ ସୀତାକାନ୍ତ ବେହେରା ପ୍ରମୁଖ ଯୋଗଦେଇ ଓଡିଆ ଭଜନ ସମ୍ପର୍କରେ ଉପାଦେୟ ବକ୍ତବ୍ୟ ରଖିଥିଲେ। ଜଗନ୍ନାଥ ଚେତନା ଓ ଆମ ସଂସ୍କୃତି ଉପରେ ସାର ଗର୍ଭକ ଆଲୋଚନା କରିଥିଲେ ପଣ୍ଡିତ ଚିତ୍ତରଞ୍ଜନ ନାୟକ ଓ ତତ୍ତ୍ୱଦର୍ଶୀ ପଣ୍ଡିତ ଦେବେନ୍ଦ୍ର କୁମାର ପଣ୍ଡା। ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଘନଶ୍ୟାମ ସାହୁ, ରମେଶ ଚନ୍ଦ୍ର ଖୁଣ୍ଟିଆ, ଅଧ୍ୟାପିକା ପ୍ରତିଜ୍ଞା ପଣ୍ଡା, ରମେଶ ଚନ୍ଦ୍ର ନାୟକ ଓ କର୍ମଚାରୀ ଭରତ ଚନ୍ଦ୍ର ଯେନା, ସବିତା ଘଡେଇ ପ୍ରମୁଖ। କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ 'ନୂଆ-ଓ'ର ନୋଡ଼ାଲ ଅଫିସର ଅଧ୍ୟାପକ ଅଶ୍ୱିନୀ କୁମାର ପୁହାଣ।

## ଆଗାମୀ ତିନି ଦିନ ପଡ଼ିବ ଘନ କୁହୁଡ଼ି: ୨୬ ଯାଏଁ ଅଛି ବର୍ଷା

ଭୁବନେଶ୍ୱର, ୨୦/୧ (ନି.ପ୍ର): ଆଗାମୀ ତିନି ଦିନ ରାଜ୍ୟର କିଛି ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ଘନ କୁହୁଡ଼ି ପଡ଼ିବାର ସମ୍ଭାବନା ରହିଛି। ସେଥିପାଇଁ ସଂପୃକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଆଗାମୀ ୬ ଦିନ ଯାଏ ଅର୍ଥାତ୍ ୨୬ ତାରିଖ ପର୍ଯ୍ୟନ୍ତ ରାଜ୍ୟର କିଛି ସ୍ଥାନରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଭୁବନେଶ୍ୱର ପାଣିପାଗ କେନ୍ଦ୍ରର ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ କହିଛନ୍ତି, ବର୍ତ୍ତମାନ ଯେଉଁ ଗୁରୁଚାପ ବଳୟଟି ରହିଛି, ତା' ପ୍ରଭାବରେ ରାଜ୍ୟରେ ଜଳୀୟବାଷ୍ପ ପୂର୍ଣ୍ଣ ଉଷ୍ମ ବାୟୁ ପ୍ରବାହିତ ହେଉଛି। ଏହାକୁ ଦୃଷ୍ଟିରେ ରଖି ଆଗାମୀ ୬ ଦିନ ଯାଏ ରାଜ୍ୟର କିଛି ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ହାଲୁକା ବର୍ଷା ହେବାର ସମ୍ଭାବନା ଥିବା ପୂର୍ବାନୁମାନ କରାଯାଇଛି।

## ଋଣ ମେଳା'ରେ ସମ୍ବଲପୁର, ଦେବଗଡ଼, ଢେଙ୍କାନାଳ ଓ ଅନୁଗୋଳର ଲାଭାର୍ଥୀଙ୍କୁ ଋଣ ପ୍ରଦାନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ




ଭୁବନେଶ୍ୱର/ସମ୍ବଲପୁର/ଢେଙ୍କାନାଳ, ୨୦/୧ (ନି.ପ୍ର): ସମ୍ବଲପୁର ଏବଂ ଢେଙ୍କାନାଳରେ ଭାରତ ସରକାରଙ୍କ ତରଫରୁ ଶନିବାର ଅନୁଷ୍ଠିତ ପୃଥକ ପୃଥକ 'ଋଣ ମେଳା' ତଥା 'କ୍ରେଡିଟ୍ ଆଉଟରିଚ୍' କାର୍ଯ୍ୟକ୍ରମରେ ଓଡ଼ିଶାର ୪ଟି ଜିଲ୍ଲା ସମ୍ବଲପୁର, ଦେବଗଡ଼, ଢେଙ୍କାନାଳ ଓ ଅନୁଗୋଳର ୨ ଲକ୍ଷ ୬୬ ହଜାର ୧୮୬ ଲାଭାର୍ଥୀଙ୍କୁ ୪ ହଜାର ୮୨୬ କୋଟି ତଥା ପ୍ରାୟ ୫ ହଜାର କୋଟି ଟଙ୍କାର ଋଣ ସହାୟତା ପ୍ରଦାନ କରାଯାଇଛି । କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଅର୍ଥ ରାଷ୍ଟ୍ର ମନ୍ତ୍ରୀ ପଙ୍କଜ ଚୌଧୁରୀ ହିତାଧିକାରୀ ମାନଙ୍କୁ ଏହି ଋଣ ପ୍ରଦାନ କରିଛନ୍ତି । ମୋଦି ସରକାରଙ୍କ କଲ୍ୟାଣକାରୀ ଯୋଜନାର ଲାଭାର୍ଥୀ ମାନଙ୍କୁ ସ୍ୱଚ୍ଛ ସୁଧରେ ଋଣ ପ୍ରଦାନ କରିବା ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଶ୍ରୀରାମ ବାନରସେନା ମାଧ୍ୟମରେ ଅଧର୍ମ ବିରୁଦ୍ଧରେ ଧର୍ମର ବିଜୟ ପାଇଁ ରାମସେତୁ ନିର୍ମାଣ କରାଇଥିଲେ । ସେହିପରି ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶରେ ଦାରିଦ୍ର୍ୟକୁ ହ୍ରାସ କରି ଲୋକ ମାନଙ୍କୁ ଆତ୍ମନିର୍ଭର କରିବା ସହ ସେମାନଙ୍କୁ ସ୍ୱାଭିମାନୀ କରିବା ପାଇଁ ବଜ୍ର ପ୍ରତିଜ୍ଞା କରିଛନ୍ତି । ଆଜି ଋଣ ମେଳା ତାହାର ଏକ ପ୍ରତିଫଳନ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସମ୍ବଲପୁର ଓ ଦେବଗଡ଼ ଜିଲ୍ଲାର ୭୦ ହଜାର ୬୮୯ ଜଣ ହିତାଧିକାରୀଙ୍କୁ ୨୨୮୯ କୋଟି ଟଙ୍କାର ଋଣ ସହାୟତା ପ୍ରଦାନ କରାଯାଇଛି । ଅନୁରୂପ ଭାବରେ ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାର ୧ ଲକ୍ଷ ୯୫ ହଜାର ୪୯୭ ଜଣ ଲାଭାର୍ଥୀଙ୍କୁ ୨୫୩୭ କୋଟି ଟଙ୍କାର ଋଣ ସହାୟତା ପ୍ରଦାନ କରାଯାଇଛି । କ୍ଷୁଦ୍ର ବ୍ୟବସାୟୀ, ମୁଦ୍ରା, ଷ୍ଟାଣ୍ଡ ଅପ୍ ଇଣ୍ଡିଆ, ପିଏମ ସ୍ୱନିଧି, ଏମଏସଏମଇ ଋଣ, କିଷାନ କ୍ରେଡିଟ୍ କାର୍ଡ, ଫସଲ, ମତ୍ସ୍ୟ ଚାଷ ଓ ଏସଏଚଜି ଭଳି ଯୋଜନା ପାଇଁ ହିତାଧିକାରୀଙ୍କୁ ଋଣ ସହାୟତା ଦିଆଯାଇଛି । ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ, ଅର୍ଥ ରାଷ୍ଟ୍ର ମନ୍ତ୍ରୀ ଏବଂ ବ୍ୟାଙ୍କ୍ ସମୂହକୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି । କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି ଯେ ପୂର୍ବରୁ ଓଡ଼ିଶାରେ ଋଣ ସହାୟତା ୬୭ ହଜାର କୋଟି ଟଙ୍କା ଥିବା ବେଳେ ମୋଦି ସରକାରରେ ଏହା ତିନି ଗୁଣା ବୃଦ୍ଧି ପାଇ ୨ ଲକ୍ଷ ୧୪ କୋଟି ଟଙ୍କାରେ ପହଞ୍ଚିଛି ।

## ୨୯ରେ ଓଡ଼ିଶା ଆସିବେ ମଲ୍ଲିକାର୍ଜୁନ ଖଡଗେ

ଭୁବନେଶ୍ୱର, ୨୦/୧ (ନି.ପ୍ର): ଆସନ୍ତା ଜାନୁଆରୀ ୨୯ ତାରିଖରେ ଓଡ଼ିଶା ଆସିବେ ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡଗେ। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ସଙ୍ଗଠନକୁ ମଜବୁତ କରିବାକୁ ଦଳୀୟ କର୍ମୀଙ୍କୁ ଖଡ଼ଗେ ମନ୍ତ୍ର ଦେବେ । ଏନେଇ ରାଜ୍ୟ କଂଗ୍ରେସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି । ୨୯ ତାରିଖରେ ଏକ ଜନସଭାକୁ ସମ୍ବୋଧିତ କରିବେ ଖଡଗେ। କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଏହି ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଓଡିଶାର ବୁଥ୍ କମିଟି, ଜିଲ୍ଲା ସଭାପତି, ବ୍ଲକ୍ ସଭାପତିଙ୍କ ସହ ୫୦ ହଜାର ଲୋକ ଉପସ୍ଥିତ ରହିବେ। ଏହି କାର୍ଯ୍ୟକ୍ରମରେ ବିଜେଡି ଓ ବିଜେପିର ଦୁର୍ନୀତି, ନିର୍ବାଚନ ସମୟରେ ଅର୍ଥ ଓ ବାହୁବଳର ପ୍ରତିହତ ପାଇଁ ନେତା ଓ କର୍ମୀଙ୍କୁ ଉପଦେଶ ଦେବେ ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡଗେ ।

## ଉଦଳାରେ 'ଇନରହୁଇଲ'ର ପ୍ରତିଷ୍ଠା ଦିବସ ପାଳିତ

ଉଦଳା , ୨୦/୧ (ନି.ପ୍ର): କେବଳ ମହିଳା ମାନଙ୍କୁ ନେଇ ଆଜକୁ ୬ ବର୍ଷ ପୁର୍ବେ ଉଦଳାରେ ଗଢ଼ିଉଠିଥିବା 'ଇନରହୁଇଲ' କ୍ଲବର ଏକ ଶହ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ କ୍ଲବର ସମସ୍ତ ସଦସ୍ୟା ସ୍ଥାନୀୟ କାର୍ଯ୍ୟାଳୟ ପରିସରରେ ଏକତ୍ରିତ ହୋଇ ପ୍ରତିଷ୍ଠାତା ମାର୍ଗାରେଟ ଓଲିଭର ଗୋଲଡ଼ିଂଙ୍କ ଫୋଟ ଚିତ୍ରରେ ପୁଷ୍ପ, ଧୂପ ଅର୍ପଣ ପୂର୍ବକ ବେଦମନ୍ତ୍ର ଉଚ୍ଚାରଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । କ୍ଲବର ସଭାପତି ଜୟନ୍ତି ପଟ୍ଟନାୟକ ଆଜକୁ ୧୦୦ ବର୍ଷ ତଳେ ୧୯୨୪ ମସିହାରେ ଇଂଲଣ୍ଡରେ ଏହି କ୍ଲବର କିପରି ଜନ୍ମଗ୍ରହଣ କରିଥିଲା ଓ ଇତିମଧ୍ୟରେ ସମଗ୍ର ପୃଥିବୀର ୧୦୨ ଗୋଟି ଦେଶରେ ତାର ଶାଖା ଖୋଲିବାରେ ସକ୍ଷମ ହେବା ସହିତ ପ୍ରାୟ ୧ଲକ୍ଷ ୨୫ ହଜାର ମହିଳା ଏହାର ସଦସ୍ୟା ଅଛନ୍ତି ବୋଲି ବ୍ୟକ୍ତ କରିଥିଲେ । ଏହାପରେ ସମ୍ପାଦିକା ମମତା ସାହୁ ବିଗତ ୬ ବର୍ଷ ମଧ୍ୟରେ ଉଦଳାରେ ଗଢ଼ି ଉଠିଥିବା ଇନରହୁଇଲ କ୍ଲବ ରକ୍ତଦାନ ଓ ଅଙ୍ଗଦାନର ସଚେତନତା ବାର୍ତ୍ତା ବାଂଟିବା ସହିତ ଛତୁ ଚାଷ, ବସ୍ତ୍ର ସଂଗ୍ରହ ଓ ବିତରଣ, ନିୟମିତ ଯୋଗାଭ୍ୟାସ ଇତ୍ୟାଦି କାର୍ଯ୍ୟକ୍ରମ ହାତକୁ ନେଇ କିପରି ସବୁଠି ପ୍ରସଂସାର ପାତ୍ର ହୋଇ ପାରିଛି ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ମମତା ମହାନ୍ତି ଆଗାମି ଦିନର କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିବା ପରେ ସାମୂହିକ କେକ କଟାଯାଇଥିଲା । ରାଜଲକ୍ଷ୍ମୀ ଦାସ ରୋଟାରି କ୍ଲବର ସମସ୍ତ କାର୍ଯକ୍ରମରେ ଇନରହୁଇଲ କିପରି ସହଯୋଗର ହାତ ବଢ଼ାଇଥାଏ ବ୍ୟକ୍ତ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଉର୍ମିଳା ମହାନ୍ତି, ସୁଜାତା ବିଶ୍ୱାଳ, ପୁଷ୍ପଲତା ପଣ୍ଡା, ଗୀତାଶ୍ରୀ ରାୟ ପ୍ରମୁଖ ସହଯୋଗ କରିଥିଲେ ।



## ଜାମୁଡ଼ିହାରେ ପକ୍ଷୀ ମଡକ: ଭୟରେ ଗ୍ରାମବାସୀ

ନୀଳଗିରି , ୨୦/୧ (ନି.ପ୍ର): ନୀଳଗିରି ବ୍ଲକ୍ ଜାମୁଡିହା ପଞ୍ଚାୟତ ସହରସାହି ଗ୍ରାମରେ ହଠାତ୍ ଗୋଟିଏ ଶିମୁଳି ଗଛରେ ବସିଥିବା ପକ୍ଷୀ ଗୁଡିକ ମରି ତଳେ ପଡୁଛନ୍ତି। ଏ ଦୃଶ୍ୟ ଦେଖିବାକୁ ପାଇଥିଲେ ଉକ୍ତ ଗ୍ରାମର ଅନନ୍ତ ମହାପାତ୍ର। ଖବର ପାଇ ଆଖପାଖ ଗ୍ରାମର ବହୁ ଲୋକ ଦେଖିବାକୁ ଆସିଥିଲେ। ହଠାତ୍ ଏତେ ସଂଖ୍ୟକ ପକ୍ଷୀ ମରି ପଡୁଥିବା ଦେଖି ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ତେବେ ପରିବେଶବିତ ମାନେ ପାଣିପାଗରେ ଅନିୟମିତା ଏବଂ ଦୀର୍ଘ ଦିନ ଧରି କୋହଲା ପାଗ ରହିଥିବାରୁ ପକ୍ଷୀ ଗୁଡିକ କୌଣସି ରୋଗରେ ଆକ୍ରାନ୍ତ ହୋଇ ପ୍ରାଣତ୍ୟାଗ କରିଥିବା କହିଛନ୍ତି। ତେବେ ବନବିଭାଗ ଓ ପ୍ରାଣୀ ଚିକିତ୍ସକ ମାନେ ତତ୍ପରତା ସହ ଘଟଣାର ଅନୁସନ୍ଧାନ ପୂର୍ବକ ସମାଧାନ କଲେ ଏଭଳି ଦୁର୍ଲଭ ପକ୍ଷୀ ଗୁଡ଼ିକ ବଞ୍ଚିଯାଇ ପାରନ୍ତେ ବୋଲି ମତବ୍ୟକ୍ତ କରିଛନ୍ତି।

## ପ୍ରତାପପୁରରେ କିଶୋରୀ ମେଳା

ଲଙ୍ଗଳେଶ୍ୱର ୨୦/୧ (ନିପ୍ର) ବାଲିଆପାଳ ଅନ୍ତର୍ଗତ ପ୍ରତାପପୁର ପଞ୍ଚାୟତ ସୁରୁଡିହା ବାତ୍ୟାଶ୍ରୟ ସ୍ଥଳରେ କିଶୋରୀ ବାଳିକା ମାନଙ୍କୁ ନେଇ କିଶୋରୀ ଦିବସ ଆୟୋଜନ ହୋଇଥିଲା । ପ୍ରତାପପୁର ଅଞ୍ଚଳରେ ଥିବା ଅଙ୍ଗନବାଡି କର୍ମୀ ଓ କିଶୋରୀ ମାନେ ଯୋଗଦେଇଥିଲେ । ଉକ୍ତ ସଭାରେ ପ୍ରତାପପୁର ସେକ୍ଟର ର ସୁପରଭାଇଜର ଅଞ୍ଜଳି ମୁର୍ମୁ ଅଧକ୍ଷ୍ୟତା କରିଥିଲେ । ଅତିଥି ଭାବେ ବିଶିଷ୍ଟ ଶିଶୁସାହିତ୍ୟିକ କବି ଓ ଶିକ୍ଷକ ନଳିନୀ କାନ୍ତ ପାଢ଼ୀ, ଏ ଏନ ଏମ ପୁଷ୍ପଲତା ଗିରି, ନିମାଇଁ ଗିରି, ୱାର୍ଡ ମେମ୍ବର ଅନିତା ଦାସ, ଆଶା କର୍ମୀ ମିନତୀ ଗିରି ଯୋଗ ଦେଇ ମୁଖ୍ୟମନ୍ତ୍ରୀଙ୍କ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା, ସ୍ୱାସ୍ଥ୍ୟ ସମସ୍ୟା ସଚେତନତା, ବାଲ୍ୟବିବାହକୁ ନାଁ, ପାଠ ପଢା ପ୍ରତି ଆଗ୍ରହ, ବାଳିକା ମାନଙ୍କ ର ସୃଜନ ଶୀଳ ବିକାଶ ଉପରେ ଆଲୋଚନା କରିବା ସହ ଜୀବନ କୌଶଳର ଶୈଳୀ ଉନ୍ନତ କରିବାକୁ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ସୁମତି ଦାସ ପ୍ରାରମ୍ଭିକ ସୂଚନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ବାଳିକା ମାନଙ୍କ ଦ୍ୱାରା ଭାଷଣ, ନୃତ୍ୟ ଓ ଝୋଟି ପ୍ରତିଯୋଗିତା ହୋଇଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo